# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୬/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 26/2025 Page 14 | ₹ 7.00 | RAYAGADA

୫୧ଶ ଭାଗ ୩୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 329 | ମୂଲ୍ୟ ₹୭/-









ପାଟନାରେ ଶନିବାର ଛଟ୍ ପର୍ବ ପାଳନ ଅବସରରେ ଶ୍ରଦ୍ଧାଳୁମାନେ ଗଙ୍ଗା ନଦୀକୂଳରେ ପ୍ରାର୍ଥନା ସାରି ଜଳଭର୍ତ୍ତି ପାତ୍ର ବୋହି ନେଉଛନ୍ତି। (ଫଟୋ: ପି.ଟି.)

# କାକିନାଡ଼ାରେ ସ୍ଥଳଭାଗ ଛୁଇଁବ 'ମୋନ୍ଥା'

ସ୍ପଷ୍ଟ ହେଲା ବାତ୍ୟା 'ମୋନ୍ଥା'ର ଗତିପଥ। ୨୮ ତାରିଖ ମଙ୍ଗଳବାର ସନ୍ଧ୍ୟାରୁ ରାତି ମଧ୍ୟରେ ଆନ୍ଧ୍ରପ୍ରଦେଶର କାକିନାଡ଼ା ଅଞ୍ଚଳରେ 'ମୋନ୍ଥା' ଭୀଷଣ ବାତ୍ୟାର ରୂପ ନେଇ ସ୍ଥଳଭାଗ ଛୁଇଁବ। ଏହି ସମୟରେ ପବନ ବେଗ ଘଣ୍ଟା ପ୍ରତି ୯୦/୧୦୦ କି.ମି. ରହିବ। ଏହାର ପ୍ରଭାବରେ ୨୭ ତାରିଖ ସୋମବାରଠାରୁ ୪ ଦିନ ଯାଏ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ପୂର୍ବାହ୍ନରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ସମସ୍ତ ଜିଲାକୁ ବାତ୍ୟା ଓ ବର୍ଷା ଆଲର୍ଟ ଜାରି କରାଯାଇଛି। ବାତ୍ୟାର ପ୍ରକୋପ ୧୫ ଜିଲା ଉପରେ ଅଧିକ ରହୁଥିବାରୁ ସେଠାରେ ସଜାଗ ରହିବାକୁ ସମ୍ପୃକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସ୍ପଷ୍ଟ କଲା ଆଇଏମ୍‌ଡି

■ ଓଡ଼ିଶାର ୧୫ ଜିଲାରେ ବାତ୍ୟା ପ୍ରଭାବ

ଭୁବନେଶ୍ୱର/ ଛତ୍ରପୁର (ବନ୍ଦନା ସେଠୀ /ରବିନାରାୟଣ ଜେନା/ ଦିଲ୍ଲୀପ ସାମଲ), ୨୫।୧୦

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଥିବା ଅବପାତ ଶନିବାର ସନ୍ଧ୍ୟା ସୁଦ୍ଧା ଗୋପାଳପୁରଠାରୁ ୧୦୩୦ କି.ମି. ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଦିଗରେ ରହିଛି। ଏହା ଘଣ୍ଟା ପ୍ରତି ୭ କି.ମି. ବେଗରେ ପଶ୍ଚିମ ଦିଗରେ ଗତି କରୁଛି। ରବିବାର ସୁଦ୍ଧା ଏହା ଗଭୀର ଅବପାତରେ ପରିଣତ ହେବା ସହିତ ୨୭ ତାରିଖ ସକାଳ ସୁଦ୍ଧା ଦକ୍ଷିଣ-ପଶ୍ଚିମ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ବାତ୍ୟାରେ ପରିଣତ ହେବ। ଏହାପରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୨୮ ତାରିଖ ସନ୍ଧ୍ୟା କିମ୍ବା ରାତି ବେଳକୁ ସ୍ଥଳଭାଗ ଛୁଇଁବ। ବାତ୍ୟା ପ୍ରଭାବରେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୪

# ୨ ଅଷ୍ଟ୍ରେଲୀୟ ମହିଳା ଖେଳାଳିଙ୍କୁ ଅସଦାଚରଣ

ଇନ୍ଦୋର, ୨୫।୧୦ (ଏଜେନ୍ସି)

ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଦୁଇ ଖେଳାଳିଙ୍କୁ ମଧ୍ୟପ୍ରଦେଶର ଇନ୍ଦୋରରେ ଜଣେ ବାଇକ୍ ଚାଳକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଅକିଲ ଖାନ୍‌ଙ୍କୁ ଶନିବାର ଇନ୍ଦୋର ପୋଲିସ ଗିରଫ କରିଛି। ବିଦେଶରୁ ଆସିଥିବା ମହିଳା ଖେଳାଳିଙ୍କ ସହ ଏଭଳି ଆଚରଣ ଭାରତର ଛବିକୁ ନିନ୍ଦିତ କରିଛି।

ସୂଚନା ମୁତାବକ, ଆଇସିସି ଓମେନ୍ସ କ୍ରିକେଟ ୱାର୍ଲ୍ଡକପ୍ ମ୍ୟାଚ୍‌ରେ ଭାଗନେବା ପାଇଁ ଅଷ୍ଟ୍ରେଲୀୟ ଟିମ୍ ଇନ୍ଦୋରକୁ ଆସିଥିଲା। ସେଥିରେ ସାମିଲ ଥିବା ଦୁଇ ମହିଳା ଖେଳାଳି ଗୁରୁବାର ସକାଳେ ☞ପୃଷ୍ଠା-୪

# ବିମାନ ଚଳାଚଳ କ୍ଷେତ୍ରକୁ ୪,୧୮୨ କୋଟି

■ ୫ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ

■ ୬ ସହରରେ ଗଡ଼ିବ ୨୦୦ ଇ-ବସ୍

ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରର ଭିତ୍ତିଭୂମି ବିକାଶ ସହ ଏହାକୁ ଅଧିକ ପ୍ରଶସ୍ତ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମେ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ବିମାନ ସମ୍ପତ୍ତି ଓ ନେଟ୍‌ୱର୍କ ନିର୍ମାଣ ଏବଂ ପରିଚାଳନା (ବିଏମ୍ଏଏନ୍) ଏକୀକୃତ ଯୋଜନାରେ ଆଗାମୀ ୫ ବର୍ଷରେ ୪,୧୮୨ କୋଟି ଟଙ୍କା ଖର୍ଚ୍ଚ କରାଯିବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ସମସ୍ତଙ୍କ ପାଇଁ ବିମାନ ଯାତ୍ରାକୁ ସହଜ କରାଯିବ। ଫଳରେ ଓଡ଼ିଶା ବିମାନ ଚଳାଚଳ କ୍ଷେତ୍ରରେ ପୂର୍ବ ଭାରତର ଏକ ବିକଶିତ ରାଜ୍ୟରେ ପରିଣତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହାବାଦ୍ ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼, ଆହାର ଯୋଜନାକୁ ତ୍ୱରାନ୍ୱିତ କରିବା, ଲୋକଙ୍କ ଗମନାଗମନ ସୁବିଧା ପାଇଁ ୨୦୦ ନୂଆ ବସ୍ କିଣିବା ସମେତ ୫ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଭୁବନେଶ୍ୱର, ୨୫।୧୦ (ରବିନାରାୟଣ ଜେନା)

ରାଜ୍ୟରେ ଚାଷୀକୁଳଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା, ସମସ୍ତଙ୍କ ପାଇଁ ବିମାନ ସେବା ଯୋଗାଇଦେବା, ଆହାର ଯୋଜନାକୁ ତ୍ୱରାନ୍ୱିତ କରିବା ଭଳି ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଶନିବାର ରାଜ୍ୟ କ୍ୟାବିନେଟ୍ ମୋହର ମାରିଛନ୍ତି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, କ୍ୟାବିନେଟ ବୈଠକରେ ୪ଟି ବିଭାଗର ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ମୁଖ୍ୟସଚିବ କହିଛନ୍ତି, ବିକଶିତ ଓଡ଼ିଶା-୨୦୩୬କୁ ଦୃଷ୍ଟିରେ ରଖି ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ବିମାନ ସମ୍ପତ୍ତି ଏବଂ ନେଟ୍‌ୱର୍କ ନିର୍ମାଣ ଏବଂ ପରିଚାଳନା (ବି-ଏମ୍ଏଏନ୍) ଏକୀକୃତ ଯୋଜନାରେ ୨୦୨୫ରୁ ୨୦୩୦ ବର୍ଷ ମଧ୍ୟରେ ୪,୧୮୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ବିମାନ ଚଳାଚଳର ସମସ୍ତ ଦିଗକୁ ଏକ ବ୍ୟାପକ ଢାଞ୍ଚାରେ ପରିବର୍ତ୍ତନ କରିବା ପାଇଁ ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି ସମସ୍ତଙ୍କ ପାଇଁ ବିମାନ ସେବା ସହଜସାଧ୍ୟ କରିବା; ଯାହା କି ପୂର୍ବ ଭାରତରେ ଏକ ଅଗ୍ରଣୀ ବିମାନ ଚଳାଚଳ କେନ୍ଦ୍ର ଭାବରେ ଓଡ଼ିଶା ସ୍ଥାନିତ ହୋଇପାରିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

ସେ କହିଛନ୍ତି, ଏହି ଯୋଜନାରେ ବିମାନ କ୍ଷେତ୍ର ଭିତ୍ତିଭୂମି ବିକାଶ ଏବଂ ଆଧୁନିକୀକରଣ କରାଯିବ; ଯେଉଁଥିରେ ଆଞ୍ଚଳିକ ପ୍ରଦେଶ ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରିବା ପାଇଁ ଅନୁନ୍ନତ ଅଞ୍ଚଳରେ ଗ୍ରୀନ୍‌ଫିଲ୍ଡ ଏବଂ ବ୍ରାଉନ୍‌ଫିଲ୍ଡ ବିମାନବନ୍ଦର ସମେତ ରାଜ୍ୟବ୍ୟାପୀ ବିମାନବନ୍ଦର ଏବଂ ହେଲିପୋର୍ଟଗୁଡ଼ିକର ବିକାଶ, ଉନ୍ନତୀକରଣ ଏବଂ ରକ୍ଷଣାବେକ୍ଷଣ ☞ପୃଷ୍ଠା-୪



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ


## ଆଜିର ସମ୍ପାଦକୀୟ

ମମଦାନିଙ୍କ ମଡେଲ


## ଆଜିର ମନ୍ତବ୍ୟ


"କେନ୍ଦ୍ର ସରକାରଙ୍କ ଡିବିଟି ପଦକ୍ଷେପର ପ୍ରକୃତ ହିତାଧିକାରୀ ଲୋକେ ନୁହନ୍ତି, ବରଂ ପ୍ରଧାନମନ୍ତ୍ରୀଙ୍କ କେତେଜଣ ଉତ୍ତମ ବନ୍ଧୁ।

-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ






# ଅଭିନେତା ସତୀଶ ଶାହଙ୍କ ପରଲୋକ



ମୁମ୍ବାଇ, ୨୫।୧୦

ବଲିଉଡ୍‌ର ବର୍ଷୀୟାନ ଅଭିନେତା ସତୀଶ ଶାହଙ୍କର ଶନିବାର ଅପରାହ୍ନରେ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ହୋଇଥିଲା। ସରାଭାଇ ଭର୍ସେସ୍ ସରାଭାଇ, ଜାନେ ଭି ଦୋ ୟାରୋ ଏବଂ ମେଁ ହୁଁ ନା ଭଳି ବହୁ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ପାଇଁ ଚର୍ଚ୍ଚିତ ଏହି ଲୋକପ୍ରିୟ ☞ପୃଷ୍ଠା-୪

# ବସ୍‌କୁ ଗୋଡ଼ାଇଲା ହାତୀ

ବେତନଟୀ, ୨୫।୧୦ (ଧରଣୀଧର ମହାନ୍ତି)

ଖାଦ୍ୟ ଅନ୍ୱେଷଣରେ ବନ୍ୟଜନ୍ତୁ ଜନବସତିମୁହାଁ ହେଉଛନ୍ତି। ବିଭିନ୍ନ ସମୟରେ ହାତୀପଲ ଜନବସତିରେ ପଶି ଘରଦ୍ୱାର ଭାଙ୍ଗିବା ସହ ଚାଷଜମିରେ ପଶି ଦଳମକଚି ନଷ୍ଟ କରିଦେଉଛନ୍ତି। ଅନେକ ସମୟରେ ଜୀବନହାନି ମଧ୍ୟ ହେଉଛି। ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ ଅଧୀନ ବିଭିନ୍ନ ଜଙ୍ଗଲରେ ରହୁଥିବା ହାତୀପଲ ଆଖପାଖ ଗାଁକୁ ପଶି ଆସୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଛନ୍ତି। ଶନିବାର ଏକ ଦନ୍ତା ହାତୀ ରାସ୍ତା ଉପରେ ଏକ ବସ୍‌କୁ ଶୁଣ୍ଢରେ ଠେଲିବା ସହ ଗୋଡ଼ାଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ବସ୍‌ରେ ଥିବା ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଭୟଭୀତ ହୋଇପଡ଼ିଥିଲେ। କୌଶଳକ୍ରମେ ଡ୍ରାଇଭର ବସ୍‌ଟିକୁ ଚଳାଇ ନେଇ ସେଠାରୁ ପଳାଇଯାଇଥିଲେ। ଫଳରେ ଯାତ୍ରୀମାନେ ମୃତ୍ୟୁମୁଖରୁ ବଞ୍ଚିଯାଇଥିଲେ।

ଶନିବାର ସକାଳେ ବେତନଟୀ ବ୍ଲକର ମେର୍ଦ୍ଦାଠାରୁ ସାରସକଣା ଯାଉଥିବା ଏକ ବସ୍ ମେର୍ଦ୍ଦା ବେତନଟୀ ରାସ୍ତାର ଭୁରକୁଣ୍ଡି ଗ୍ରାମ ନିକଟରେ ରହିଥିଲା। ହଠାତ୍ ବସ୍ ସମ୍ମୁଖକୁ ଏକ ଦନ୍ତା ହାତୀ ଚାଲିଆସି ଶୁଣ୍ଢରେ ଠେଲି ଗଡାଇଦେବା ପାଇଁ ଚେଷ୍ଟା କରିଥିଲା। ସ୍ଥାନୀୟ ଗ୍ରାମବାସୀ ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁଥିବା ବେଳେ କୌଶଳକ୍ରମେ ଡ୍ରାଇଭର ବସ୍‌କୁ ଦ୍ରୁତଗତିରେ ଚଳାଇ ସେଠାରୁ ପଳାଇଯାଇଥିଲା। ଫଳରେ ବସ୍‌ରେ ଥିବା ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ☞ପୃଷ୍ଠା-୪



ମୟୂରଭଞ୍ଜର ଭୁରକୁଣ୍ଡି ଗ୍ରାମରେ ଯାତ୍ରୀବାହୀ ବସ୍‌କୁ ହାତୀ ଗୋଡ଼ାଉଛି।

## ଯାତ୍ରୀ ଆତଙ୍କିତ




## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଶନିବାର ୟୁନିଭର୍ସିଟି କଲେଜ ଅଫ୍ ମେଡିକାଲ ସାଇନ୍ସେସ୍‌ର ୫୪ତମ ପ୍ରତିଷ୍ଠା ଦିବସ ଓ ସମାବର୍ତ୍ତନ ଉତ୍ସବର ଶୁଭାରମ୍ଭ କରୁଛନ୍ତି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ। (ଫଟୋ- ଚମନ ଗୌତମ)

# ଆସନ୍ତା ସପ୍ତାହରୁ ଦେଶବ୍ୟାପୀ ପ୍ରଥମ ପର୍ଯ୍ୟାୟ ଏସ୍‌ଆଇଆର୍

**ନୂଆଦିଲ୍ଲୀ,୨୫।୧୦(ପି.ଟି.)**

ନିର୍ବାଚନ କମିଶନ (ଇସି) ଆସନ୍ତା ସପ୍ତାହରୁ ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିପାରନ୍ତି। ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିବା ରାଜ୍ୟ ସମେତ ୧୦ରୁ ୧୫ଟି ରାଜ୍ୟରେ ପ୍ରଥମେ ଏସ୍‌ଆଇଆର୍ ଆରମ୍ଭ ହୋଇପାରେ ବୋଲି କେତେଜଣ ଅଧିକାରୀ ଶନିବାର ସୂଚନା ଦେଇଛନ୍ତି। ୨୦୨୬ରେ ଆସାମ, ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହେବାକୁ ଥିବା ଏସ୍‌ଆଇଆର୍‌ରେ ଉକ୍ତ ରାଜ୍ୟଗୁଡ଼ିକ ରହିଛି। ଏନେଇ ଆସନ୍ତା ସପ୍ତାହ ମଧ୍ୟଭାଗରେ ନିର୍ବାଚନ କମିଶନ ଘୋଷଣା କରିପାରନ୍ତି। ତେବେ ଯେଉଁ ରାଜ୍ୟଗୁଡ଼ିକରେ ପଞ୍ଚାୟତ ବା ପୌର ନିର୍ବାଚନ ହେଉଛି କିମ୍ବା ହେବାକୁ ଯାଉଛି, ସେଠାରେ ଏବେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ହେବ ନାହିଁ। ସେହି ରାଜ୍ୟଗୁଡ଼ିକରେ ଦ୍ୱିତୀୟ ପର୍ଯ୍ୟାୟରେ ଏସ୍‌ଆଇଆର୍ ହେବ ବୋଲି ଅଧିକାରୀମାନେ କହିଛନ୍ତି।

ସୂଚନାଯୋଗ୍ୟ, ବିହାରରେ ନଭେମ୍ବର ୬ ଓ ୧୧ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ସେଠାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କରାଯାଇ ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା। ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ଇସି ଇତିମଧ୍ୟରେ ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସହ ଦୁଇଟି ସମ୍ମିଳନୀ କରିସାରିଲେଣି। କେତେଜଣ ସିଇଓ ସେମାନଙ୍କ ରାଜ୍ୟରେ ହୋଇଥିବା ଶେଷ ଏସ୍‌ଆଇଆର୍ ପରବର୍ତ୍ତୀ ଭୋଟର ତାଲିକା ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଛନ୍ତି। ଶେଷ ଏସ୍‌ଆଇଆର୍‌କୁ କଟ୍-ଅଫ୍ ତାରିଖ ଭାବେ ନିଆଯାଇ ପରବର୍ତ୍ତୀ ଏସ୍‌ଆଇଆର୍ କରାଯିବ। ଅଧିକାଂଶ ରାଜ୍ୟରେ ୨୦୦୨ରୁ ୨୦୦୪ ମଧ୍ୟରେ ଶେଷ ଥର ପାଇଁ ଏସ୍‌ଆଇଆର୍ ହୋଇଥିଲ। ଜନ୍ମସ୍ଥାନ ଯାଞ୍ଚ କରି ବିଦେଶୀ ବେଆଇନ ଆପ୍ରବାସୀଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ହେଉଛି ଏସ୍‌ଆଇଆର୍‌ର ପ୍ରାଥମିକ ଲକ୍ଷ୍ୟ।

## ସଂକ୍ଷେପରେ

### ୧.୮ ଲକ୍ଷ ଟଙ୍କାରେ ଶିଶୁ ବିକ୍ରି

### ନିଶାସକ୍ତ ଦମ୍ପତି ଗିରଫ

**ଚଣ୍ଡିଗଡ଼,୨୫।୧୦**

ପଞ୍ଜାବ ମନ୍‌ସା ଜିଲା ଅନ୍ତର୍ଗତ ଆକବରପୁର ଖୁଡାଲ ଗ୍ରାମରେ ଡ୍ରଗ୍ସ ଅଭ୍ୟସ୍ତ ଦମ୍ପତି ସେମାନଙ୍କ ୬ ମାସର ଶିଶୁପୁତ୍ରକୁ ୧.୮ ଲକ୍ଷ ଟଙ୍କାରେ ଜଣେ ସ୍କ୍ରାପ୍ ଡିଲରଙ୍କୁ ବିକ୍ରି କରିଦେଇଥିଲେ। ସେମାନେ ପୂର୍ବରୁ ଘରର ଜିନିଷପତ୍ର ବିକ୍ରି ଉକ୍ତ ଟଙ୍କାରେ ଡ୍ରଗ୍ସ କିଣୁଥିଲେ। ଶିଶୁ ଚାଲାଣ ଅଭିଯୋଗରେ ପଞ୍ଜାବ ପୋଲିସ ଶିଶୁର ମା'ବାପାଙ୍କ ସମେତ ୪ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଶିଶୁକୁ ତା'ର ମା'ବାପାଙ୍କ ପାଖକୁ ଫେରାଇ ଆଣିବା ପାଇଁ ମାମୁ ପୋଲିସକୁ ନିବେଦନ କରିବା ପରେ ଘଟଣା ପଦାକୁ ଆସିଥିଲା। ଶିଶୁର ମାଆ ପୂର୍ବରୁ ଜଣେ କୁସ୍ତିଯୋଦ୍ଧା ଥିବାବେଳେ ବିବାହ ପରେ ଡ୍ରଗ୍ସ ଅଭ୍ୟସ୍ତ ହୋଇଯାଇଥିଲେ। ସ୍ୱାମୀ ମଧ୍ୟ ଜଣେ ଅଭ୍ୟାସଗତ ଡ୍ରଗ୍ସ ସେବନକାରୀ। ନିଶା ପାଇଁ ସେମାନେ ସବୁକିଛି ବିକି ଘର ବାରଣ୍ଡାରେ ଏକ ଅସ୍ଥାୟୀ ରୋଷେଇଘରେ ରହୁଛନ୍ତି। ପିଲାକୁ ପାଳିବାରେ ଅକ୍ଷମ ଥିବାରୁ ସେମାନେ ତାକୁ ବିକ୍ରି କରିଦେଇଥିବା ଜଣାପଡ଼ିଛି।

### ଭାଜପାରେ ଯୋଗଦେଲେ ଆର୍‌ଜେଡି ନେତ୍ରୀ ପ୍ରତିମା କୁଶୱାହା



**ପାଟନା,୨୫।୧୦(ପି.ଟି.)**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆର୍‌ଜେଡିନେତ୍ରୀ ତଥା ଦଳର ରାଜ୍ୟ ମହିଳା ଶାଖା ମୁଖ୍ୟ ପ୍ରତିମା କୁଶୱାହା ଶନିବାର ଭାଜପାରେ ଯୋଗ ଦେଇଛନ୍ତି। ବିରୋଧୀ ଦଳରେ ତୃଣମୂଳ ସ୍ତରର ନେତାମାନଙ୍କୁ ସମ୍ମାନ ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ ସଭାପତି ଦିଲୀପ ଜୟସ୍ୱାଲ ପ୍ରତିମାଙ୍କୁ ଗୈରିକ ଦଳରେ ସ୍ୱାଗତ କରିଛନ୍ତି। ଆର୍‌ଜେଡି ଏବଂ କଂଗ୍ରେସରେ ବଂଶବାଦ ରାଜନୀତି ଏତେ ବଢ଼ିଯାଇଛି ଯେ ନେତାମାନଙ୍କର ଉକ୍ତ ଦଳରୁ ମୋହଭଙ୍ଗ ହୋଇଗଲାଣି। ତେଣୁ ସେମାନେ ବହୁସଂଖ୍ୟାରେ ଭାଜପାରେ ଯୋଗଦେଉଥିବା ଜୟସ୍ୱାଲ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ବିହାରରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ ସରକାର ଗଢ଼ିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ଲାଲୁ ଯାଦବଙ୍କ ନେତୃତ୍ୱରେ ଆର୍‌ଜେଡି ଯେପରି ଥିଲା ଏବେ ତାହା ନାହିଁ। ଦଳର ନେତାମାନଙ୍କୁ ସମ୍ମାନ ମିଳୁ ନ ଥିବା ପ୍ରତିମା କହିଛନ୍ତି।

### ଆଦାନୀ ସିକ୍ୟୁରିଟିଜ୍‌ରେ ଏଲ୍‌ଆଇସିର ନିବେଶ

# ପିଏସି ତଦନ୍ତ ଦାବିକଲା କଂଗ୍ରେସ

**ନୂଆଦିଲ୍ଲୀ,୨୫।୧୦(ପି.ଟି.)**

ଶେୟାର ବଜାରରେ କ୍ଷତିର ସମ୍ମୁଖୀନ ହୋଇଥିବା ଆଦାନୀ ଗ୍ରୁପ୍‌କୁ ସହାୟତା କରିବା ପାଇଁ ରାଷ୍ଟ୍ରାୟତ୍ତ କମ୍ପାନୀ ଜୀବନ ବୀମା ନିଗମ (ଏଲ୍‌ଆଇସି) ଆଦାନୀ ସିକ୍ୟୁରିଟିଜ୍‌ରେ ବିପୁଳ ପୁଞ୍ଜିନିବେଶ କରିଥିବା ୱାଶିଂଟନ ପୋଷ୍ଟରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ଜଣାପଡ଼ିବା ପରେ ପାର୍ଲାମେଣ୍ଟର ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି) ଜୀବନ ବୀମା ନିଗମର ତଦନ୍ତ କରିବାକୁ କଂଗ୍ରେସ ଶନିବାର ଦାବି କରିଛି। ତେବେ ଏଲ୍‌ଆଇସି ଅଭିଯୋଗକୁ ମିଥ୍ୟା ଓ ଭିତ୍ତିହୀନ କହି ଖଣ୍ଡନ କରିଛି।

ଏଲ୍‌ଆଇସିରେ ୩୦ କୋଟି ବୀମାଧାରୀ ସଞ୍ଚୟ କରିଥିବାବେଳେ ଆଦାନୀ ଗ୍ରୁପ୍‌ର ଲାଭ ପାଇଁ ଏହାକୁ କୌଶଳଗତ ଭାବେ ଦୁରୁପଯୋଗ କରାଯାଉଥିବା କଂଗ୍ରେସ ସାଧାରଣ ସମ୍ପାଦକ ତଥା ଗଣମାଧ୍ୟମ ପ୍ରଭାରୀ ଜୟରାମ ରମେଶ ଅଭିଯୋଗ କରିଛନ୍ତି। କେତେକ ଆଭ୍ୟନ୍ତରୀଣ ଦସ୍ତାବିଜ୍‌କୁ ଆଧାରକରି ୱାଶିଂଟନ ପୋଷ୍ଟ ଉପରୋକ୍ତ ଖବର ଛାପିବା ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ୨୦୨୫ ମେ'ରେ ଆଦାନୀ ଗ୍ରୁପ୍‌ର ବିଭିନ୍ନ କମ୍ପାନୀରେ ପ୍ରାୟ ୩୩,୦୦୦ କୋଟି ଟଙ୍କା ଏଲ୍‌ଆଇସି ପାଣ୍ଠି ନିବେଶ କରିବା ପାଇଁ ଭାରତୀୟ ଅଧିକାରୀମାନେ ପ୍ରସ୍ତାବ ପ୍ରସ୍ତୁତ କରିବା ସହ ଏହାକୁ ମଞ୍ଜୁର କରାଇଥିଲେ। ପୂର୍ବରୁ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍ ବିରୋଧରେ ଷ୍ଟକ୍ ଜାଲିଆତି ଅଭିଯୋଗ ଆଣିଥିବାବେଳେ ପୁଞ୍ଜି ବଜାର ନିୟନ୍ତ୍ରକ ସେବି ଉକ୍ତ ଗ୍ରୁପ୍‌କୁ କ୍ଲିନ୍‌ଚିଟ୍ ଦେଇଥିଲା। ଗ୍ରୁପ୍‌ର କମ୍ପାନୀଗୁଡ଼ିକ ମଧ୍ୟରେ ପାଣ୍ଠି କାରବାର କୌଣସି ନିୟମାବଳୀର ଉଲ୍ଲଂଘନ କରୁ ନ ଥିବା ସେବି କହିଥିଲା। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ସେବି ଷ୍ଟକ୍ ଜାଲିଆତି ଅଭିଯୋଗର ତଦନ୍ତ କରିଥିଲା।

ଏଲ୍‌ଆଇସି ପକ୍ଷରୁ Xରେ ପୋଷ୍ଟ କରାଯାଇଥିବା ଏକ ବିବୃତିରେ କୁହାଯାଇଛି, ଏହାର ନିବେଶ ନିଷ୍ପତ୍ତି ବାହ୍ୟ କାରକ ଦ୍ୱାରା ପ୍ରଭାବିତ ହେଉଥିବା ନେଇ ୱାଶିଂଟନ ପୋଷ୍ଟ ଆଣିଥିବା ଅଭିଯୋଗ ମିଥ୍ୟା, ଭିତ୍ତିହୀନ ଏବଂ ସତ୍ୟତାଠାରୁ ବହୁ ଦୂରରେ। ରିପୋର୍ଟରେ ଦର୍ଶାଯାଇଥିବା ସେଭଳି କୌଣସି ଦସ୍ତାବିଜ୍ କିମ୍ବା ଯୋଜନା ଏଲ୍‌ଆଇସି କେବେ ପ୍ରସ୍ତୁତ କରିନାହିଁ, ଯାହାକି ଆଦାନୀ ଗ୍ରୁପ୍ ଅଫ୍ କମ୍ପାନିଜ୍‌ରେ ଏଲ୍‌ଆଇସିର ପାଣ୍ଠି ବିନିଯୋଗ କରିବା ଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବ। ସବିଶେଷ ତଥା ଉପଯୁକ୍ତ ଭାବେ କାର୍ଯ୍ୟ କରିବା ପରେ ବୋର୍ଡର ଅନୁମୋଦିତ ନୀତି ଆଧାରରେ ଏଲ୍‌ଆଇସି ସ୍ୱାଧୀନ ଭାବେ ନିବେଶ ନିଷ୍ପତ୍ତି ନେଇଥାଏ। ଏଭଳି ନିଷ୍ପତ୍ତିରେ ଆର୍ଥିକ ସେବା କିମ୍ବା ଅନ୍ୟ କୌଣସି ବିଭାଗର କୌଣସି ଭୂମିକା ନାହିଁ ବୋଲି ଏଲ୍‌ଆଇସି ପକ୍ଷରୁ ସଫେଇ ଦିଆଯାଇଛି। ଅନ୍ୟପକ୍ଷରେ କଂଗ୍ରେସର ଅଭିଯୋଗ ଉପରେ ଆଦାନୀ ଗ୍ରୁପ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସରକାରଙ୍କ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ପଦକ୍ଷେପର ପ୍ରକୃତ ହିତାଧିକାରୀ ଭାରତର ସାଧାରଣ ଲୋକ ନୁହନ୍ତି ବରଂ ମୋଦିଙ୍କ କେତେଜଣ ଉତ୍ତମ ବନ୍ଧୁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ବେତନଭୋଗୀ ମଧ୍ୟବିତ୍ତ ଶ୍ରେଣୀ ସେମାନଙ୍କ ଏଲ୍‌ଆଇସି ପ୍ରିମିୟମ୍ ଭାବେ ପୈଠ କରୁଥିବା ପ୍ରତ୍ୟେକ ମୁଦ୍ରାକୁ ମୋଦି ଆଦାନୀ ଗ୍ରୁପ୍‌କୁ କ୍ଷତିରୁ ବଞ୍ଚାଇବା ପାଇଁ ବ୍ୟବହାର କରୁଥିବା ସେମାନେ ଜାଣନ୍ତି କି? ଏହା ଲୁଟ୍ ଏବଂ ବିଶ୍ୱାସର ଉଲ୍ଲଂଘନ ନୁହେଁ କି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ଆଦାନୀ ଗ୍ରୁପ୍‌ରେ କାହିଁକି ଏଲ୍‌ଆଇସି ପାଣ୍ଠି ବିନିଯୋଗ ହୋଇଥିଲା ଏବଂ ୨୦୨୫ ମେ'ରେ ୩୩,୦୦୦ କୋଟି ନିବେଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା କେନ୍ଦ୍ର ସରକାର ତାହାର ଉତ୍ତର ଦେବେ କି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ଏପରିକି ପୂର୍ବରୁ ୨୦୨୩ରେ ଆଦାନୀ ଶେୟାର ୩୨ ପ୍ରତିଶତରୁ ଅଧିକ ଖସିଥିବାବେଳେ ଆଦାନୀ ଏଫ୍‌ପିଓରେ ଏଲ୍‌ଆଇସି ଏବଂ ଏସ୍‌ବିଆଇର ୫୨୫ କୋଟି ଟଙ୍କା ନିବେଶ ହୋଇଥିଲା କ'ଣ ପାଇଁ ବୋଲି କଂଗ୍ରେସ୍ ଅଧ୍ୟକ୍ଷ ପ୍ରଶ୍ନ କରିଛନ୍ତି।



ମଲ୍ଲିକାର୍ଜୁନ ଖାର୍ଗେ

### ସାର୍‌କ୍ରିକ୍‌ରେ ଭାରତର ସମରାଭ୍ୟାସ ପୂର୍ବରୁ ପାକ୍ ବାୟୁସୀମାରେ କଟକଣା

**ଇସ୍‌ଲାମାବାଦ,୨୫।୧୦**

ପାକିସ୍ତାନ ସୀମାବର୍ତ୍ତୀ ସାର୍‌କ୍ରିକ୍‌ରେ ଭାରତୀୟ ସେନାର ୩ ବାହିନୀ ସମରାଭ୍ୟାସ କରିବାକୁ ଯାଉଥିବାବେଳେ ଏହା ପୂର୍ବରୁ ଇସ୍‌ଲାମାବାଦ ଏହାର ବାୟୁସୀମାରେ କଟକଣା ଲଗାଇଛି। ପାକିସ୍ତାନ ଏୟାରସ୍ପେସ୍‌ର ଅନେକ ବିମାନ ଚଳାଚଳ ରୁଟ୍‌ରେ ଏହି କଟକଣା ଲାଗୁ ହୋଇଥିବା ନେଇ ଇସ୍‌ଲାମାବାଦ ବିଜ୍ଞପ୍ତି ଜାରି କରିଛି। ଅକ୍ଟୋବର ୨୮-୨୯ ପାଇଁ ନୋଟାମ୍ (ନୋଟିସ୍ ଟୁ ଏୟାରମେନ୍) ଜାରିର କାରଣ ସମ୍ପର୍କରେ ପାକିସ୍ତାନ କିଛି ଜଣାଇନାହିଁ। ସମ୍ଭାବ୍ୟ ଅସ୍ତ୍ର ପରୀକ୍ଷା ହୋଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଅକ୍ଟୋବର ୩୦ରୁ ନଭେମ୍ବର ୧୦ ପାକ୍ ସୀମା ସଂଲଗ୍ନ ସାର୍‌କ୍ରିକ୍‌ରେ ତିନି ସେନାର ମିଳିତ ସମରାଭ୍ୟାସ ପାଇଁ ଭାରତ ନୋଟାମ୍ ଜାରି କରିଥିଲା।

# ମହିଳା ଡାକ୍ତରଙ୍କ ଆତ୍ମହତ୍ୟାର ଏସ୍‌ଆଇଟି ତଦନ୍ତ ଦାବି

**ମୁମ୍ବାଇ,୨୫।୧୦**

ମହାରାଷ୍ଟ୍ର ସତାରା ଜିଲା ଫଲ୍‌ଟନ ସବ୍-ଡିଷ୍ଟ୍ରିକ୍ଟ ହସ୍ପିଟାଲରେ ୨ ବର୍ଷ ହେଲା ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ୨୮ ବର୍ଷୀୟା ମହିଳା ଡାକ୍ତରଙ୍କ ଆତ୍ମହତ୍ୟାର ନିରପେକ୍ଷ ତଦନ୍ତ ପାଇଁ ବିରୋଧୀ ଦଳ ଦାବି କରିଛି। ତାଙ୍କୁ ପୋଲିସ ଏସ୍‌ଆଇ ଗୋପାଳ ବଦ୍‌ନେ ୪ ଥର ବଳାତ୍କାର କରିବା ସହ ଇନ୍‌ସ୍ପେକ୍ଟର ପ୍ରଶାନ୍ତ ବାଙ୍କର ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଜଣେ ଏମ୍‌ପି ମଧ୍ୟ ତାଙ୍କ ଉପରେ ଚାପ ପକାଉଥିବା ସୁଇସାଇଡ୍ ନୋଟ୍‌ରେ ଅଭିଯୋଗ ହୋଇଛି। ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ନେଇ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ମେଡିକାଲ ରିପୋର୍ଟ ବଦଳାଇବା ପାଇଁ ବଦ୍‌ନେ ଏବଂ ତାଙ୍କ ସହଯୋଗୀ ବାରମ୍ବାର ଡାକ୍ତରଙ୍କ ଉପରେ ଚାପ ପକାଇବା ସହ ଧମକ ଦେଉଥିଲେ ବୋଲି ତାଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଜୁନ୍‌ରେ ଡିଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏହି ଘଟଣାରେ ମହାରାଷ୍ଟ୍ର ସରକାରଙ୍କୁ ବିରୋଧୀ ଟାର୍ଗେଟ କରିଛନ୍ତି। ମହିଳା ଡାକ୍ତରଙ୍କ ନିର୍ଦ୍ଦିଷ୍ଟ ସାଂଜ୍ଞା ଏବଂ ସେ ବିଡ୍ ଜିଲାର ହୋଇଥିବାରୁ ତାଙ୍କ ଅଭିଯୋଗକୁ ଅଣଦେଖା କରାଯାଇଥିଲା, ଯାହା ଗମ୍ଭୀର ଘଟଣା ବୋଲି ଏନ୍‌ସିପି ନେତା ଧନଞ୍ଜୟ ମୁଣ୍ଡେ କହିଛନ୍ତି। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଦ୍ୱାରା ସମଗ୍ର ଘଟଣାର ଉପଯୁକ୍ତ ତଦନ୍ତ ସହ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ପାଇଁ ସେ ଦାବି କରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ଚିଠି ଲେଖି ଦାବି କରିବେ ବୋଲି କହିଛନ୍ତି।

# ଦିଲ୍ଲୀର ପ୍ରତି ୪ରୁ ୩ ପରିବାର ଦୂଷିତ ବାୟୁ ପ୍ରଭାବ ଅନୁଭବ କରୁଛନ୍ତି: ସର୍ଭେ

**ନୂଆଦିଲ୍ଲୀ,୨୫।୧୦(ପି.ଟି.)**

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ର ପ୍ରତି ୪ରୁ ୩ ପରିବାର ପ୍ରଦୂଷଣଜନିତ ବିଷାକ୍ତ ବାୟୁର ପ୍ରଭାବ ଅନୁଭବ କରୁଥିବା ଏକ ସର୍ଭେରୁ ଜଣାପଡ଼ିଛି। ଗଳାରେ ଯନ୍ତ୍ରଣା ହେବା, କାଶ ଏବଂ ଆଖି ପୋଡ଼ିବା, ମୁଣ୍ଡବିନ୍ଧା ଏବଂ ନୀଦରେ ବ୍ୟାଘାତ ଆଦି ସେମାନଙ୍କ ସାଧାରଣ ଅଭିଯୋଗ। ଲୋକାଲ ସର୍କଲ୍ସ ନାମକ ନାଗରିକଙ୍କ ସହ ଜଡ଼ିତ ଏକ ଅନ୍‌ଲାଇନ୍ ସର୍ଭେରୁ ଏହା ସାମ୍ନାକୁ ଆସିଛି।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ତଥ୍ୟକୁ ଅନୁଧ୍ୟାନ କଲେ ଦେଖାଯାଏ ଦୀପାବଳି ପରେ ବାୟୁରେ ପିଏମ୍ ୨.୫ ସ୍ତର ଘନମିଟର ପ୍ରତି ୪୮୮ ମାଇକ୍ରୋଗ୍ରାମ୍‌ରେ ପହଞ୍ଚିଛି, ଯାହାକି ୫ ବର୍ଷ ମଧ୍ୟରେ ସର୍ବାଧିକ। ଦୀପାବଳି ପୂର୍ବରୁ ପିଏମ୍ ୨.୫ ସ୍ତର ୧୫୬.୬ ମାଇକ୍ରୋଗ୍ରାମ ଥିବାବେଳେ ପରେ ଏହା ୩ ଗୁଣ ବଢ଼ିଛି। ଦୀପାବଳି ରାତି ଓ ତା ପରଦିନ ଭୋର ସମୟରେ ପ୍ରଦୂଷଣ ସ୍ତର ସର୍ବାଧିକ ଥିଲା। ସର୍ଭେରେ ଦିଲ୍ଲୀ, ଗୁରୁଗ୍ରାମ, ନଏଡ଼ା, ଫରିଦାବାଦ ଏବଂ ଗାଜିଆବାଦ୍‌ର ୪୪,୦୦୦ ଲୋକଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିବାବେଳେ ୪୨ ପ୍ରତିଶତ ପରିବାରର ଜଣେ ବା ୨ ଜଣ ସଦସ୍ୟଙ୍କଠାରେ ଗଳା ଫୁଲିବା ବା କାଶ ହେବା ସମସ୍ୟା ଥିବା ଜଣାପଡ଼ିଛି। ସେହିପରି ୨୫ ପ୍ରତିଶତ ପରିବାର ସଦସ୍ୟ ଆଖି ଜଳାପୋଡ଼ା, ମୁଣ୍ଡବିନ୍ଧା କିମ୍ବା ଶୋଇବାରେ ସମସ୍ୟା ହେଉଥିବା ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ୧୭ ପ୍ରତିଶତ ପରିବାର ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ବା ଆଜ୍‌ମା ବଢ଼ିଯାଇଥିବା ଜଣାଇଛନ୍ତି।



ଲୋକାଲ ସର୍କଲ୍ସର କହିବା ଅନୁଯାୟୀ ୪୪ ପ୍ରତିଶତ ପରିବାରର ଲୋକେ ବାହାରକୁ ଯିବା କମାଇଦେବା ସହ ଦୂଷିତ ବାୟୁଜନିତ ପ୍ରଭାବରୁ ମୁକ୍ତି ପାଇବା ପାଇଁ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିକାରକ ଖାଦ୍ୟପାନୀୟ ଗ୍ରହଣ କରୁଛନ୍ତି। ପ୍ରଦୂଷଣଜନିତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏକ ତୃତୀୟାଂଶ ପରିବାର ଡାକ୍ତରଙ୍କ ସହ ପରାମର୍ଶ କରିଥିବା ବା କରିବାକୁ ଯୋଜନା ରଖିଥିବା କହିଛନ୍ତି। ବନ୍ୟା ଓ ବିଳମ୍ବରେ ଫସଲ ଅମଳ ଯୋଗୁ ପଞ୍ଜାବ ଓ ହରିୟାଣାରେ ନଡ଼ା ପୋଡ଼ି ୭୭.୫% କମିଥିଲେ ମଧ୍ୟ ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ବିଭିନ୍ନ ଅଞ୍ଚଳରେ ୪୦୦ ଅତିକ୍ରମ କରିଛି, ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦିତ ସ୍ତରର ୨୪ ଗୁଣ। ପ୍ରଦୂଷଣ ରୋକିବା ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣ ଆହ୍ୱାନ ଦେଇଛନ୍ତି।

# ଲୋକପ୍ରିୟ ଅଭିନେତା ସତୀଶ ଶାହ

**ମୁମ୍ବାଇ**

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସତୀଶ ଶାହଙ୍କର ୭୪ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ଜାନେ ଭି ଦୋ ୟାରୋ, ୟେହ ଜୋ ହୈ ଜିନ୍ଦଗି, ସରାଭାଇ ଭର୍ସେସ ସରାଭାଇ, ମୈ ହୁଁ ନା, କାଲ୍ ହୋ ନା ହୋ, ଫନା ଏବଂ ଓମ୍ ଶାନ୍ତି ଓମ୍ ଭଳି ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ପାଇଁ ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ। ୧୯୫୧ ଜୁନ୍ ୨୫ରେ ଜନ୍ମଗ୍ରହଣ କରିଥିବା ଶାହ ଭାରତୀୟ ସିନେମା ଏବଂ ଟେଲିଭିଜନରେ ଜଣେ ଖ୍ୟାତନାମା ବ୍ୟକ୍ତିତ୍ୱ ଥିଲେ। ସେ ଅନେକ ଦଶନ୍ଧି ଧରି ଅଭିନୟ ସହ ଜଡ଼ିତ ଥିଲେ। କେବଳ ହାସ୍ୟାଭିନୟ ନୁହେଁ, ବିଭିନ୍ନ ଚରିତ୍ରରେ ଅଭିନୟ କରି ସେ ବେଶ୍ ଲୋକପ୍ରିୟ ହୋଇଥିଲେ।

ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରୁ ସ୍ନାତକ ପରେ ସେ ୧୯୭୮ରେ ଅରବିନ୍ଦ ଦେଶାଇ କି ଆଜୀବ ଦସ୍ତାନ ଏବଂ ୧୯୭୯ରେ ଗମନ ଭଳି ଚଳଚ୍ଚିତ୍ରରେ ଅଭିନୟ ଆରମ୍ଭ କରିଥିଲେ। ଚଳଚ୍ଚିତ୍ର ନିର୍ମାତା କୁନ୍ଦନ ଶାହଙ୍କ 'ଜାନେ ଭି ଦୋ ୟାରୋ' ଚଳଚ୍ଚିତ୍ରରେ ଅଭିନୟ ପାଇଁ ସେ ଘରେ ଘରେ ପରିଚିତ ହୋଇଥିଲେ। ୧୯୮୪ର ଟେଲିଭିଜନ ସିରିଜ୍ ୟେହ ଜୋ ହୈ ଜିନ୍ଦଗୀର ୫୫ଟି ଅଧ୍ୟାୟରେ ୫୫ ଭୂମିକାରେ ଅଭିନୟ କରିଥିଲେ। ସେହିପରି ୧୯୯୫ରେ ଫିଲ୍ମି ଚକ୍କର ନାମକ ଟେଲିଭିଜନ ସିରିଏଲ୍‌ର ୫୦ଟି ଅଧ୍ୟାୟରେ ସେ କାର୍ଯ୍ୟ କରିଥିଲେ। ୨୦୦୪ର ସରାଭାଇ ଭର୍ସେସ ସରାଭାଇ ଟେଲିଭିଜନ ଶୋ'ରେ ଲୋକପ୍ରିୟ ଅନ୍‌ସ୍କ୍ରିନ୍ ଚରିତ୍ର ଇନ୍ଦ୍ରବଦନ ସରାଭାଇ ପରି ଶାହଙ୍କ ଜୀବନ ପ୍ରେମପୂର୍ଣ୍ଣ ଓ ମଜାଳିଆ ଥିଲା। ଘର ଜମାଇ ସିରିଏଲ୍‌ର ୮୦ଟି ଏପିସୋଡ୍‌ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିବା ସହ ଅଲ୍ ଦି ବେଷ୍ଟ ସିରିଏଲ୍‌ରେ ସ୍ୱରୂପ ସମ୍ପତ୍‌ଙ୍କ ସହ ୧୦୯ଟି ଅଧ୍ୟାୟରେ ଅଭିନୟ କରିଥିଲେ। ବ୍ୟକ୍ତିଗତ ଜୀବନରେ ସେ ୧୯୭୨ରେ ଡିଜାଇନର ମଧୁ ଶାହଙ୍କୁ ବିବାହ କରିଥିଲେ।



# ରେକର୍ଡ ଭାଙ୍ଗିବ 'ଆଲ୍‌ଫା'

**ମୁମ୍ବାଇ**

ବଲିଉଡର ଜଣାଶୁଣା ଅଭିନେତ୍ରୀ ଆଲିଆ ଭଟ୍ଟ ଏବେ ଚର୍ଚ୍ଚାରେ। ଆପଣ ଭାବୁଥିବେ ବ୍ୟକ୍ତିଗତ ଜୀବନକୁ ନେଇ। ହେଲେ ନାଁ। ସେ ନିଜର ଆଗାମୀ ସିନେମା 'ଆଲ୍‌ଫା'କୁ ନେଇ ଚର୍ଚ୍ଚାରେ। ଫିଲ୍ମକୁ ନେଇ ଗୋଟିଏ ପରେ ଗୋଟିଏ ଅପ୍‌ଡେଟ୍ ସାମ୍ନାକୁ ଆସୁଛି। ଫଳରେ ପ୍ରଶଂସକଙ୍କ ଉତ୍କଣ୍ଠା ବହୁଗୁଣିତ ହେଉଛି।

ଯାହା କୁହାଯାଉଛି, ନିର୍ମାତାମାନେ 'ଆଲ୍‌ଫା'ରେ ଅନେକ ଅତିଥି କଳାକାରଙ୍କୁ ଆଣିବାକୁ ପ୍ରସ୍ତୁତି କରୁଛନ୍ତି। କିଙ୍ଗ ଖାନ୍ ଶାହାରୁଖ ଏବଂ ସଲମାନଙ୍କୁ ଏଥିଲାଗି ଆପ୍ରୋଚ୍ କରାଯାଇଛି। ଶାହାରୁଖ ଏବେ 'କିଙ୍ଗ'ର ଶୁଟିଂରେ ବ୍ୟସ୍ତ। ଏଣୁ ସେ ନିଜର ଡେଟ୍‌କୁ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ଯଦି ସବୁକିଛି ଠିକ୍ ରୁହେ ତେବେ ଉଭୟ କଳାକାରଙ୍କ ଏଣ୍ଟ୍ରି ଫିଲ୍ମର ଚାହିଦାକୁ ବଢ଼ାଇ ଦେଇପାରେ। 'ଆଲ୍‌ଫା'ରେ ଆଲିଆଙ୍କ ସହ ହ୍ରିତିକ୍ ରୋଶନ, ଶରବରୀ ବାଘ, ବବି ଦେଓ୍ୱଲ ପ୍ରମୁଖ ଅଛନ୍ତି। ମୁଖ୍ୟତଃ ଷ୍ଟାରକାଷ୍ଟକୁ ନେଇ ପୂର୍ବରୁ ଦର୍ଶକଙ୍କ ମଧ୍ୟରେ କ୍ରେଜ୍ ରହିଛି। ଏବେ ଶାହାରୁଖ ଏବଂ ସଲମାନଙ୍କ ଭଳି ନାମ ଯୋଡ଼ି ହେବା ପରେ ସିନେମା ବକ୍ସ ଅଫିସର ସବୁ ରେକର୍ଡ ଭାଙ୍ଗିବ ବୋଲି ଏବେଠୁ ଆଲୋଚନା ହେଉଛି। ସବୁକିଛି ଫିଲ୍ମ ରିଲିଜ ପରେ ସ୍ପଷ୍ଟ ହୋଇଯିବ।



ଆଲିଆ ଭଟ୍ଟ

# ୬ ସହରରେ ଗଡ଼ିବ ୨ ଶହ ଇ-ବସ୍

ଭୁବନେଶ୍ୱର,୨୫।୧୦
(ରବିନାରାୟଣ ଜେନା)

**ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି**

**ସରକାର କିଣିବେ ୯୫୨.୫୬କୋଟି ଟଙ୍କାରେ ୨୦୦ ମିଡି ବସ୍**

ରାଜ୍ୟରେ ବସ୍ ସେବାକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଶନିବାର ଲୋକସେବାଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୨୦୦ ଇ-ବସ୍ କିଣାଯିବା ଲାଗି ନିଷ୍ପତ୍ତି ହୋଇଛି।

ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ବସ୍ ସେବାକୁ ତ୍ୱରାନ୍ୱିତ କରିବା ଏବଂ ଏହାର ରକ୍ଷଣାବେକ୍ଷଣ ଓ ମିଡି ଇଲେକ୍ଟ୍ରିକ୍ ବସ୍ ପରିଚାଳନା ପ୍ରକଳ୍ପ ନିମନ୍ତେ ୯୫୨.୫୬ କୋଟି ଟଙ୍କାର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ପ୍ୟାକେଜ୍-୮ରେ କେନ୍ଦୁଝର, ବାରିପଦା ପାଇଁ ୨୫ଟି ଲେଖାଏ ଏବଂ ବ୍ରହ୍ମପୁର ଲାଗି ୫୦ଟି ବସ୍ କ୍ରୟ କରାଯିବାକୁ ରହିଛି । ସେହିପରି ପ୍ୟାକେଜ୍-୯ରେ ଅନୁଗୋଳ, ଝାରସୁଗୁଡ଼ା ପାଇଁ ୨୫ଟି ଲେଖାଏ ଏବଂ ସମ୍ବଲପୁର ଲାଗି ୫୦ଟି ବସ୍ କିଣାଯିବ। ଏହି ପ୍ରକଳ୍ପ ମାଧ୍ୟମରେ ଉପରୋକ୍ତ ପ୍ରମୁଖ ୬ଟି ସହରଗୁଡ଼ିକରେ ବସ୍ ଚାର୍ଜିଂ, ଡିପୋ ଭିତ୍ତିଭୂମି ନିର୍ମାଣ ଓ ଏହାର ବ୍ୟାପକ ପରିଚାଳନା, ରକ୍ଷଣାବେକ୍ଷଣ କ୍ଷେତ୍ରରେ କାର୍ଯ୍ୟକାରୀ ହେବ; ଯାହାଦ୍ୱାରା ସହରୀ ବିକାଶ ଓ ସହରାଞ୍ଚଳ ପରିବହନ ସେବାରେ ଉନ୍ନତି ଆସିବ। ଏହି ଯୋଜନା 'ବିକଶିତ ଓଡ଼ିଶା', 'ବିକଶିତ ଭାରତ' ଓ 'ଆତ୍ମନିର୍ଭର ଭାରତ' ଏବଂ ଭିଜନ-୨୦୪୭ ସୁଦ୍ଧା ଏକ ପୂର୍ଣ୍ଣାଙ୍ଗ ବିକଶିତ ରାଜ୍ୟ ଗଠନ ଦିଗରେ ଏକ ବିଶେଷ ପଦକ୍ଷେପ ହେବ। ମୁଖ୍ୟ ସଚିବ କହିଥିଲେ, କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (ସିଆରୁଟ୍) ବର୍ତ୍ତମାନ ଦୈନିକ ପ୍ରାୟ ତିନି ଲକ୍ଷ ଯାତ୍ରୀଙ୍କୁ ସେବା ପ୍ରଦାନ କରିଆସୁଛି । ଏନେଇ ବିଭିନ୍ନ ରୁଟ୍‌ରେ ୬୭୦ଟି ଆମ-ବସ୍ ଚଳାଚଳ କରୁଛି। ଏଥିଯୋଗୁ ରାଜ୍ୟର ଲକ୍ଷାଧିକ ସାଧାରଣ ଲୋକ ବସରେ ଯାତାୟାତ କରି ଉପକୃତ ହେଉଛନ୍ତି। ସହରାଞ୍ଚଳ ପରିବହନ ଓ ଯାତାୟାତ ଦିଗରେ ଆବଶ୍ୟକୀୟ ସୁବିଧା ବୃଦ୍ଧି ଓ ସହରାଞ୍ଚଳ ପ୍ରଦୂଷଣ, କାର୍ବନ ନିର୍ଗମନ ହ୍ରାସ କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ।

## ଆହାର ପାଇଁ ୫୧୨ କୋଟିର ବ୍ୟବସ୍ଥା

ଭୁବନେଶ୍ୱର,୨୫।୧୦
(ରବିନାରାୟଣ ଜେନା)

**ସବ୍‌ସିଡି ବଢ଼ିଲା ୪ଟଙ୍କା**

ରାଜ୍ୟ ସରକାର 'ଆହାର' ଯୋଜନାର ଅବଧିକୁ ୫ବର୍ଷ ଲାଗି ବୃଦ୍ଧି କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ପାଞ୍ଚ ବର୍ଷରେ 'ଆହାର' ଯୋଜନା ପାଇଁ ୫୧୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ, ଏହି ନୂତନ ଯୋଜନା ମାଧ୍ୟମରେ ପ୍ରତ୍ୟେକ ଭୋଜନର ମୂଲ୍ୟ ୨୩ ଟଙ୍କାରୁ ବୃଦ୍ଧି ପାଇ ଏବେ ୨୭ ଟଙ୍କା ହେବ। ମାତ୍ର ହିତାଧିକାରୀଙ୍କ ଅବଦାନ ୫ ଟଙ୍କାରେ ଅପରିବର୍ତ୍ତିତ ରହିବ। ଭୋଜନର ମୂଲ୍ୟ ୨୩ଟଙ୍କାରେ ସରକାରଙ୍କ ସବ୍‌ସିଡି ୧୮ ଟଙ୍କା ରହିଥିବାବେଳେ ଏବେ ୨୨ ଟଙ୍କାକୁ ବୃଦ୍ଧି କରାଯିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ମୁଖ୍ୟ ଶାସନ ସଚିବ କହିଛନ୍ତି, ସହରାଞ୍ଚଳରେ ହିତାଧିକାରୀଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ଏବଂ ୫ ଟଙ୍କା ମୂଲ୍ୟରେ ଖାଦ୍ୟ ଯୋଗାଇବାର ନିରନ୍ତର ସେବା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

# ଏୟାର ହଷ୍ଟେସ୍‌ଙ୍କୁ ପ୍ରତାରଣା

ଭୁବନେଶ୍ୱର,୨୫।୧୦(ସତ୍ୟଜିତ ରାଉତ)

**ଭୁବନେଶ୍ୱର ଏୟାରପୋର୍ଟ ଡିଜିଏମ୍ ଗିରଫ**


ଉମାକାନ୍ତ ପଟେଲ

ଏକ ଘରୋଇ ଏୟାରଲାଇନ କମ୍ପାନୀରେ ଏୟାର ହଷ୍ଟେସ୍ ଭାବେ କାମ କରୁଥିବା ଜଣେ ଯୁବତୀଙ୍କୁ ପ୍ରତାରଣା କରି ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାରେ ଭୁବନେଶ୍ୱର ଏୟାରପୋର୍ଟର ଡେପୁଟି ଜେନେରାଲ ମ୍ୟାନେଜର(ଡିଜିଏମ୍) (ଅପରେଶନ) ଉମାକାନ୍ତ ପଟେଲଙ୍କୁ ପୋଲିସ ଗିରଫ କରିଛି।

ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉମାକାନ୍ତଙ୍କ ଘର ବଲାଙ୍ଗୀରରେ ହୋଇଥିବାବେଳେ ଭୁବନେଶ୍ୱର ଚନ୍ଦଶେଖରପୁରରେ ରୁହନ୍ତି। ସେ ବିବାହିତ ଏବଂ ତାଙ୍କର ୨ ଶିଶୁ କନ୍ୟା ରହିଛନ୍ତି। ହେଲେ ସେ ନିଜକୁ ଅବିବାହିତ ଦର୍ଶାଇ ପୀଡ଼ିତା ଯୁବତୀଙ୍କ ସହ ଗତ ୪ବର୍ଷ ଧରି ସମ୍ପର୍କରେ ଥିଲେ। ପୂର୍ବରୁ ଉମାକାନ୍ତ ଦିଲ୍ଲୀ ଏୟାରପୋର୍ଟରେ ଥିବା ସମୟରେ ପୀଡ଼ିତାଙ୍କୁ ଅନ୍ୟ ଏକ ଏୟାରଲାଇନ୍ସ ସଂସ୍ଥାରେ ଭଲ କାମ ବୁଝିଦେବାକୁ ପ୍ରତିଶ୍ରୁତି ଦେଇ ନିକଟତର ହୋଇଥିଲେ। ଏହାପରେ ଉଭୟଙ୍କ ସମ୍ପର୍କ ନିବିଡ଼ ହୋଇଥିଲା। ଗତ କିଛିମାସ ତଳେ ପୀଡ଼ିତାଙ୍କର ଭୁବନେଶ୍ୱର ଏୟାରପୋର୍ଟକୁ ବଦଳି ହୋଇଥିଲା। ଏହାର କିଛି ମାସ ପରେ ଉମାକାନ୍ତଙ୍କ ମଧ୍ୟ ଭୁବନେଶ୍ୱରକୁ ଟ୍ରାନ୍ସଫର ହୋଇଥିଲା। ଉମାକାନ୍ତ ପୀଡ଼ିତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏପରି କି ପୀଡ଼ିତାଙ୍କ ଗର୍ଭପାତ କରାଇଥିବା ମଧ୍ୟ ଅଭିଯୋଗ ହୋଇଛି। ପୀଡ଼ିତା ବିବାହ ପାଇଁ ଉମାକାନ୍ତଙ୍କୁ ବାଧ୍ୟ କରିବାରୁ ସେ ପୀଡିତାଙ୍କୁ ଅଣଦେଖା କରିଥିଲେ। ଏନେଇ ପୀଡ଼ିତା ଗତ ୨୦ତାରିଖରେ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଏତଲାକୁ ଭିତ୍ତିକରି ଏକ ମାମଲା (ନଂ.୩୭୦/୨୦୨୫) ରୁଜୁ କରିବା ସହ ଉମାକାନ୍ତଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।






# ହାତୀ ପାଇଁ ରାତି ଉଜାଗର


ଚାଷୀଙ୍କ ବଗିଚାରେ ପଶି ହାତୀ ଗଛ ଡାଳ ଭାଙ୍ଗି ଦେଇଛନ୍ତି।

ବଇଣ୍ଡା,୨୫।୧୦(ପରିକ୍ଷିତ ସାହୁ)

- **ବଢ଼ୁଛି କ୍ଷୟକ୍ଷତି, ମିଳୁନି କ୍ଷତିପୂରଣ**
- **ଫସଲ ବଞ୍ଚାଇବାକୁ ନିଆଁ ହୁଳାଧରି ଚାଷୀ ଉଜାଗର**

କେତେବେଳେ ଧାନ ବିଲରେ ପଶି ହାତୀ ଫସଲ ନଷ୍ଟ କରୁଛନ୍ତି ତ ଆଉ କେବେ ବାଡ଼ି ବଗିଚାକୁ ଧ୍ୱଂସ କରିଦେଉଛନ୍ତି। ଏପରି କି ଚାଳ ଓ ଆଜବେଷ୍ଟସ ଘରକୁ ମଧ୍ୟ ଭାଙ୍ଗି ଦେଉଛନ୍ତି। ଫଳରେ ବର୍ଷକର ଦାନା ଉଜୁଡ଼ି ଯାଉଥିବା ବେଳେ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ଏପରି ସ୍ଥିତିରେ ହାତୀ ଘଉଡ଼ାଇବାରେ ବନ ବିଭାଗର ବିଫଳତା ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜରେ ଥିବା ବିଭିନ୍ନ ଗ୍ରାମବାସୀଙ୍କ ଚିନ୍ତାର କାରଣ ହୋଇଛି। ତେଣୁ ବାଧ୍ୟହୋଇ ସ୍ଥାନୀୟ ଲୋକେ ରାତି ଉଜାଗର ରହି ନିଆଁ ହୁଳା ଧରି ଜଗି ବସୁଥିବା ଦେଖାଯାଉଛି।

ସୂଚନା ଅନୁଯାୟୀ, ୧୮ ହଜାର ୮୯୪ ହେକ୍ଟର ବିଶିଷ୍ଟ ଧଣ୍ଡାତୋପା ରେଞ୍ଜ ଆଖପାଖରେ ରହିଛି ୧୦ ପଞ୍ଚାୟତ। ଆଠମଲ୍ଲିକ ଓ ସାତକୋଶିଆ ଜଙ୍ଗଲରୁ ଅନେକ ସମୟରେ ହାତୀପଲ ଏହି ରେଞ୍ଜକୁ ଆସି ଉପଦ୍ରବ କରୁଛନ୍ତି। କିଛିଦିନ ହେବ ୫ ରୁ ୬ଟି ହାତୀ ମଇମୁରା, କେଞ୍ଚୁଆନାଳି, ବିପ୍ରଡିହ, କଂସାବ, କୋରାବ ଆଦି ଅଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଧାନ ବିଲ ସହ ବାଡ଼ି ବଗିଚାକୁ ନଷ୍ଟ କରୁଛନ୍ତି। ଏକ ସଙ୍ଗରେ ୫ରୁ ଅଧିକ ହାତୀ ଆସୁଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ନିଆଁ ହୁଳା ଧରି ରାତିରେ ଜଗି ବସୁଛନ୍ତି। ଏହି ରେଞ୍ଜରେ ବର୍ଷ ତମାମ ହାତୀ ଉପଦ୍ରବ ଦେଖାଦେଉଥିବା ବେଳେ କ୍ଷୟକ୍ଷତି ମଧ୍ୟ ବଢ଼ୁଛି। ୨୦୨୩ ଡିସେମ୍ବର ମଧ୍ୟରେ ୧୮୫ଟି ଚାଳ ଓ ଆଜବେଷ୍ଟସ୍ ଘର ହାତୀ ଭାଙ୍ଗି ଦେଇଥିବାବେଳେ ୧୦ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଶି ୬୫୦ ଏକର ଜମିରେ ଧାନ, ୨୮୫ ଏକରରେ ପରିବା ଚାଷ, ୧୮୦ ଏକରରେ ଲାଗିଥିବା ଆମ୍ବ, ପଣସ, ଆଖୁ ଚାଷ ନଷ୍ଟ କରିଛନ୍ତି। ଏ ନେଇ ବନ ବିଭାଗକୁ ଅଭିଯୋଗ କଲେ ମଧ୍ୟ କାଁ ଭାଁ ଚିହ୍ନଟ କରାଯାଉଛି। ଏପରି କି ଜନସେବା କେନ୍ଦ୍ର ଜରିଆରେ ହାତୀଜନିତ କ୍ଷୟକ୍ଷତିର କ୍ଷତିପୂରଣ ଯୋଗାଇ ଦେବା ପାଇଁ ଆବେଦନ କରାଯାଉଥିଲେ ମଧ୍ୟ ଚିହ୍ନଟ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ୨ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର

ମୋରଡା/ରାସଗୋବିନ୍ଦପୁର, ୨୫।୧୦
(ସ୍ମାରକ ମାଜୀ/ସତ୍ୟବାଦୀ ପରିଡା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଯାତ୍ରା ଦେଖି ଫେରୁଥିବା ୨ ଆଦିବାସୀ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ଏନେଇ ରାସଗୋବିନ୍ଦପୁର ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା(ନଂ. ୪୨୨/୨୫) ରୁଜୁ ହୋଇଛି। ଥାନାରେ ପଚରାଉଚୁରା ପରେ ୩ ଅଭିଯୁକ୍ତ ରତନ ଦତ୍ତ, ଦେବାଂଶୁ ବେହେରା ଓ ରାଜକୁମାର ଦାସଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗତ ୨୨ ତାରିଖରେ ଉକ୍ତ ଥାନା ଅଧୀନ ନଳଗଜା ଗ୍ରାମରେ ଯାତ୍ରା ପରିବେଷଣ ହେଉଥିଲା। ୨ ଆଦିବାସୀ ନାବାଳିକା ସେମାନଙ୍କ ୨ ଜଣ ନାବାଳକ ସାଙ୍ଗଙ୍କ ସହ ଯାତ୍ରା ଦେଖି ସ୍କୁଟି ଯୋଗେ ରାତି ପ୍ରାୟ ୧ଟାରେ ଘରକୁ ଫେରୁଥିଲେ। ଉକ୍ତ ଥାନା ଅଞ୍ଚଳର ୫ ଯୁବକ ମଧୁରିଆ ରାସ୍ତାରେ ସେମାନଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତେବେ ନାବାଳିକାଙ୍କ ଦୁଇ ସାଙ୍ଗ ଏହାର ପ୍ରତିବାଦ କରିବାରୁ ୫ ଯୁବକ ସେମାନଙ୍କୁ ମାରପିଟ କରିବା ସହିତ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଏହାପରେ ସେମାନେ ୨ ନାବାଳିକାଙ୍କୁ ୩ଟି ବାଇକ୍‌ରେ ଜବରଦସ୍ତ ବସାଇ ସ୍ଥାନୀୟ ଟିକପଦା କେନାଲକୁ ନେଇ ବଳାତ୍କାର କରିଥିଲେ। ଏପରି କି ଜୀବନରୁ ମାରିଦେବାକୁ ଧମକ ଦେଇ ନଳଗଜା କଲେଜ ପଡ଼ିଆ ନିକଟରେ ଛାଡ଼ି ପଳାଇଥିଲେ।

## ନଭେମ୍ବର ୧ରୁ ବାଘ ଗଣନା


ବାଘ ଗଣନା ପାଇଁ ବନ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

ଅନୁଗୋଳ,୨୫।୧୦(ଦିବ୍ୟଶାନ୍ତନୁ ନାଥ)

ଆସନ୍ତା ନଭେମ୍ବର ୧ରୁ ବାଘ ଗଣନା ନେଇ ଅନୁଗୋଳ ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ଅତ୍ୟାଧୁନିକ ପଦ୍ଧତିରେ ଏହି ବାଘ ଗଣନା କରାଯିବ। ଏଥିପାଇଁ ବନ ବିଭାଗ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ନଭେମ୍ବର ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଜଙ୍ଗଲ ଭିତରେ ବାଘ ଗଣନା କରାଯିବ।

ସୂଚନା ଅନୁଯାୟୀ, ଅନୁଗୋଳ ବନଖଣ୍ଡରେ ଥିବା ୬ଟି ବନାଞ୍ଚଳରେ ପର୍ଯ୍ୟାୟ କ୍ରମେ ଏହି ବାଘ ଗଣନା କାର୍ଯ୍ୟକ୍ରମ ପାଇଁ ବନ କର୍ମଚାରୀଙ୍କୁ ତାଲିମ ଦିଆଯିବ। ଏହି କାର୍ଯ୍ୟକ୍ରମ ଜରପଡ଼ା ବନାଞ୍ଚଳରୁ ଆରମ୍ଭ ହୋଇଛି। ପ୍ରତି ବନାଞ୍ଚଳରେ ଥିବା ବିଟ୍ ହାଉସ, ସେକ୍ସନ ଏବଂ ସ୍କ୍ୱାଡ୍ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ପ୍ରଥମେ କର୍ମଚାରୀମାନଙ୍କୁ ମୋବାଇଲ ଆପ୍ ଜରିଆରେ ବାଘର ଗତିପଥ, ହାବିଟେଟ, ଜଙ୍ଗଲର ପ୍ରକାର ଏବଂ ତୃଣଭୋଜି ପ୍ରାଣୀମାନଙ୍କ ଅବସ୍ଥିତି କିପରି ଜାଣିହେବ, ସେ ନେଇ ପ୍ରଶିକ୍ଷଣ ଦିଆଯାଉଛି। ଏହାଛଡା କେଉଁଠି ଏବଂ କେତେ ଉଚ୍ଚତାରେ ଟ୍ରାପ୍ କ୍ୟାମେରା ଲଗାଇଲେ ବାଘର ଚିତ୍ର ଉତ୍ତୋଳନ ହୋଇ ପାରିବ, ବାଘ ପାଦ ଚିହ୍ନ ଦେଖିଲେ କିଭଳି ସୁରକ୍ଷିତ ଭାବେ ଏହାର ନମୁନା ସଂଗ୍ରହ କରିବାକୁ ହେବ, ସେ ନେଇ ସମସ୍ତ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏ ସମ୍ପର୍କରେ ଅନୁଗୋଳ ଡିଏଫଓ ନୀତୀଶ କୁମାର କହିଛନ୍ତି, ସମସ୍ତ ତଥ୍ୟକୁ ଏକାଠି କରି କେଉଁ ଜଙ୍ଗଲରେ, କେଉଁ ପ୍ରଜାତିର କେତେ ବାଘ ଅଛନ୍ତି ତାହାର ଆକଳନ କରାଯିବ। ତେବେ ଅନୁଗୋଳ ବନଖଣ୍ଡରେ ମହାବଳ ବାଘ ନ ଥିବାରୁ କଲରାପତରିଆ ବାଘ, ହେଟା ବାଘ ଓ ଅନ୍ୟ ବିରଳ ଜାତୀୟ ପଶୁଙ୍କ ଗଣନା କରାଯିବ ବୋଲି ଡିଏଫଓ ସୂଚନା ଦେଇଛନ୍ତି। ଫରେଷ୍ଟର ବସନ୍ତ ଗଡ଼ନାୟକ କହିଛନ୍ତି, ଟ୍ରାଞ୍ଜିଟ ଲାଇନରେ କିପରି ସର୍ଭେ କରାଯିବ ଏହା ଶିଖାଯାଇଛି। ଓୟୁଏଟି ଛାତ୍ର ଓମ୍‌ପ୍ରକାଶ ମହାପାତ୍ର କହିଛନ୍ତି, କଲେଜର ଶେଷ ବର୍ଷରେ ବନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ହୋଇଥାଏ। ତେଣୁ ଜରପଡ଼ା ରେଞ୍ଜରେ ବାଘ ଗଣନା ପାଇଁ ଥିଓରି ସହିତ ପ୍ରାକ୍ଟିକାଲ ମଧ୍ୟ ଶିଖୁଛୁ।

# ୩୩ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ, ୧.୪୬ ଲକ୍ଷ କୋଟିର ନିବେଶ

ଭୁବନେଶ୍ୱର,୨୫।୧୦(ଅନୁରାଧା ମହାରଣା)

**ସ୍ପେଶାଲ ସିଙ୍ଗଲ ୱିଣ୍ଡୋ ଓ ହାଇଲେଭଲ କ୍ଲିୟରାନ୍ସ ବୈଠକ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାର ୫୦୦ ଦିନ ପୂରଣ କରିଛନ୍ତି। ଏହିଅବସରରେ ସ୍ପେଶାଲ ସିଙ୍ଗଲ ୱିଣ୍ଡୋ ଓ ୪୨ତମ ହାଇଲେଭଲ କ୍ଲିୟରାନ୍ସ ବୈଠକରେ ୩୩ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ୧୪ ଜିଲାରେ ପ୍ରସ୍ତାବିତ ଏସବୁ ପ୍ରକଳ୍ପରେ ମୋଟ ୧.୪୬ ଲକ୍ଷ କୋଟି ଟଙ୍କାର ନିବେଶ ଏବଂ ୬୬ ହଜାର ନୂଆ ଚାକିରି ସୃଷ୍ଟି ହେବ। ଏହା ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ଆଡ଼କୁ ବଡ଼ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ୫୦୦ ଦିନ ଆତ୍ମବିଶ୍ୱାସୀ, ଅଗ୍ରଗାମୀ ଓ ନିବେଶଯୋଗ୍ୟ ଓଡ଼ିଶାର ପ୍ରତିଫଳନ। ଦେଶ-ବିଦେଶର ନିବେଶକଙ୍କ ବିଶ୍ୱାସ ଆମର ନୀତି, ଶାସନର ଗତି ଓ ସ୍ୱାବଲମ୍ବୀ ଓଡ଼ିଶାର ସ୍ୱପ୍ନକୁ ଦର୍ଶାଉଛି। ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ଆଇଟି, ଇଏସ୍‌ଡିଏମ୍, ଏୟାରୋସ୍ପେସ୍, ଟେକ୍ସଟାଇଲ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ସବୁଜ ଉର୍ଜା, ଡାଟାସେଣ୍ଟର, ଷ୍ଟିଲ, ଆଲୁମିନିୟମ, ସବୁଜ ହାଇଡ୍ରୋଜେନ, ରସାୟନ ଓ ସେମିକଣ୍ଡକ୍ଟର ଭଳି କ୍ଷେତ୍ରକୁ ନେଇ ରହିଛି। ନିବେଶ ହେବାକୁ ଥିବା ୧୪ଟି ଜିଲା ମଧ୍ୟରେ ଅନୁଗୋଳ, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ରହିଛି।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ୧,୪୧,୯୩.୫୪ କୋଟିର ୧୨ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି, ଯାହା ୪୯,୭୪୫ ଚାକିରି ସୃଷ୍ଟି କରିବ। ସିଇଏସ୍‌ସି ଗ୍ରୀନ୍ ପାୱାର ଇଏସ୍‌ଡିଏମ୍, ଏସିଏମ୍‌ଇ ଅକ୍ଷୟ ଏନର୍ଜି ସବୁଜ ହାଇଡ୍ରୋଜେନ ଓ ଜିନ୍ଦଲ ଇଣ୍ଡିଆ ପାୱାର ନବୀକରଣଯୋଗ୍ୟ ଉର୍ଜାରେ ନିବେଶ କରିଛନ୍ତି। ସେହିପରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ୪,୦୧୯.୫୩ କୋଟିର ୨୧ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି, ଯାହା ୧୬,୫୯୦ ଚାକିରି ସୃଷ୍ଟି କରିବ। ଗତ ୫୦୦ଦିନର ସରକାରରେ ୧୨ଟି ସିଙ୍ଗଲ ୱିଣ୍ଡୋ ଓ ୭ଟି ଏଚ୍‌ଏଲ୍‌ସିଏ ବୈଠକରେ ୭.୭ ଲକ୍ଷ କୋଟିର ୩୩୦ଟି ପ୍ରକଳ୍ପ ମଞ୍ଜୁର ହୋଇଛି, ଯାହା ୪.୭ ଲକ୍ଷ ଚାକିରି ସୃଷ୍ଟି କରିବ। ୭୬ଟି ପ୍ରକଳ୍ପ ଦ୍ରୁତ ଗତିରେ ଆରମ୍ଭ ହୋଇଛି ଏବଂ ୮ଟିର ଉଦ୍‌ଘାଟନ ହୋଇଛି, ଯାହାର ନିବେଶ ୨.୦୪ ଲକ୍ଷ କୋଟି ଓ ୧.୬୩ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ସୂଚନା ଦିଆଯାଇଛି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସକାଳ ୯ଟା।
- ଭୁବନେଶ୍ୱର ମହାନଗର ନିଗମ ଖବରକାଗଜ ବିତରକ ସଂଘ ପକ୍ଷରୁ ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ନୀଳାଦ୍ରି ବିହାର ଆବାସିକ ସଂଘ ସେକ୍ଟର ୭, ଦୁର୍ଗା ମଣ୍ଡପ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଶ୍ୱନାଥ ସଙ୍ଗୀତାଳୟ ପକ୍ଷରୁ ଲାସ୍ୟ ଲାବଣ୍ୟ ନୃତ୍ୟ ଉତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଜିକେସିଏମ୍, ଓଆର୍‌ସି, ସମୟ: ସନ୍ଧ୍ୟା ୬ଟା ୩୦।
- ସୌଭାଗ୍ୟ ନଗର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୌଭାଗ୍ୟ ନଗର ପୂଜା ମଣ୍ଡପ, ଲେନ୍ ୫,୬, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳାଦ୍ରି ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ନାଗାର୍ଜୁନ ବେଶ ପ୍ରଦର୍ଶନ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଦିବ୍ୟଜ୍ୟୋତି ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ହାଟଶିଙ୍ଘୁଆ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଟାଙ୍ଗୀ-ଚୌଦ୍ୱାର ବ୍ଲକ, ନପଙ୍ଗ ପଞ୍ଚାୟତ, ସମୟ: ସକାଳ ୯ଟା।
- ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ ପକ୍ଷରୁ ୨୦ତମ ବାର୍ଷିକ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାର ଉଦ୍‌ଯାପନୀ, ସ୍ଥାନ: ମାତୃଭବନ ପରିସର,କଟକ, ସମୟ: ସକାଳ ୯ଟା ୩୦।
- ପଞ୍ଚଦଶ ଚିତ୍ତରଞ୍ଜନ ଦାସ ବକ୍ତୃତାମାଳା, ସ୍ଥାନ: ଦି ୟୁନିଭର୍ସ, ମୈତ୍ରୀ ସରଣୀ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ଆମରି ସତ୍ୟ ବିକାଶ ପରିଷଦ ପକ୍ଷରୁ କବିତା ପାଠ ଓ ଆଲୋଚନାଚକ୍ର, ସ୍ଥାନ: ରୋଟାରୀ କ୍ଲବ୍, ଜଟଣୀ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର
- ରୋଟାରୀ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ନୂଆଗାଁ ନିତ୍ୟାନନ୍ଦ ସରସତୀ ଶିଶୁ ମନ୍ଦିର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଛଟିନା ନୃତ୍ୟସଙ୍ଗୀତ ବିଦ୍ୟାଳୟ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ପତ୍ରିକା ଲୋକାର୍ପଣ ଉତ୍ସବ, ସ୍ଥାନ: ଭଗବାନପୁର ବୈଠକ ବଙ୍ଗଳା, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ସପ୍ତମ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ଆଦିବାସୀ ମେଳା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଟାଉନ ହଲ ପଡ଼ିଆ, ବଡ଼ବଜାର ଛକ, ଜଳେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ମା' ଭଦ୍ରକାଳୀଙ୍କ ମହାଲକ୍ଷ୍ମୀ ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ୬ଷ୍ଠ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ଗୁରୁପୂଜନ ଉତ୍ସବ, ସ୍ଥାନ: କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀ, ସ୍ଥାନ: ଭଦ୍ରକ ରେଲ୍‌ୱେ ଷ୍ଟେଶନ ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଆଞ୍ଚଳିକ ବରିଷ୍ଠ ନାଗରିକ ପରିଷଦର ସମ୍ବର୍ଦ୍ଧନା ସଭା, ସ୍ଥାନ: ସୋସୋ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦ୍ରଶେଖର କପ୍ ମହାକୁମ୍ଭ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଚମ୍ପୁଆ, ସମୟ: ଅପରାହ୍ନ ୫ଟା।
- ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳାଦ୍ରି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା ୩୦। ସ୍ଥାନ: ଐକ୍ୟକ୍ଷେତ୍ର, ବଡ଼ବିଲ୍, ସମୟ: ସନ୍ଧ୍ୟା ୭ଟା ୩୦।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଓଡ଼ିଶା ନାଟ୍ୟ ସଂଘ ସାଧାରଣ ପରିଷଦ ବୈଠକ, ସ୍ଥାନ: ବିଏସଇଟି, ରାମଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଶ୍ରୀଶ୍ରୀ ନିଗମାନନ୍ଦ ଯୋଗଶ୍ରମରେ ନାରାୟଣ ସେବା କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡଦେଉଳି ଆସିକା, ସମୟ: ସକାଳ ୮ ଟା।

## ଢେଙ୍କାନାଳ
- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ହାପିନେସ୍ ରିଫ୍ରେଶର, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ବାର୍ଷିକ ଆସର, ସ୍ଥାନ: ସନ୍ଧ୍ୟାତାରା ଭବନ, କାଠଗଡା, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା ୧୫।

## ଅନୁଗୋଳ
- ଲିପ୍ପିଙ୍ଗା କ୍ଲବ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନିଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ ଟା।
- ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ମ୍ୟୁନିସିପାଲିଟି ଟାଉନ୍ ହଲ, ସମୟ: ଅପରାହ୍ନ ୫ଟା।
- ଶିଶୁ ସନ୍ଧ୍ୟା-୨୦୨୫, ସ୍ଥାନ: ଅନୁଗୋଳ ସଭାଘର, ସମୟ : ଅପରାହ୍ନ ୫ଟା।
- ମା' ଦକ୍ଷିଣକାଳୀଙ୍କ ବିସର୍ଜନରେ ପୁରୀର ଅଘୋରୀ ନୃତ୍ୟ, ସ୍ଥାନ: ବାଲିପଟା, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଜିଲାସ୍ତରୀୟ ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ:ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡା ସହର, ସମୟ: ପ୍ରାତଃ ୫ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।

## ଯାଜପୁର
- ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୧ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ-ଗୋକର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ସହରର କାଳୀପୂଜା ଅବସରରେ ସତ୍ୟଜିତ ରାଉତ ଏବଂ ପାମିଲା ଜୈନ ଗ୍ରୁପର ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ : ମେଡିକାଲ ଛକ କାଳୀ ମଣ୍ଡପ ପଡିଆ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ୩ୟ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ପ୍ରାତଃ ୫ଟା।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତର ୪ର୍ଥ ଦିବସରେ ହୋମ, ପୂଜାନୀତି, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଚୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସକାଳ ୭ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ନୟାଗଡ ବ୍ଲକ ଇଟାମାଟି ଆଶୀର୍ବାଦ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡିଶା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟନ ଉତ୍ସବରେ ଖୋଲା ଅଧିବେଶନ, ସ୍ଥାନ:ରଣପୁର ପଞ୍ଚୁଦୋଳ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା ।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ପଞ୍ଚମ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସଂଧ୍ୟା ୬ଟା ।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତର ୪ର୍ଥ ଦିବସରେ ଭାଗବତ ସଭା, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଚୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସଂଧ୍ୟା ୬ଟା ।
- ଶ୍ରୀମଦ୍ ଭାଗବତ କଥା ଉପରେ ପ୍ରବଚନର ଚତୁର୍ଥ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସଂଧ୍ୟା ୬ଟା ୩୦।
- ଗିରି ଗୋବର୍ଦ୍ଧନ ପୂଜାର ଚତୁର୍ଥ ଦିବସରେ ବାଦିପାଲା ଉଦ୍‌ଯାପିତ, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ପଥରଦ୍ୱାର ପୂର୍ଣ୍ଣବାସୀ ପୀଠ, ସମୟ:ସଂଧ୍ୟା ୭ଟା ।

## ନବରଙ୍ଗପୁର
- ଜିଲାସ୍ତରୀୟ ଶିଶୁ ସାଂସ୍କୃତିକ କାର୍ଯ୍ୟକ୍ରମ ମହକ, ସ୍ଥାନ: ନବରଙ୍ଗପୁର କଲେଜ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ, ସ୍ଥାନ: ଡାବୁଗାଁ ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉମରକୋଟ ପ୍ରିମିୟର ଲିଗ୍ ପ୍ରସ୍ତୁତି ବୈଠକ, ସ୍ଥାନ: ବିଜୁପଟ୍ଟନାୟକ ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ସ୍ନେହୀ ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସୁନାବେଡା, ସମୟ: ସକାଳ ୯ଟା।
- ଓଡ଼ିଶା ବ୍ରାହ୍ମଣ ମହାସଂଘର ସାଧରଣ ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା।
- ସାକ୍ଷରତା ପରୀକ୍ଷା, ସ୍ଥାନ: ଏକ୍ସ ବୋର୍ଡ ସ୍କୁଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ବଡାଶନା ପଞ୍ଚାୟତ ଘୋଟର୍ଲା ହାଟପଦା ପଡ଼ିଆ, କୋଟପାଡ଼, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ସକାଶେ କଳସ ଶୋଭାଯାତ୍ରା, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ସକାଳ ୮ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ମିସ ଟିନ ଓ ମାଷ୍ଟର ଟିନ-୨୦୨୫ର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସକାଳ ୮ଟା।
- ଏଲଆଇସି ଏଜେଣ୍ଟ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା।
- ଆଇଆଇଏମ ସମ୍ବଲପୁର ପକ୍ଷରୁ ବାର୍ଷିକ ବାଣିଜ୍ୟ ସମ୍ମିଳନୀ ମର୍ମଜ୍ଞ ୧୦.୦ କାର୍ଯ୍ୟକ୍ରମ, ସ୍ଥାନ : କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଫେଶନ ଉଇକ ପ୍ରସ୍ତୁତି ବୈଠକ, ସ୍ଥାନ: ସ୍କିଲ ଟ୍ରି ପରିସର, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ଓକିଲ ସଂଘର ବୈଠକ, ସ୍ଥାନ: ଓକିଲ ସଂଘ ପରିସରସ୍ଥ ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ର ସହ ବୁଧଙ୍କ ସଂଯୋଗରୁ ପାରିବାରିକ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବହୁତ ଦିନରୁ ଲାଗି ହଉଥିବା ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ଆଶା ରହିଛି। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କୌଣସି ଗୁରୁତ୍ୱପୂର୍ଣ୍ଣ କାମର ସମାଧାନ ସକାଶେ ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ** କର୍ମାଧିପ ଏକାଦଶ ସ୍ଥାନରେ ରହିଥିବାରୁ ଦୀର୍ଘ ଦିନରୁ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ବନ୍ଧୁଙ୍କ ପରିହାସଯୁକ୍ତ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। ଅସାବଧାନତା ହେତୁ କେତେକ ବ୍ୟତିକ୍ରମ ଦେଖାଦେବ। ବନ୍ଧୁମାନଙ୍କ ସମାଲୋଚନାର ଶରବ୍ୟ ହୋଇ ମାନସିକ ଅଶାନ୍ତିରେ ସମୟ କାଟିବେ।

**ମିଥୁନ** ଦୁଃସ୍ଥାନରେ ରାଶ୍ୟାଧିପତି ଥିବାରୁ ଦୈହିକ ଦୁର୍ବଳତା ଯୋଗୁ କର୍ମକ୍ଷେତ୍ରରେ ମନୋବଳ କମିଯିବ। ଖଳ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଗୃହ, ଜମିଜମା, ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସୁଫଳ ପାଇବେ। ଅଭାବ ଥିଲେ ମଧ୍ୟ ବନ୍ଧୁମାନଙ୍କ ସାହାଯ୍ୟ ଏବଂ ସହଯୋଗରୁ କାମ ଅଟକିବ ନାହିଁ।

**କର୍କଟ** ରାହୁଦୃଷ୍ଟ କର୍ମାଧିପ ଯୋଗୁ କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧା ଭୋଗିବେ। ଅଫିସରେ ଯେତେଟା ପରିସ୍ଥିତିକୁ ଜଟିଳ ଭାବୁଛନ୍ତି, ବାସ୍ତବରେ ସେପରି କିଛି ହେବନି। କୌଣସି ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ରହି ବ୍ୟସ୍ତତା ଅନୁଭବ କରିବେ।

**ସିଂହ** ତୃତୀୟାଧିପତିଙ୍କ ଦୁର୍ବଳତା କାରଣରୁ ହିତୈଷୀଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିଦେବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବ। କରଜ ଅଥବା ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇପାରିବେ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଫଳରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ।

**କନ୍ୟା** ପାପଗ୍ରହ ମଧ୍ୟସ୍ଥ ବୁଧଙ୍କ ଯୋଗୁ ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। କର୍ମକ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ନିଜ ଲୋକମାନେ ନିଜ ନିଜର ସ୍ୱାର୍ଥସାଧନ ଆଶାରେ ଆପଣଙ୍କ ଗୁଣଗାନ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ତୁଳା** ଶୁକ୍ର କେନ୍ଦ୍ରକୋଣାଧିପ ଶନିଙ୍କ ଦୃଷ୍ଟିରେ ଥିବାରୁ ଚେଷ୍ଟା କରୁଥିବା କାମରେ ପାରିବାରିକ ସମର୍ଥନ ପାଇବେ। ଫେରନ୍ତା ବାଟରେ ଜଣେ ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବାର ସୂଚନା ରହିଛି। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି।

**ବିଛା** ନୀଚାଭିମୁଖୀ ଶନିଙ୍କ କାରଣରୁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ, ଏଣୁ ସାମୟିକ ବିଷାଦଗ୍ରସ୍ତ ହୋଇପାରନ୍ତି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ରାଶ୍ୟାଧିପତି ଅଷ୍ଟମ ସ୍ଥାନସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ ଭୁଲ୍ ବୁଝାମଣାର କୁଫଳ ଭୋଗିବାକୁ ପଡ଼ିପାରେ।

**ମକର** କର୍ମାଧରପତି ନୀଚ ସ୍ଥାନରେ ଥିବାରୁ କର୍ମକ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପରିବାରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ଦେଖି ଓ ତାହାଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ସାମାନ୍ୟ ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାର ଆଶା ରହିଛି।

**କୁମ୍ଭ** ରାହୁଙ୍କ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ନାହିଁ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବ୍ୟବସାୟରେ ଲାଭ ମିଳିବ, କିନ୍ତୁ ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ। କୌଣସି ଜିନିଷ ଅନ୍ୟ ସ୍ଥାନରେ ରଖି ଖୋଜିବା ସମୟରେ ପାଇ ପାରିବେ ନାହିଁ।

**ମୀନ** ବୁଧ କ୍ଷେତ୍ରସ୍ଥ ତୃତୀୟାଧିପତି ଯୋଗୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇବେ। ପରିବାରରେ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟାକୁ ବୃଦ୍ଧି କରିବ। ରାଜନୀତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ବିବାଦ ଭିତରକୁ ଟଣା ହୋଇପାରନ୍ତି।

ଆଜି ଅକ୍ଟୋବର ୨୬ ତାରିଖ, କାର୍ତ୍ତିକ ଶୁକ୍ଳ ୫ମୀ ରବିବାର। ରାଶିନକ୍ଷତ୍ର-ଦିବା ଘ.୧୦।୪୬ମି. ଗତେ, ମୂଳା/ଧନୁ, ୫ମୀ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୩୪ ଗତେ ଘ.୦୮।୫୧ ମଧ୍ୟେ, ଘ.୧୨।୫୫ମି. ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୬ ଗତେ ଘ.୦୫।୧୨ ମଧ୍ୟେ ରାହୁକାଳ।

## ଅଭିନେତା ସତୀଶ ...

ହସ୍ୟାଭିନେତା ଦୀର୍ଘଦିନ ହେଲା କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ। ନିକଟରେ ତାଙ୍କ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ତେବେ କିଡ୍‌ନୀ କାମ ନ କରିବା କାରଣରୁ ତାଙ୍କର ପରଲୋକ ହୋଇଥିବା ଚଳଚ୍ଚିତ୍ର ନିର୍ମାତା ଅଶୋକ ପଣ୍ଡିତ ସୋସିଆଲ୍ ମିଡିଆ ଜରିଆରେ ସ୍ପଷ୍ଟ କରିଛନ୍ତି। ଶାହଙ୍କ ପରଲୋକ ଚଳଚ୍ଚିତ୍ର ଶିଳ୍ପ ପାଇଁ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ସତୀଶଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଚଳଚ୍ଚିତ୍ର ଶିଳ୍ପର ଖ୍ୟାତନାମା ବ୍ୟକ୍ତିତ୍ୱ ଶୋକବ୍ୟକ୍ତ କରିଛନ୍ତି। ୧୯୫୧ ଜୁନ୍ ୨୫ରେ ମୁମ୍ବାଇରେ ଜନ୍ମିତ ସତୀଶ ଭାରତୀୟ ସିନେମା ଏବଂ ଟେଲିଭିଜନରେ ଜଣେ ଖ୍ୟାତନାମା ବ୍ୟକ୍ତିତ୍ୱ ଥିଲେ। ସେ ଅନେକ ଦଶନ୍ଧି ଧରି ଅଭିନୟ ସହ ଜଡ଼ିତ ଥିଲେ। ଜାନେ ଭି ଦୋ ୟାରୋ, ମାଲାମାଲ୍, ହିରୋ ହିରାଲାଲ୍, ମୈଁ ହୁଁ ନା ଏବଂ କାଲ୍ ହୋ ନା ହୋ ଭଳି ଚଳଚ୍ଚିତ୍ରରେ ହାସ୍ୟାଭିନୟ ପାଇଁ ବହୁ ପ୍ରଶଂସା ସାଉଁଟିଥିଲେ। ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରୁ ସ୍ନାତକ ହାସଲ ପରେ ସେ ୧୯୭୮ରେ ଅରବିନ୍ଦ ଦେଶାଇ କି ଆଜୀବ ଦସ୍ତାନ ଏବଂ ୧୯୭୯ରେ ଗମନ ଭଳି ଚଳଚ୍ଚିତ୍ରରେ ଛୋଟ ଭୂମିକାରେ ଅଭିନୟ ଆରମ୍ଭ କରିଥିଲେ। ଚଳଚ୍ଚିତ୍ର ନିର୍ମାତା କୁନ୍ଦନ ଶାହଙ୍କ 'ଜାନେ ଭି ଦୋ ୟାରୋ' ଚଳଚ୍ଚିତ୍ରରେ ଦୁର୍ନୀତିଗ୍ରସ୍ତ ମ୍ୟୁନିସିପାଲ କମିଶନର ଡି' ମେଲୋ ଭୂମିକାରେ ଅଭିନୟ ପାଇଁ ସେ ଘରେ ଘରେ ପରିଚିତ ହୋଇଥିଲେ। ୧୯୮୪ର ଟେଲିଭିଜନ ସିରିଜ୍ ୟେହ ଜୋ ହୈ ଜିନ୍ଦଗୀର ୫୫ଟି ଅଧ୍ୟାୟରେ ୫୫ଟି ବିଭିନ୍ନ ଭୂମିକାରେ ଅଭିନୟ କରି ବେଶ୍ ଜଣାଶୁଣା ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ ପରା ତୁମ ଡେଙ୍ଗା ଉଆସ,**
**ଚିଲ ପଶି ବିଲ ଯାଉଛି**
**ଏଇ ପରା ତୁମ ସୁଆଗୀ ମାଇପ**
**ଲୁଣ ନାହିଁ ପେଜ ପିଉଛି ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଚାଳ ଛପର କଣା ହୋଇଗଲାଣି ଯେ ଚିଲ ପକ୍ଷୀ ବେଳ ଅବେଳରେ ପଶିଆସୁଛି। ସ୍ତ୍ରୀକୁ ଟିକେ ଭଲରେ ଖାଇବାକୁ ଦେଇହେଉନି, ସେ ବାଧହୋଇ ପେଜ ପିଉଛି। ସ୍ୱାମୀର ଅପାରଗତା ପ୍ରତି ସ୍ତ୍ରୀର କଟୁକ୍ତି ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକୁଟିଆ ଘର ଚୋରକୁ**
**ବୁଢ଼ାକାଳେ ବିଭା ପରକୁ ।**

ସାଇପଡ଼ିଶା ପାଖ ଛାଡ଼ି ଏକୁଟିଆ ସ୍ଥାନରେ ଘର କରି ରହିଲେ ମନ ମଧ୍ୟରେ ସବୁବେଳେ ଚୋରି ଯିବାର ଭୟ ଦେଖାଦେଇଥାଏ। ଠିକ୍ ସେହିପରି ବୃଦ୍ଧକାଳେ ତରୁଣୀଟିଏ ବାହାହେଲେ ସେ ସ୍ତ୍ରୀ ପରପୁରୁଷର ପ୍ରୀତିରେ ମଜି ରହିବାର ଏକ ପ୍ରକାରର ଭୟ ମନକୁ ଆନ୍ଦୋଳିତ କରୁଥବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କାକିନାଡ଼ାରେ ସ୍ଥଳଭାଗ ...

ଆଗାମୀ ଦୁଇଦିନ ପାଇଁ ରାଜ୍ୟର ପାଣିପାଗରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ, କିନ୍ତୁ କାଁ ଭାଁ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ୨୭ରେ ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ କନ୍ଧମାଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ୭ ସେ.ମି.ରୁ ୨୦ ସେ.ମି. ପର୍ଯ୍ୟନ୍ତ ବର୍ଷା ହେବ। ସେହିପରି ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାରେ ପ୍ରବଳ ବର୍ଷା (୭ ସେ.ମି.ରୁ ୧୧ ସେ.ମି.) ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଏବଂ ଗଞ୍ଜାମ ଜିଲାରେ ଭୀଷଣ ବର୍ଷା (୨୦ ସେ.ମି.ରୁ ଅଧିକ) ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୬୦ରୁ ୭୦ କି.ମି. ଏବଂ ୮୦ କି.ମି. ପର୍ଯ୍ୟନ୍ତ ରହିପାରେ। ସେହିପରି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୫୦ କି.ମି.ରୁ ୭୦ କି.ମି. ପର୍ଯ୍ୟନ୍ତ ବହିବା ନେଇ ଆକଳନ କରାଯାଇଛି। ଏଥିସହ ରାଜ୍ୟର ଅନ୍ୟ ସମସ୍ତ ଜିଲାରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ୨୯ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଏବଂ ରାୟଗଡ଼ା ଜିଲାରେ ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ୨୬ ତାରିଖଠାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ଏଥିସହ ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ସମୀକ୍ଷା ବୈଠକ ପରେ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ପାଇଁ ରାଜ୍ୟର କେଉଁସବୁ ଜିଲାରେ ଛୁଟି ଘୋଷଣା ହେବ ସେନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। ଅଧିକାରୀମାନେ ଛୁଟିରେ ରହିବେ କି ନାହିଁ ସେନେଇ ରବିବାର ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଏବଂ ଜିଲାପାଳଙ୍କ ସହ ବୈଠକ ପରେ ନିଷ୍ପତ୍ତି ନିଆଯିବ। ମନ୍ତ୍ରୀ କହିଛନ୍ତି, ସରକାରଙ୍କ ମୂଳ ଲକ୍ଷ୍ୟ ହେଲା ଲୋକଙ୍କ ଜୀବନ ରକ୍ଷା କରିବା। ଏହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ରହିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭୂସ୍ଖଳନ ହେଲେ ସେହି ସ୍ଥାନରେ ଜିଲାପାଳମାନେ ତୁରନ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବେ। ରାସ୍ତା ଉପରେ ପାଣି ଚାଲିଲେ, ଉଭୟ ପଟ ରାସ୍ତା ବନ୍ଦ କରି ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୮ ଓ ୨୯ରେ ବାତ୍ୟା ଓଡ଼ିଶାକୁ ପ୍ରଭାବିତ କରିବ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାବାଦ୍ ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ବାତ୍ୟା ଅନେକ ସମୟରେ ଦିଗ ପରିବର୍ତ୍ତନ କରିଥାଏ। ତେଣୁ ଆଇଏମ୍‌ଡିର ପୂର୍ବ ଅନୁମାନ ଅନୁଯାୟୀ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସ୍ୱାସ୍ଥ୍ୟ, କୃଷି, ଶକ୍ତି, ସମବାୟ ବିଭାଗକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ବିପର୍ଯ୍ୟୟ ପ୍ରକୋପ ଯାହା ବି ହେଉ, ସରକାର ସବୁ ପ୍ରକାର ପଦକ୍ଷେପ ପାଇଁ ପ୍ରସ୍ତୁତ ଅଛନ୍ତି, ଲୋକେ ଏଥିନେଇ ଆତଙ୍କିତ

## ପ୍ରଥମ ପୃଷ୍ଠାରୁ...

ହେବାର ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସମୀକ୍ଷା ବୈଠକରେ ଏସ୍‌ଆର୍‌ସି ଦେଓରଞ୍ଜନ କୁମାର ସିଂ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗଞ୍ଜାମ: ଅଧିକାରୀଙ୍କୁ ୩୦ ଯାଏ ମୁଖ୍ୟାଳୟ ଛାଡ଼ିବା ମନା

ସମ୍ଭାବ୍ୟ ବାତ୍ୟାକୁ ନେଇ ଗଞ୍ଜାମ ଜିଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଡ.ପ୍ରମୋଦ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଛି। ଏଥିରେ ଆଭାସି ମାଧ୍ୟମରେ ଜିଲାର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଯୋଡ଼ି ହୋଇଥିଲେ। ଜିଲାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱାରୋପ କରାଯାଇଛି। ଆସନ୍ତା ୩୦ ଯାଏ କୌଣସି ଅଧିକାରୀ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ହୋଇଛି। ଯେଉଁମାନେ ଛୁଟିରେ ଯାଇଛନ୍ତି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। ଜିଲାର ସମୁଦ୍ରକୂଳିଆ ଅଞ୍ଚଳରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବାକୁ କୁହାଯାଇଛି। ଯେଉଁମାନେ ଯାଇଛନ୍ତି ସେମାନେ ଫେରିବା ଆସିବାକୁ ପ୍ରଶାସନ ପରାମର୍ଶ ଦେଇଛି। ସ୍ଥିତି ମୁକାବିଲା ପାଇଁ ଜିଲାର ୧୧୦ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ସ୍କୁଲଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ସେଠାରେ ବୈଠକ କରି ଲୋକଙ୍କୁ ସଚେତନ କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ସମ୍ପର୍କିତ ସୂଚନା ଦେବାକୁ ବ୍ଲକ୍ ଓ ଜିଲାସ୍ତରୀୟ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପ୍ରତି ପଞ୍ଚାୟତ ଓ ସହରାଞ୍ଚଳରେ ଜଣେ ଲେଖାଏ ପ୍ରତିନିଧିଙ୍କୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିବାକୁ କୁହାଯାଇଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ପଞ୍ଚାୟତଗୁଡ଼ିକରେ ନୋଡାଲ ଅଫିସର ନିଯୁକ୍ତି ହୋଇଛନ୍ତି। ଏଥିସହ ଗର୍ଭବତୀଙ୍କୁ ଆବଶ୍ୟକସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ବ୍ୟବସ୍ଥା ହୋଇଥିବା ଅତିରିକ୍ତ ଜିଲାପାଳ ପୃଷ୍ଟି କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡା, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଜିଲା ଜରୁରିକାଳୀନ ଅଧିକାରୀ ଅଭିଷେକ ସାହୁଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨ ଅଷ୍ଟ୍ରେଲୀୟ ମହିଳା ...


ସେମାନଙ୍କ ହୋଟେଲ ରେଡିସନ୍ ବ୍ଲୁ'ରୁ ଏକ କାଫେକୁ ଚାଲିକରି ଯାଉଥିବା ବେଳେ ବାଇକ୍ ଚାଳକ ଅକିଲ ଖାନ୍ ଆସି ପ୍ରଥମେ ଜଣଙ୍କୁ ମନ୍ଦ ଉଦ୍ଦେଶ୍ୟରେ ସ୍ପର୍ଶ କରିଥିଲେ। ସେ ସେଠାରୁ କିଛି ବାଟ ଯାଇ ପୁଣି ସେମାନଙ୍କ ନିକଟକୁ ଫେରି ଅନ୍ୟ ମହିଳା ଖେଳାଳିଙ୍କୁ ଅସଦାଚରଣ କରିଥିଲେ। ଉଭୟେ ପ୍ରତିରୋଧ କରିବା ସତ୍ତ୍ୱେ ସେ ଏପରି କରିବାରେ ସଫଳ ହୋଇଥିଲେ। ଅସଦାଚରଣର ଶିକାର ହୋଇଥିବା ୨ ମହିଳା ଖେଳାଳି ତୁରନ୍ତ ଏସ୍‌ଓଏସ୍ ନୋଟିଫିକେଶନ୍ ପଠାଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଷ୍ଟ୍ରେଲିଆ ଦଳର ସିକ୍ୟୁରିଟି ମ୍ୟାନେଜର ଡାନି ସିମନ୍ସ ସନ୍ଧ୍ୟାରେ ଏମ୍‌ଆଇଜି ଥାନାରେ ଅଭିଯୋଗ ଦାଖଲ କରିଥିଲେ। ସ୍ଥାନୀୟ ପୋଲିସ ଏଫ୍‌ଆଇଆର୍ ରୁଜୁକରି ଅଭିଯୁକ୍ତ ଅକିଲଙ୍କୁ ଶୁକ୍ରବାର ଗିରଫ କରିଛି। ଏନେଇ ସବ୍-ଇନ୍‌ସ୍ପେକ୍ଟର ନିଧି ରଘୁବଂଶୀ କହିଛନ୍ତି, ଦୁଇ କ୍ରିକେଟର ହୋଟେଲରୁ ବାହାରି କାଫେକୁ ଯାଉଥିବାବେଳେ ବାଇକ୍ ଚାଳକ ଅକିଲ ତାଙ୍କ ପିଛା କରିବା ସହ ଆପତ୍ତିଜନକ ଭାବେ ସେମାନଙ୍କୁ ଛୁଇଁଥିଲେ। ସୂଚନା ପାଇବା ପରେ ଏସିପି ହିମାନୀ ମିଶ୍ର ଉଭୟ ଖେଳାଳିଙ୍କୁ ଭେଟି ସେମାନଙ୍କ ବୟାନ ରେକର୍ଡ କରାଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୭୪ (ମହିଳାଙ୍କ ମର୍ଯ୍ୟାଦାକୁ କ୍ଷତି ପାଇଁ ଆପରାଧିକ ବଳ ପ୍ରୟୋଗ) ଓ ଦଫା ୭୮ (ପିଛା କରିବା) ବଳରେ ମାମଲା ରୁଜୁ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ କରିଛନ୍ତି, ଏହା ଏକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା, ଯାହାକି ବିଦେଶରେ ଭାରତର ଛବିକୁ ନିନ୍ଦିତ କରିଛି। ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ପାଇଁ ଆଇନକୁ ତା' କାମ କରିବାକୁ ଦିଅନ୍ତୁ।

## ବିମାନ ଚଳାଚଳ ...

କରାଯାଇପାରିବ। ଏହାସହିତ ବିମାନ ସଂଯୋଗକୁ ଗୁରୁତ୍ୱ ଦିଆଯିବ। ଉଡ଼ାନ ଏବଂ ଅନ୍ୟାନ୍ୟ ଯୋଜନା ଅଧୀନରେ ପ୍ରମୁଖ ସହରଗୁଡ଼ିକ ସହିତ ଟାୟାର-୧ ଏବଂ ଟାୟାର-୨ ସହରଗୁଡ଼ିକୁ ସଂଯୋଗ କରି ଆଞ୍ଚଳିକ ବିମାନ ସଂଯୋଗକୁ ବୃଦ୍ଧି କରିବା ପାଇଁ ବିମାନ କମ୍ପାନୀଗୁଡ଼ିକୁ ଭାୟାବିଲିଟି ଗ୍ୟାପ୍ ଫଣ୍ଡ ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବ। ସେହିପରି ରକ୍ଷଣାବେକ୍ଷଣ, ମରାମତି ଏବଂ ମରାମତିକୁ ଗୁରୁତ୍ୱ ଦିଆଯିବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଶ୍ୱସ୍ତରୀୟ ମେଣ୍ଟେନାନ୍ସ ରିପେୟାର ଆଣ୍ଡ ଓଭରହଲ(ଏମ୍‌ଆରଓ) ସୁବିଧା ପ୍ରତିଷ୍ଠା ଏବଂ କାର୍ଯ୍ୟକ୍ଷମ କରାଯିବ ; ଯାହାଦ୍ୱାରା ଏକ ଆତ୍ମନିର୍ଭରଶୀଳ ବିମାନ ରକ୍ଷଣାବେକ୍ଷଣ ଇକୋସିଷ୍ଟମ ସୃଷ୍ଟି ଏବଂ ଘରୋଇ ନିବେଶକୁ ଆକର୍ଷିତ କରାଯାଇପାରିବ। ଏହାସହିତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନକୁ ପ୍ରୋତ୍ସାହନ ଦିଆଯିବ। ଡ୍ରୋନ୍, ସିପ୍ଲେନ୍, ଇ.ଭିଟିଓଏଲ୍ ବିମାନ ଏବଂ ମହାକାଶଯାନ ଉତ୍ପାଦନ ଭଳି ଭବିଷ୍ୟତ ପ୍ରଯୁକ୍ତିର ପ୍ରୋତ୍ସାହନ, ଯାହା ଓଡ଼ିଶାକୁ ନୂତନ ଯୁଗର ବିମାନ ଚଳାଚଳ କରିବାରେ ସକ୍ଷମ ହେବ। ମୁଖ୍ୟ ସଚିବ କହିଥିଲେ, ଏହି ଯୋଜନାରେ କାର୍ଗୋ ଏବଂ ଲଜିଷ୍ଟିକ୍‌କୁ ମଧ୍ୟ ବିକଶିତ କରାଯିବ। କୃଷି ରପ୍ତାନି, ଶିଳ୍ପ ଲଜିଷ୍ଟିକ୍ସ ଏବଂ ସମୟ-ସମ୍ବେଦନଶୀଳ ବାଣିଜ୍ୟକୁ ସହଜ କରିବା ପାଇଁ ବିମାନ କାର୍ଗୋ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇପାରିବ। ଏହାସହିତ ପ୍ରତିଷ୍ଠିତ ଶିଳ୍ପ ଅଂଶୀଦାରମାନଙ୍କ ସହ ସହଭାଗିତାରେ ବିମାନ ଚଳାଚଳ-କେନ୍ଦ୍ରିତ ଦକ୍ଷତା ବୃଦ୍ଧି କରିବା ସହ ଉଡ଼ାଣ ତାଲିମ ଏବଂ ଟେକ୍ନିସିଆନ୍, ପାଇଲଟ୍-ବିଶେଷକରି ଝିଅମାନେ ଏବଂ ବିମାନବନ୍ଦର ଗ୍ରାଉଣ୍ଡ ଷ୍ଟାଫ୍ ବୃତ୍ତିଗତଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବଡ଼ ପରିମାଣର ନିଯୁକ୍ତି ସୁଯୋଗ ମିଳିବ। ଏହାବାଦ୍ ରାଜ୍ୟସାରା ବିମାନ ପ୍ରକଳ୍ପଗୁଡ଼ିକର ନୀତି ଯୋଜନା, ସମନ୍ୱୟ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଏକ ବୃତ୍ତିଗତ ସଂସ୍ଥା ଭାବରେ କାର୍ଯ୍ୟ କରିବା ପାଇଁ ବିମାନ ନିର୍ଦ୍ଦେଶାଳୟର ପୁନର୍ଗଠନ ଏବଂ ସଶକ୍ତୀକରଣ କରାଯିବ ବୋଲି ମୁଖ୍ୟ ସଚିବ କହିଥିଲେ।

## ବସ୍‌କୁ ଗୋଡ଼ାଇଲା ...

ବିପଦମୁଖରୁ ବର୍ଞ୍ଚିଯାଇଥିଲେ। ବେତନଟୀ ବନବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ଟିମ୍ ଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିଲା। ଉଲ୍ଲେଖଯୋଗ୍ୟ, ବେତନଟୀ ରେଞ୍ଜର ଅସନବଣୀ ଜଙ୍ଗଲରେ ଗଡିଗାଁ ନିକଟରେ ୧୮ଟି ହାତୀ ରହିଥିଲା ବେଳେ ଶୁକ୍ରବାର ରାତିରେ ଏହି ହାତୀ ପଲ ମନ୍ତ୍ରାପାଳ ଜଙ୍ଗଲରେ ପ୍ରବେଶ କରିଛନ୍ତି। ହାତୀପଲ ରହୁଥିବା ପାଖ ଜଙ୍ଗଲରୁ ଗୋଟିଏ ଦନ୍ତା ହାତୀ ଶନିବାର ସକାଳେ ଅସନବଣୀ ଜଙ୍ଗଲରୁ ବାହାରି ବସ୍‌କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ଏ ସମ୍ପର୍କରେ ବେତନଟୀ ଫରେଷ୍ଟରଙ୍କୁ ପଚାରିବାରୁ ଭୁରକୁଣ୍ଡି ନିକଟରେ ଘଟିଥିବା ଘଟଣା ଆମେ ପହଞ୍ଚିଲା ବେଳକୁ ଦନ୍ତା ହାତୀ ସେଠାରେ ନ ଥିବା କହିଛନ୍ତି।




# ମାମୁଘର କହି ଭୁଆଁ ବୁଲାଉଛନ୍ତି ସ୍ନେହାଙ୍ଗିନୀ: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ନୂଆପଡ଼ା,୨୫।୧୦(ମକାରୁ ବେମାଲ)

ରାଜ୍ୟରେ ୨୪ ବର୍ଷର ସରକାର ଥିଲା। କିନ୍ତୁ ମହିଳାମାନଙ୍କୁ ହାତଖର୍ଚ୍ଚ ଦେଇ ନ ଥିଲା। ମୋହନ ସରକାର ଆସିଲା ପରେ ମହିଳାମାନଙ୍କୁ ବର୍ଷକୁ ୧୦ ହଜାର କରି ୫ ବର୍ଷରେ ୫୦ ହଜାର ଟଙ୍କା ଦେବ ବୋଲି ଘୋଷଣା କରିଛି। ବର୍ତ୍ତମାନ ୩ କିସ୍ତିରେ ମହିଳାମାନେ ୧୫ ହଜାର ଟଙ୍କା ପାଇସାରିଲେଣି। ପ୍ରତିବର୍ଷ ମହିଳା ଦିବସ ଓ ରାଖୀ ପୂର୍ଣ୍ଣିମାରେ ୫ ହଜାର ଲେଖାଏ ପ୍ରଦାନ କରାଯିବ। ସେହି ଟଙ୍କା ବିନିଯୋଗ କରି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ। ବର୍ତ୍ତମାନ ସୁଦ୍ଧା ୧ କୋଟି ୨୨ ହଜାର ସୁଭଦ୍ରା ମା' ଓ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଲକ୍ଷପତି ଦିଦି ହୋଇ ସାରିଲେଣି ବୋଲି ଶନିବାର ନୂଆପଡ଼ା ଗସ୍ତରେ ଆସିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ ସୁଭଦ୍ରା ଶକ୍ତି ସମାବେଶରେ ଯୋଗଦେଇ ଏହା କହିଥିଲେ। ସେ ଆହୁରି କହିଥିଲେ, ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ବରଗଡ ଜିଲାରୁ ଆସି ପ୍ରାର୍ଥୀ ହୋଇଛନ୍ତି । ତାଙ୍କୁ ନୂଆପଡ଼ାବାସୀ ଚିହ୍ନି ନାହାନ୍ତି। ଭୋଟ ହାତେଇବା ପାଇଁ ପଶ୍ଚିମ ଓଡ଼ିଶାର ବୋହୂ, ନୂଆପଡ଼ା ମାମୁ ଘର କହି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଝିଅ ଶାଶୁ ଘର ଗଲେ ବାପା ଘର ପର ଓ ମାମୁ ଘର ସାତ ପର ହୋଇଯାଏ ବୋଲି ପ୍ରଭାତୀ କହିଥିଲେ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ, ଡବଲ ଇଞ୍ଜିନ ସରକାର ନିର୍ବାଚନୀ ଇସ୍ତାହାରରେ ଯାହା କହେ ସେଇଟା କରି ଦେଖାଏ। ୨୦୨୪ ନିର୍ବାଚନରେ ଧାନ କୁଇଣ୍ଟାଲ ୩୧ ଶହ, ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା, ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ୩୫ ଶହ ଟଙ୍କା ଭତ୍ତା, ଅସହାୟ ଗରିବଙ୍କୁ ଆବାସ ଗୃହ ଓ ଅନ୍ତ୍ୟୋଦୟ ଯୋଜନାରେ ସହାୟତା ଦିଆଯାଉଛି। ନୂଆପଡା ଜିଲାକୁ ଦୁଇଥର ମୁଖ୍ୟମନ୍ତ୍ରୀ ଗସ୍ତରେ ୧୪ ଶହ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଘୋଷଣା କରିଛନ୍ତି। ନିର୍ବାଚନ ସରିଲା ପରେ ନୂଆପଡାରେ ମେଡିକାଲ କଲେଜ ଉଦ୍‌ଘାଟନ ହେବ। ଏହା ଦ୍ୱାରା ଲୋକଙ୍କୁ ଆଉ ଦୂରଦୂରାନ୍ତକୁ ଯିବାକୁ ପଡିବ ନାହିଁ । ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କଲେ ଡବଲ ଇଞ୍ଜିନ ସରକାରରେ ଆଉ ଗୋଟିଏ ଡବା ଯୋଡି ହୋଇ ନୂଆପଡାର ବିକାଶ ହେବ ବୋଲି ସାମଲ କହିଛନ୍ତି। ଏହି ସମାବେଶରେ ଛତିଶଗଡ ରାଜ୍ୟ ମହାସମୁନ୍ଦ ସାଂସଦ ରୂପ କୁମାରୀ ଚୌଧୁରୀ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ସ୍ୱର୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ରାଜେଶ୍ୱରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକା ପୂର୍ଣ୍ଣିମା ନାଏକ ସଭା ପରିଚାଳନା କରିଥିଲେ।



ସମାବେଶରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

# ୨ ଦୁର୍ଘଟଣାରେ ୪ ମୃତ

## ମୁନିଗୁଡ଼ା, ରାଇଘରରେ ସଡ଼କ ଦୁର୍ଘଟଣା

ମୁନିଗୁଡ଼ା/ରାଇଘର,୨୫।୧୦
(ନନ୍ଦକିଶୋର ପଟ୍ଟନାୟକ/କିରଣ ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ଓ ନବରଙ୍ଗପୁର ଜିଲା ରାଇଘରଠାରେ ଶନିବାର ସଡ଼କ ଦୁର୍ଘଟଣା ଘଟି ୪ ଜଣଙ୍କର ମୃତ୍ୟୁ ହୋଇଛି। ମୁନିଗୁଡା ଥାନା ଅଧୀନ ବୁରୁଜୁଗୁଡ଼ା ନିକଟରେ ଶନିବାର ସକାଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେହିଭଳି ରାଇଘରରେ ଏକ ଟ୍ରକ୍‌କୁ ପଛରୁ ପିଟି ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ମୁନିଗୁଡ଼ା ଗୋବର୍ଦ୍ଧନ ସାହିର ଦେବାଶିଷ ସାହୁ, ବାଙ୍କିଲି ଗ୍ରାମର ଅର୍ଜୁନ ଶିକକା, ରାଇଘର କଚରାପାରା ଆଦିବାସୀ ଗ୍ରାମର ରୋହିତ ଗଣ୍ଡ (୨୩) ଏବଂ ରାଜୁ ପାଣ୍ଡେ (୨୧)।

ସୂଚନାନୁଯାୟୀ ଦେବାଶିଷଙ୍କ ମାଆ ଅଟୋ ଯୋଗେ ବିଷମକଟକ ଡାକ୍ତରଖାନାକୁ ଯାଉଥିବାବେଳେ ସେ ତାଙ୍କ ପଛରେ ବାଇକ୍‌ରେ ଯାଉଥିଲେ। ଅନ୍ୟପକ୍ଷେ ଅର୍ଜୁନ କେରଳରୁ ଫେରି ରାୟଗଡ଼ାରେ ନିଜ ସାଙ୍ଗ ପାଖରେ ରହିବା ପରେ ଶନିବାର ସକାଳୁ ନିଜ ଘରକୁ ଫେରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମୁନିଗୁଡା ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କ ସମେତ ଏଏସ୍‌ଆଇ ରବିନାରାୟଣ ସ୍ୱାଇଁ, ଜୟଚନ୍ଦ୍ର ସାହୁ ଓ ହୋମଗାର୍ଡ ସନ୍ତୋଷ ପାଢ଼ୀ ଡାକ୍ତରଖାନାରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏ ନେଇ ମୁନିଗୁଡା ଥାନାରେ କେସ୍ ନମ୍ବର ୧୧୫/୨୦୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଦୁର୍ଘଟଣା ପରେ ଡାକ୍ତରଖାନାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଦେବାଗାଁ ପଞ୍ଚାୟତ କୁରୁବେଲା ଗ୍ରାମ ପାଖ ଭାରତମାଳା ରାସ୍ତା ଉପରେ ୩ ଦିନ ହେବ ଏକ ଟ୍ରକ୍ (ଏପି–୩୯ଟିଏ–୮୧୬୬) ଖରାପ ହୋଇ ରହିଥିଲା। ଶନିବାର ଅପରାହ୍ନରେ ଉମରକୋଟରୁ କାମ ସାରି ନିଜ ଗାଁ କଚରାପାରାକୁ ବାଇକ୍ (ଓଆର୍–୨୪ସି–୨୪୩୦)ରେ ରୋହିତ ଓ ରାଜୁ ଫେରିବାବେଳେ ଉକ୍ତ ଟ୍ରକ୍‌ଟିକୁ ପଛପଟରୁ ଧକ୍କା ଦେଇଥିଲେ। ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବରପାଇ ରାଇଘର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ରାଇଘର ପୋଲିସ ଘଟଣାର ତଦନ୍ତ କରୁଛି।

# 'ଆଶୀର୍ବାଦ'ରେ ଉପକୃତ ହେଉଛନ୍ତି ୩୮,୫୮୭ ଅନାଥ ଶିଶୁ

## ଅଧିକ ଶିଶୁଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୧୦
(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ 'ଆଶୀର୍ବାଦ ଯୋଜନା'ରେ ରାଜ୍ୟର ୩୮ହଜାର ୫୮୭ ଅନାଥ ଶିଶୁ ଉପକୃତ ହେଉଛନ୍ତି। ଏହି ଯୋଜନାରେ ୫୧ହଜାର ୨୩୩ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ହେଲେ ଏଥିମଧ୍ୟରୁ ୧୨ହଜାର ୬୪୬ ଶିଶୁ ବାହାରି ଗଲେଣି। ତେବେ ଏହି ଯୋଜନାକୁ ଚାଲୁ ରଖିବା ସହିତ ଅଧିକରୁ ଅଧିକ ଅନାଥ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରିବା ଲାଗି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବିଭାଗୀୟ ଗଭର୍ନିଂ ବଡ଼ି ବୈଠକରେ ପ୍ରମୁଖ ଶାସନ ସଚିବ ଶର୍ମା ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ପିଏମ୍ କେୟାର୍ସ ଯୋଜନାରେ ୧୧ଜଣ ଅନାଥ ଶିଶୁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏହା ମିଶନ ବାତ୍ସଲ୍ୟକୁ ସହାୟତା କରୁଛି। ତେବେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିବା ଶିଶୁମାନଙ୍କୁ ୧୮ବର୍ଷ ହେବା ପରେ ସେମାନେ କିଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ସେନେଇ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହେବାକୁ କୁହାଯାଇଛି। ସୂଚନାଯୋଗ୍ୟ, ବିଶ୍ୱରେ ମହାମାରୀ କୋଭିଡ୍ ସମୟରେ ବହୁ ଶିଶୁ ଅନାଥ ହୋଇଯାଇଥିଲେ। ମାତାପିତା ଛେଉଣ୍ଡ ହୋଇଥିବା ଶିଶୁଙ୍କୁ କିଭଳି ଆଶ୍ରୟ ଦିଆଯାଇ ପାରିବ ତାକୁ ଦୃଷ୍ଟିରେ ରଖି ତତ୍କାଳୀନ ରାଜ୍ୟ ସରକାର ୨୦୨୦ରେ 'ଆଶୀର୍ବାଦ ଯୋଜନା' କାର୍ଯ୍ୟକାରୀ କରିଥିଲେ। ଯେଉଁ ଶିଶୁମାନେ ୨୦୨୦ ଏପ୍ରିଲ ପରେ ଅନାଥ ହୋଇଛନ୍ତି ବା ଅସୁବିଧାରେ ରହିଛନ୍ତି, ସେମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ଲାଗି ବ୍ୟବସ୍ଥା ରହିଛି।

# ଘରୁ ଟାଣିନେଇ ଚାଷୀଙ୍କୁ ଦଳିଦେଲେ ହାତୀପଲ

ଭଞ୍ଜନଗର,୨୫।୧୦(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ ରେଞ୍ଜ ବେଲାଟୁଣି ଗ୍ରାମର ଚାଷୀ ବିକ୍ରମ ନାୟକ (୪୦)ଙ୍କୁ ଶୁକ୍ରବାର ରାତିରେ ହାତୀପଲ ଘର ପିଣ୍ଡାରୁ ଘୋଷାଡି ନେଇ ବିଲରେ ଦଳି ମାରି ଦେଇଛନ୍ତି। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଭୟ ଖେଳାଇ ଦେଇଛି। ଖବର ପାଇ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଡିଏଫଓ ମହାନ୍ତି, ଏସିଏଫ୍ ବିବେକ ଦାସ, ରେଞ୍ଜର ବିମ୍ବାଧର ସାହୁ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଶନିବାର ବିକ୍ରମଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ତଦନ୍ତ ପରେ ବଳକା ୯ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଡିଏଫଓ କହିଛନ୍ତି।

ଖବରରୁ ଜଣାପଡିଛି, ଏହି ୪ ଟିକିଆ ହାତୀପଲ ଶୁକ୍ରବାର ରାତିରେ ମୁଜାଗଡ ଅଞ୍ଚଳରେ ବ୍ୟାପକ ଫସଲ କ୍ଷୟକ୍ଷତି କରିଥିଲେ। ପରେ ବେଲାଟୁଣି ଅଞ୍ଚଳକୁ ଯାଇ ଫସଲ କ୍ଷତି ଘଟାଇଥିଲେ। ଏହି ସମୟରେ ବିକ୍ରମ ନିଜ ଘର ପିଣ୍ଡା ସମ୍ମୁଖରେ ଜମିର ଫସଲ ଜଗି ରହିଥିଲେ। ରାତିରେ ବିକ୍ରମଙ୍କୁ ନିଦ ହୋଇଯାଇଥିବା ବେଳେ ହାତୀପଲ ଘର ପାଖକୁ ଚାଲି ଆସିଥିଲେ। ଏହି ସମୟରେ କୁକୁର ଭୁକିବାରୁ ବିକ୍ରମ ଉଠି ପଡିଥିଲେ। ତେବେ ସେତେବେଳେ ସେ କେଉଁଆଡେ ଦୌଡ଼ି ଯାଇପାରି ନ ଥିଲେ। ଫଳରେ ହାତୀପଲ ବିକ୍ରମଙ୍କୁ ଘର ପିଣ୍ଡାରୁ ଘୋଷାରି ନେଇ ଦଳି ମାରି ଦେଇଥିଲେ। ଶନିବାର ସକାଳେ ସୂଚନା ପାଇ ବନବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଥିଲେ। ଏନେଇ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ହାତୀ ଆକ୍ରମଣରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ଶନିବାର ବିକ୍ରମଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ବଳକା ୯ ଲକ୍ଷ ଟଙ୍କା ପ୍ରଦାନ କରାଯିବ।

# ୨୮ଯାଏ ଚିଲିକାରେ ଡଙ୍ଗା ଚଳାଚଳ ନିଷିଦ୍ଧ

ବାଲୁଗାଁ,୨୫।୧୦
(ସଂଗ୍ରାମ ପାଇକରାୟ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ ଚିଲିକା ତଟବର୍ତ୍ତୀ ଅଞ୍ଚଳବାସୀ ଏବଂ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଶନିବାର ବାଲୁଗାଁସ୍ଥିତ ଜିଲା ମତ୍ସ୍ୟ ବିଭାଗୀୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସତର୍କ କରାଯାଇଛି। ଏଥିସହ ଆସନ୍ତା ୨୮ତାରିଖ ଯାଏ ଚିଲିକାରେ ଯାତ୍ରୀବାହୀ ଏବଂ ମାଛଧରା ଡଙ୍ଗା ଚଳାଚଳକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଯେଉଁମାନେ ଚିଲିକାରେ ମାଛ ଧରୁଛନ୍ତି ରବିବାର ସକାଳ ସୁଦ୍ଧା କୂଳକୁ ଫେରିଆସିବାକୁ ସେମାନଙ୍କୁ ନିବେଦନ କରାଯାଇଛି। ଡଙ୍ଗାଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ନେଇ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ମନୋରଞ୍ଜନ ଦାସ କହିଛନ୍ତି। ଅନ୍ୟପକ୍ଷରେ ପରିସ୍ଥିତିକୁ ନଜରରେ ରଖି ଆବଶ୍ୟକ ପଡିଲେ ଚିଲିକାତଟ କଚ୍ଚାଘରେ ରହୁଥିବା ଲୋକଙ୍କୁ ନିକଟ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ ବୋଲି ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ କହିଛନ୍ତି।

# ଶାନ୍ତିପୂର୍ଣ୍ଣ ଉପନିର୍ବାଚନ ପାଇଁ ପୋଲିସ ପ୍ରସ୍ତୁତ: ଡିଜିପି

ନୂଆପଡ଼ା,୨୫।୧୦(ମକାରୁ ବେମାଲ)

ଆସନ୍ତା ନଭେମ୍ବର ୧୧ରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପ୍ରସ୍ତୁତ ହୋଇ ରହିଛନ୍ତି । ଜିଲା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାର ସବୁ ସୀମା ସିଲ୍ କରାଯାଇଛି। ଯାଞ୍ଚ ପ୍ରକ୍ରିୟା ମଧ୍ୟ କଡାକଡି ଭାବରେ ଚାଲିଛି। ଜିଲା ପୋଲିସକୁ ଅସ୍ତ୍ରଶସ୍ତ୍ର ବା ଅନ୍ୟ ସରଞ୍ଜାମ ଯାହା ଆବଶ୍ୟକ ଥିଲା ସବୁ ଯୋଗାଇ ଦିଆଯାଇଛି। ଏହି ଉପନିର୍ବାଚନ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବା ନେଇ ଆମେ ଆଶା ପୋଷଣ କରୁଛୁ ବୋଲି ଶନିବାର ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି। ଏହି ସମୟରେ ସହକାରୀ ପୋଲିସ ମହାନିର୍ଦ୍ଦେଶକ ରାକେଶ କୁମାର, ସଞ୍ଜୀବ କୁମାର, ସଞ୍ଜୟ କୁମାର, ପୋଲିସ ମହାନିରୀକ୍ଷକ ହିମାଂଶୁ ଲାଲ, ଡେପୁଟି ପୋଲିସ ମହାନିରୀକ୍ଷକ କେଭି ସିଂ, ଅଖିଳେଶ ସିଂ, ନୂଆପଡା ଜିଲା ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂ, କଳାହାଣ୍ଡି ଜିଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା, ବଲାଙ୍ଗୀର ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜୀ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ନୂଆପଡ଼ା ଉପନିର୍ବାଚନ: ସରକାରୀ ସମ୍ପତ୍ତିର ଦୁରୁପଯୋଗ ନେଇ ସିଇଓଙ୍କୁ ବିଜେଡିର ଫେରାଦ

ଭୁବନେଶ୍ୱର,୨୫।୧୦(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ସରକାରୀ ସମ୍ପତ୍ତିର ଦୁରୁପଯୋଗ ଭାଜପା କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଶନିବାର ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି ଓ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ପ୍ରମୁଖ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍. ସନ୍ଥ ଗୋପାଳନଙ୍କୁ ଭେଟି ନୂଆପଡ଼ାରେ ଭାଜପାର କର୍ମକର୍ତ୍ତାମାନେ କିଭଳି ଆଦର୍ଶ ଆଚରଣବିଧିକୁ ଉଲ୍ଲଂଘନ କରୁଛନ୍ତି ସେନେଇ ଦର୍ଶାଇଛନ୍ତି।

ଲେନିନ୍ କହିଛନ୍ତି, ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ନିଜର ପ୍ରଚାର ପାଇଁ ସରକାରୀ ସମ୍ପତ୍ତିର ବ୍ୟବହାର କରୁଛନ୍ତି। ବିଦ୍ୟୁତ୍ ଖୁଣ୍ଟ, ସାଇନ୍ ବୋର୍ଡ ଏବଂ ନୂଆପଡ଼ା ଓ ଖରିଆର ଏନ୍‌ଏସି ମଧ୍ୟରେ ଯାଇଥିବା ଜାତୀୟ ରାଜପଥ ନମ୍ବର–୩୫୩ରେ ପ୍ରଚାର ପୋଷ୍ଟର ଏବଂ ବ୍ୟାନର ଲଗାଇଛନ୍ତି। ଏହି ବ୍ୟାନର ଓ ହୋର୍ଡିଂଗୁଡ଼ିକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟାନ୍ୟ ନେତାଙ୍କ ଛବି ରହିଛି। ଏହି ସମସ୍ତ ଅବୈଧ ବ୍ୟାନର ଏବଂ ହୋର୍ଡିଂ ତୁରନ୍ତ ହଟାଇବା ଲାଗି ବିଜେଡି ଦାବି କରିଛି। ଏହା ସହିତ ବିଜେଡିଆଇନଗତ ଭାବେ ଲଗାଇଥିବା ପୋଷ୍ଟରକୁ କିଭଳି ସରକାରୀ ଅଧିକାରୀମାନେ ଫିଙ୍ଗିଲେ ତାହାର ତଦନ୍ତ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।

# ଅବ୍ୟବସ୍ଥା ଯୋଗୁ ୨ ନାବାଳିକା ଫେରାର

ବ୍ରହ୍ମପୁର,୨୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)




- ବାଳାଶ୍ରମ ପରେ ପର୍ଯ୍ୟବେକ୍ଷଣ ଗୃହ
- ଘଟଣାର ତଦନ୍ତ କଲେ ଡିସିପିଓ

ବ୍ରହ୍ମପୁରରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ ଓ ପର୍ଯ୍ୟବେକ୍ଷଣ ଗୃହର ସୁରକ୍ଷା ବ୍ୟବସ୍ଥା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁ ଏଠାରେ ବିଭିନ୍ନ ସମୟରେ ବିଭିନ୍ନ ଘଟଣା ଘଟୁଛି। ନିକଟରେ ଗୋଶାଣିନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରୁ ଦୁଇଜଣ ନାବାଳିକା ଫେରାର ହୋଇଯାଇଥିବା ବେଳେ ଶନିବାର ସକାଳେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଗୃହ (ବାଳିକା)ରୁ ମଧ୍ୟ ଦୁଇଜଣ ନାବାଳିକା ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ପର୍ଯ୍ୟବେକ୍ଷଣ ଗୃହର ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ଜଣାପଡିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ତଦନ୍ତ ଆରମ୍ଭ କରିଛନ୍ତି।

ବିଭିନ୍ନ ଅପରାଧିକ ମାମଲାରେ ଧରାପଡୁଥିବା ନାବାଳିକା ଓ ନାବାଳକଙ୍କ ପାଇଁ ବ୍ରହ୍ମପୁରରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଗୃହ ରହିଛି। ଏଠାରେ ବିଭିନ୍ନ ଜିଲାର ନାବାଳିକା ନାବାଳକଙ୍କୁ ରଖି କାଉନସେଲିଂ କରାଯାଏ। ଗତ କିଛିଦିନ ତଳେ ଏକ ଚୋରି ମାମଲାରେ ଧରା ହୋଇଥିବା ଦୁଇଜଣ ନାବାଳିକାଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଗୃହରେ ରଖାଯାଇଥିଲା। ଶନିବାର ସକାଳେ ସେମାନେ ଅନୁପସ୍ଥିତ ଥିବା କର୍ମଚାରୀ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ପର୍ଯ୍ୟବେକ୍ଷଣ ଗୃହର ଅଧୀକ୍ଷକଙ୍କୁ ଜଣାଇଥିଲେ। ଅନୁଧ୍ୟାନରୁ ଦୁଇ ନାବାଳିକା ଗୃହର ପଛପଟ କାନ୍ଥ ଡେଇଁ ଫେରାର ହୋଇଯାଇଥିବା ଜଣାପଡିଥିଲା। ବାଳାଶ୍ରମ ଓ ପର୍ଯ୍ୟବେକ୍ଷଣ ଗୃହରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହା ଚିନ୍ତାଜନକ ହୋଇଛି। କିଛିବର୍ଷ ତଳେ ପର୍ଯ୍ୟବେକ୍ଷଣ ଗୃହ (ନାବାଳକ)ରୁ ୪ଜଣ ଫେରାର ହୋଇଯାଇଥିଲେ।

# ବାରମ୍ବାର ରେଜିଷ୍ଟ୍ରେଶନ ବଦଳାଇଛି ବସ୍

## ଆନ୍ଧ୍ର ବସ୍ ଦୁର୍ଘଟଣାରେ ଅମ୍ବାଦଳା ଯୁବକଙ୍କ ମୃତ୍ୟୁ

ରାୟଗଡ଼ା/ଅମ୍ବାଦଳା,୨୫।୧୦
(ଆଶିଷ ରଞ୍ଜନ ପଣ୍ଡା/ରବୀନ୍ଦ୍ର ପଣ୍ଡା)

ହାଇଦ୍ରାବାଦରୁ ବେଙ୍ଗାଲୁରୁ ଅଭିମୁଖେ ଆସୁଥିବା ବସ୍ କୁର୍ନୁଲ ଜିଲା ଚିନାଟେକୁର ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯିବାରୁ ଜଣେ ଓଡ଼ିଆଙ୍କ ସମେତ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅମ୍ବାଦଳା ଗ୍ରାମର କେଙ୍ଗୁଆ ଦୀପକ କୁମାର (କେ. ଦୀପକ କୁମାର)। ଉକ୍ତ ବସ୍‌ଟି ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ମଧ୍ୟରେ ଚାଲୁଥିଲେ ମଧ୍ୟ ରାୟଗଡ଼ା ଆର୍‌ଟିଓରେ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ତେବେ ଆଞ୍ଚଳିକ ପରିବହନ ବିଭାଗରୁ ମିଳିଥିବା ତଥ୍ୟ ପ୍ରକାରେ ଏହା ପୂର୍ବରୁ ବସ୍ ନଂ. ଡିଡି ୦୧ଏନ୍୯୪୯୦ ପ୍ରଥମେ ତେଲେଙ୍ଗାନା ଆର୍‌ଟିଓରେ ରେଜିଷ୍ଟ୍ରେଶନ ହୋଇଥିଲା। ପରେ ୨୦୧୮ ଅଗଷ୍ଟରେ କେନ୍ଦ୍ର ଶାସିତ ଅଞ୍ଚଳ ଡାମନ ଡିଉରେ ଏବଂ ପରେ ୨୦୨୫ରେ ଅନ୍‌ଲାଇନ ମାଧ୍ୟମରେ ଏନ୍‌ଓସି ଆଣି ରାୟଗଡ଼ାଠାରେ ପୁନଃ ରେଜିଷ୍ଟ୍ରେଶନ କରାଯାଇଥିଲା। ବିଭାଗ ତରଫରୁ ଟୁରିଷ୍ଟ ବସ୍ ପରମିଟ ୨୦୨୫ରୁ ୫ ବର୍ଷପାଇଁ ଦିଆଯାଇଥିବା ବେଳେ ଅଲ୍ ଇଣ୍ଡିଆ ପରମିଟ୍ ଜୁଲାଇ ୩୧ ତାରିଖ ୨୦୨୬ ପର୍ଯ୍ୟନ୍ତ ରହିଛି। ଗାଡିର ଫିଟ୍‌ନେସ୍ ସାର୍ଟିଫିକେଟ ୨୦୨୭ ପର୍ଯ୍ୟନ୍ତ ବୈଧ ରହିଛି ଏବଂ ରୋଡ୍ ଟ୍ୟାକ୍ସ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ପୈଠ କରାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ବସ୍‌ଟି ସମସ୍ତ ବୈଧ କାଗଜପତ୍ର ଅନ୍‌ଲାଇନରେ ଦାଖଲକରି ରାୟଗଡ଼ା ଆର୍‌ଟିଓ ଅଫିସରେ ପୁନଃ ରେଜିଷ୍ଟ୍ରେଶନ ହୋଇଥିବା ରାୟଗଡା ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପଲ କହିଛନ୍ତି। କେଉଁ କାରଣରୁ ବସ୍‌ଟି ୩ଥର ରେଜିଷ୍ଟ୍ରେଶନ ହୋଇଥିଲା ଉଭୟ ରାଜ୍ୟର ପରିବହନ ଅଧିକାରୀ ତଦନ୍ତ କରୁଥିବା ଜଣାପଡିଛି। ଏସ୍‌ଟିଏ ଅଧୀନରେ ତଦନ୍ତ ଚାଲିଥିବା ଆର୍‌ଟିଓ ପଲ ସୂଚନା ଦେଇଛନ୍ତି।

ସୂଚନାରୁ ଜଣାପଡିଛି ପଡୋଶୀ ଆନ୍ଧ୍ରପ୍ରଦେଶରେ ରୋଡ୍ ଟ୍ୟାକ୍ସ ଅଧିକା ହୋଇଥିବାରୁ ଓଡ଼ିଶାରେ ପୁନଃ ରେଜିଷ୍ଟ୍ରେଶନ ହୋଇଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣାଗ୍ରସ୍ତ ବସ୍ ଭେମୁରୀ କାଭେରୀ ଟ୍ରାଭେଲ୍ସ ମାଲିକାନାରେ ଥିବାବେଳେ ଏହା ରାୟଗଡାର ଭେମୁରୀ ବିନୋଦ କୁମାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ଜଣାପଡିଛି। ପରିଚାଳକ ବିନୋଦ କୁମାର ଏକ ଆଫିଡେଭିଟ ମାଧ୍ୟମରେ ରାୟଗଡା ବାସିନ୍ଦା ବୋଲି ଦର୍ଶାଇ ଓଡିଶାରେ ପୁନଃ ରେଜିଷ୍ଟ୍ରେଶନ କରିଛନ୍ତି। ଏନେଇ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ନିଜ ପ୍ରତିକ୍ରିୟାରେ କହିଛନ୍ତି, ବସ୍‌ଟି ରାୟଗଡ଼ା ଆର୍‌ଟିଓରେ ପଞ୍ଜୀକରଣ ହୋଇଥିବା ସ୍ପଷ୍ଟ ହୋଇଛି। ତେବେ କେଉଁ ପରିସ୍ଥିତିରେ ବସ ହାଇଦ୍ରାବାଦରୁ ବେଙ୍ଗାଲୁରୁ ଚାଲିଥିଲା ଅସ୍ପଷ୍ଟ ରହିଛି। ବେଆଇନ ନା ଆଇନ ଭାବେ କରାଯାଇଛି ତାହାର ଯାଞ୍ଚ କରାଯାଉଛି ଏବଂ ରାୟଗଡ଼ା ଆର୍‌ଟିଓ ବିଭାଗକୁ ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ଆଶୁତୋଷ କହିଛନ୍ତି।

ଅନ୍ୟପକ୍ଷେ ମୃତ ଯୁବକ ହାଇଦ୍ରାବାଦରେ ନିଜ ଭଉଣୀଙ୍କ ସହ ରହୁଥିଲେ। ବେଙ୍ଗାଲୁରୁରେ ଆଇଟି ସେକ୍ଟରରେ ସଫ୍ଟୱେର ଇଞ୍ଜିନିୟର ଭାବେ ଯୋଗଦେବାକୁ ଗତ ୨୩ ତାରିଖରେ ହାଇଦ୍ରାବାଦରୁ ବସ୍ ଯୋଗେ ବେଙ୍ଗାଲୁରୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ପରିବାର ଲୋକେ ଶନିବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଡିଏନ୍‌ଏ ଟେଷ୍ଟ ପରେ କେ. ଦୀପକ କୁମାର ମୃତ୍ୟୁବରଣ କରିଥିବା ସ୍ପଷ୍ଟ ହୋଇଥିଲା। ୪୮ ଘଣ୍ଟା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। କେ. ଦୀପକ କୁମାର ମା'ବାପାଙ୍କ ଗୋଟିଏ ସନ୍ତାନ ହୋଇଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।




କେ. ଦୀପକ କୁମାର

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ । ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ । କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡ଼ିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡ଼ିବ । -ଶ୍ରୀମା



# ମମ୍‌ଦାନିଙ୍କ ମଡେଲ



ଆକାର ପଟେଲ

ଗୁଜରାଟୀ ପିତା ଓ ପଞ୍ଜାବୀ ମାତାଙ୍କ ସନ୍ତାନ ଭାବେ ଜୋହରାନ ମମ୍‌ଦାନି ଜୁନ୍‌ରେ ଡେମୋକ୍ରାଟିକ୍ ପାର୍ଟିର ନୋମିନେଶନ ବା ପ୍ରାର୍ଥିତ୍ୱ ହାସଲ କରିବା ପରେ ୪ ନଭେମ୍ବରରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ନ୍ୟୁୟର୍କ ସହରର ମେୟର ହେବା ସମ୍ଭାବନା ଦେଖାଦେଇଛି । ତାଙ୍କ ପ୍ରଚାର କେମିତି ଥିଲା ଏବଂ ସେ ଶୀର୍ଷକୁ କେମିତି ଆସିଲେ ସେ ସମ୍ପର୍କରେ ମୁଁ ଗୁରୁତ୍ୱ ଦେଇଥିଲି । ଚଳିତବର୍ଷ ଜାନୁଆରୀରେ ତାଙ୍କ ସପକ୍ଷରେ ଜନମତ ହାର ୧% ଥିଲା, କିନ୍ତୁ ଜୁନ୍ ସୁଦ୍ଧା ସେ ପ୍ରାଇମେରୀ (ସାଧାରଣ ନିର୍ବାଚନରେ ଡେମୋକ୍ରାଟିକ ପାର୍ଟିର କିଏ ପ୍ରାର୍ଥୀ ହେବେ ସେଥିପାଇଁ ହୋଇଥିବା ନିର୍ବାଚନ)ରେ ଏହା ୪୩%ରେ ପହଞ୍ଚିଥିଲା । ଏବେ ସର୍ବେକ୍ଷଣରୁ ଜଣାପଡ଼ିଛି, ପୂରା ସହରର ନିର୍ବାଚନ କ୍ଷେତ୍ରରୁ ତାଙ୍କ ସପକ୍ଷରେ ୫୦% ସମର୍ଥନ ରହିଛି । ଏଭଳି ଘଟିବା ପଛରେ ଅନେକ କାରଣ ଅଛି । ପ୍ରଥମେ ନ୍ୟୁୟର୍କ ସହରର ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟକୁ ବିଚାରକୁ ନେବା । ସହରରେ ୩,୫୦,୦୦୦ ମିଲିଅନେୟାର ଓ ୧୨୩ ବିଲିଅନେୟାର ଅଛନ୍ତି । କିନ୍ତୁ ଏହାର ଜନସଂଖ୍ୟାର ଏକଚତୁର୍ଥାଂଶ ଦାରିଦ୍ର୍ୟରେ ରହୁଛନ୍ତି । ଦାରିଦ୍ର୍ୟ କହିଲେ ୪ ଜଣ ସଦସ୍ୟ ଥିବା ଗୋଟିଏ ପରିବାର ବର୍ଷକୁ ୪୭,୦୦୦ ଡଲାର କିମ୍ବା ତାହାଠାରୁ କମ୍‌ରେ ବଞ୍ଚୁଛନ୍ତି । ନ୍ୟୁୟର୍କରେ ଏମାନଙ୍କ ସଂଖ୍ୟା ୨୦ ଲକ୍ଷରୁ ଅଧିକ । ମମ୍‌ଦାନି ତାଙ୍କ ପ୍ରଚାରର ଆରମ୍ଭରୁ ଏହି ସମସ୍ୟା ଉପରେ ଗୁରୁତ୍ୱ ଦେଇଥିଲେ । ମମ୍‌ଦାନିଙ୍କ ପ୍ରତିଦ୍ୱନ୍ଦ୍ୱୀ ଅପରାଧ ଓ ସୁରକ୍ଷା ଭଳି ପୁରୁଣା ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇଥିଲେ, ହେଲେ ସେ ଶସ୍ତାରେ ଗରିବ ଲୋକଙ୍କୁ ଜିନିଷ ଯୋଗାଇ ଦେବାକୁ କହିଥିଲେ । ସମାଧାନ ପାଇଁ ମମ୍‌ଦାନି ଲୋକଙ୍କ ସମ୍ମୁଖରେ ୩ଟି ବିଷୟ ରଖିଥିଲେ । ଆପାର୍ଟମେଣ୍ଟଗୁଡ଼ିକରେ(ଯେଉଁଠି ୨୦ ଲକ୍ଷ ଭଡ଼ାଟିଆ ରହୁଛନ୍ତି) ୪ ବର୍ଷ ପାଇଁ ଭଡ଼ା ବୃଦ୍ଧି ବନ୍ଦ କରିବା ; ୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କର ମାଗଣାରେ ଶିଶୁଯତ୍ନ(ସେବା) ଏବଂ ମାଗଣା ବସ୍‌ସେବା ଯୋଗାଇଦେବାକୁ କହିଥିଲେ । ଗୋଟିଏ ବର୍ଷ ପୂର୍ବରୁ ସେ ଆରମ୍ଭ କରିଥିବା ତାଙ୍କ ପ୍ରଚାରର ଏହି ବାର୍ତ୍ତାରେ କୌଣସି ପରିବର୍ତ୍ତନ କରିନାହାନ୍ତି । ସଫଳତାର ଦ୍ୱିତୀୟ ବିଷୟ ହେଉଛି, ସ୍ୱେଚ୍ଛାସେବୀ ସେନାକୁ ସେ ସମର୍ଥନ କରିଥିଲେ । ଜୁନ୍‌ରେ ଏମାନଙ୍କ ସଂଖ୍ୟା ୫୦,୦୦୦ ଥିଲା ଏବଂ ଏମାନଙ୍କ ମଧ୍ୟରୁ ୩୦,୦୦୦ ପ୍ରତି ଘରକୁ ଯାଇ ଏପରିକି ରାସ୍ତାରେ ପ୍ରଚାର କରିଥିଲେ ଓ ତାଙ୍କ ସପକ୍ଷରେ ପାଣ୍ଠି ସଂଗ୍ରହ କିମ୍ବା ସ୍ୱେଚ୍ଛାସେବୀ ଭାବେ ଯୋଗଦେବା ପାଇଁ ଲୋକଙ୍କୁ କଲ୍ କରିଥିଲେ । ତେବେ ଅକ୍ଟୋବର ଶେଷସୁଦ୍ଧା ଏହି ସଂଖ୍ୟା ଦୁଇଗୁଣ ବୃଦ୍ଧିପାଇବାର ସମ୍ଭାବନା ରହିଛି । ମମ୍‌ଦାନିଙ୍କ ରାଜନୈତିକ କେନ୍ଦ୍ର ଡେମୋକ୍ରାଟିକ ସୋସିଆଲିଷ୍ଟ ଅଫ୍ ଆମେରିକା(ଡିଏସ୍‌ଏ)ର ନ୍ୟୁୟର୍କ ଶାଖାରୁ ଏହାର ମୂଳଦୁଆ ପଡ଼ିଥିଲା । ଏକ ଦଶନ୍ଧି ପୂର୍ବରୁ ଏହି ଗୋଷ୍ଠୀ ନିର୍ବାଚନରେ ଅଂଶଗ୍ରହଣ କରିବା ଆରମ୍ଭ କରି ସଫଳ ହେବା ଦେଖାଯାଇଛି । କାରଣ ଏହା ଶ୍ରମିକ ଶ୍ରେଣୀର ଲୋକଙ୍କୁ ପ୍ରଭାବିତ କରୁଥିବା ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦେଇଥିଲା । ପୂର୍ବ ନିର୍ବାଚନଗୁଡ଼ିକରେ ଡିଏସ୍‌ଏର ସ୍ୱେଚ୍ଛାସେବୀ ଯେତିକି ସଂଖ୍ୟାରେ କାମ କରୁଥିଲେ ମମ୍‌ଦାନିଙ୍କ ପ୍ରଚାର ଯୋଗୁ ସେହି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟିଛି । ତାଙ୍କ ପ୍ରଚାରରେ ଯୁବ ଗୋଷ୍ଠୀ(ମମ୍‌ଦାନିଙ୍କ ବୟସ ୩୪ ଏବଂ ତାଙ୍କ ଟିମ୍‌ର ଅନେକଙ୍କର ବୟସ ତାଙ୍କଠାରୁ କମ୍) ମଧ୍ୟରୁ ଅଧିକାଂଶ ତଥାକଥିତ ପରାମର୍ଶଦାତା ଓ ନିର୍ବାଚନ ରଣନୀତିକଙ୍କ ତୁଳନାରେ ଅଧିକ ଦକ୍ଷ ଓ ପ୍ରଭାବୀ ଭାବେ ଉଭା ହୋଇଥିଲେ । ତୃତୀୟ ବିଷୟ ହେଉଛି ନିଜେ ପ୍ରାର୍ଥୀ ମମ୍‌ଦାନି । ସେ ହେଉଛନ୍ତି ମୁସଲମାନ ଏବଂ ଖୋଲାଖୋଲି ଭାବେ ଏହି ପରିଚୟ ଦିଅନ୍ତି । ବିଶେଷକରି ନ୍ୟୁୟର୍କ ସହରରେ ୯/୧୧ ଆକ୍ରମଣ ପରେ ଇସ୍‌ଲାମ ବିରୋଧରେ ଘୃଣା ଭାବ ରହିଆସିଛି । ଏହି ସହରରେ ଆମେରିକା ବାହାରେ ଜନ୍ମିତ ଲୋକଙ୍କ ସଂଖ୍ୟା ମଧ୍ୟ ଜନସଂଖ୍ୟାର ୪୦ ପ୍ରତିଶତ । ଏଠାରେ ଅଧିକ ମୁସଲମାନ ଓ ଦକ୍ଷିଣ ଏସିଆର ଲୋକେ ବି ରହୁଛନ୍ତି, ଯେଉଁମାନେ ତାଙ୍କ ସମର୍ଥନରେ ରାଲି କରିଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ନ୍ୟୁୟର୍କରେ ରହୁଥିବା ଇହୁଦୀ ଯୁବପିଢ଼ିଙ୍କ ସମେତ ସବୁ ପ୍ରକାର ଲୋକଙ୍କୁ ନିଜଆଡ଼କୁ ଆଣିବାରେ ତାଙ୍କର ଦକ୍ଷତା ରହିଛି । ଏହା ତାଙ୍କ ଆକର୍ଷଣ ଓ ପ୍ରତିଭା ଯୋଗୁ ସମ୍ଭବ ହୋଇଛି । ତେବେ ସୋସିଆଲ ମିଡିଆରେ ତାଙ୍କର ଆଶ୍ଚର୍ଯ୍ୟଜନକ ସଫଳତାକୁ ଏକ ମଡେଲ ଭାବେ ଅନେକ ବର୍ଷ ଧରି ବିଚାର କରାଯିବ । ତେବେ କିଛି ମାସ ପୂର୍ବେ ଆମେରିକାର ସବୁଆଡ଼େ ରାଜନୀତିଜ୍ଞମାନେ ଏହାକୁ ନକଲ କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅନେକ ବିଫଳ ହୋଇଥିଲେ, କାରଣ ସେମାନଙ୍କଠାରେ ଏହାକୁ ସହଜ ଓ ମଜାଦାର କରିବାରେ ମମ୍‌ଦାନିଙ୍କ ଭଳି ଦକ୍ଷତା ନ ଥିଲା । ଏଥିପାଇଁ ଅମେରିକାର ବିଶେଷଜ୍ଞମାନେ ତାଙ୍କୁ ହାପି ୱାରିୟର ବୋଲି କହନ୍ତି ।

ମୋ ମତରେ ଏହି ତିନୋଟି ବିଷୟ, ନଭେମ୍ବର ୪ ବିଜୟ ପାଇଁ ଆଧାର ଭାବେ କାମ କରୁଛି । ଯେତେବେଳେ ବି ହେଉ, ଯଦି ସେ ଜିତନ୍ତି, ତା'ହେଲେ ଇସ୍ରାଏଲ ପ୍ରତି ଥିବା ଅନେକ ଆମେରିକୀୟଙ୍କ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବା ଲାଗି ଆଗକୁ ଆସିବେ । ଏବେ ଲଗାତର ଭାବେ ଜନମତ ସର୍ବେକ୍ଷଣ ଦର୍ଶାଉଛି ଯେ, ଇସ୍ରାଏଲ ବର୍ଣ୍ଣଭେଦ ଓ ନରସଂହାର ପଥ ଆପଣାଇଥିବାରୁ ଅଧିକାଂଶ ଆମେରିକୀୟଙ୍କର ପାଲେଷ୍ଟିନୀୟଙ୍କ ପ୍ରତି ସହାନୁଭୂତି ରହିଛି । ଇସ୍ରାଏଲର ଶକ୍ତିଶାଳୀ ଲବି ହେତୁ ତାହାର ଏଭଳି ପଦକ୍ଷେପକୁ ରାଜନୀତିରେ ସ୍ୱୀକାର କରାଯାଇପାରିନାହିଁ, କାରଣ ଏହା ନିର୍ବାଚନ କ୍ଷେତ୍ରରେ ଥିବା ପ୍ରାର୍ଥୀଙ୍କ ପାଇଁ ବାଧକ ହୋଇପାରେ । ମମ୍‌ଦାନିଙ୍କୁ ଜେହାଦି, ଉଗ୍ରପନ୍ଥୀ, ଇହୁଦୀ ବିରୋଧୀ ଏବଂ ଆହୁରି ଅନେକ କିଛି କୁହାଯାଇଥିଲେ ମଧ୍ୟ ସେ ଏହିସବୁ ଆହ୍ୱାନଗୁଡ଼ିକୁ ସଫଳତାର ସହ ମୁକାବିଲା କରିଛନ୍ତି । ଆମେ ଜାଣିବାରେ ତାଙ୍କ ପ୍ରାର୍ଥିତ୍ୱ ଦୌଡ଼ରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଆକ୍ରମଣର ଏହା ଏକ ପ୍ରମୁଖ ଅଂଶ ଭାବେ ରହିଥିଲା । ଏହା ଏବେ ମଧ୍ୟ ଜାରି ରହିଛି । ହେଲେ ଏହାର ପ୍ରଭାବ ମମ୍‌ଦାନିଙ୍କ ଉପରେ ପଡ଼ିନାହିଁ । ଯଦି ସେ ନ୍ୟୁୟର୍କର ମେୟର ହୁଅନ୍ତି ତେବେ ତାଙ୍କ ପ୍ରଚାରଶୈଳୀ ଓ ପ୍ଲାଟ୍‌ଫର୍ମ ଆମେରିକାରେ ଡିମୋକ୍ରାଟିକ ପାର୍ଟି ପାଇଁ ଏକ ମଡେଲ ପାଲଟିଯିବ । ଏହା ସତ୍ୟ ଯେ, ମମ୍‌ଦାନି ଯେତିକି ସଫଳ ହୋଇଛନ୍ତି ତାହାର କୌଣସି ବିକଳ୍ପ ନାହିଁ ବୋଲି ପାର୍ଟିରେ ଥିବା ଅନ୍ୟ ନେତୃବର୍ଗ ପ୍ରକାଶ କରିଛନ୍ତି । ଯଦି ଜଣେ ଗୁଜରାଟୀ-ପଞ୍ଜାବୀ ଯୁବକ ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶକୁ ଏକ ନୂଆ ଦିଶା ପ୍ରଦାନ କରନ୍ତି, ତେବେ ତାହା ହେବା ସବୁଠୁ ବଡ଼ ସଫଳତା ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | |
| | | 8 | | | 4 | | 5 | 2 |
| | | | | | 3 | | 4 | |
| | | | | | | 4 | 1 | 9 |
| | | | | | | | | |
| | | 4 | 5 | 6 | | | 3 | |
| 4 | | 3 | | | | | 2 | |
| | 1 | 5 | 2 | | | | 8 | 4 |
| 8 | 7 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 4 | 3 | 2 | 8 | 6 | 1 |
| 6 | 2 | 3 | 5 | 1 | 8 | 9 | 7 | 4 |
| 8 | 4 | 1 | 6 | 7 | 9 | 3 | 5 | 2 |
| 1 | 7 | 8 | 2 | 6 | 3 | 5 | 4 | 9 |
| 4 | 6 | 2 | 9 | 5 | 1 | 7 | 3 | 8 |
| 5 | 3 | 9 | 7 | 8 | 4 | 2 | 1 | 6 |
| 2 | 9 | 5 | 1 | 4 | 7 | 6 | 8 | 3 |
| 7 | 8 | 4 | 3 | 2 | 6 | 1 | 9 | 5 |
| 3 | 1 | 6 | 8 | 9 | 5 | 4 | 2 | 7 |

ଗତକାଲିର ଉତ୍ତର


# ନୈତିକ ଶିକ୍ଷାର ମହାପ୍ରୟାଣ



ହରିଶଙ୍କର ମିଶ୍ର

ସମସ୍ତ ଦାନ ମଧ୍ୟରେ ଶିକ୍ଷାଦାନର ସ୍ଥାନ ଅତି ଉଚ୍ଚରେ । ସେଥିପାଇଁ ପ୍ରତ୍ୟେକ ଦାନ ସହ ଦକ୍ଷିଣା ଦିଆଯାଉଥିବା ବେଳେ ଶିକ୍ଷାଦାତାଙ୍କୁ ଦକ୍ଷିଣା ଦିଆଯାଇଥାଏ । ଏହାକୁ ଗୁରୁଦକ୍ଷିଣା କୁହାଯାଏ । ପ୍ରତ୍ୟେକ ଦାନରେ ଦାତା,ଗ୍ରହୀତା ରହିଥାନ୍ତି । କିନ୍ତୁ ବିଦ୍ୟାଦାନରେ ବିଦ୍ୟାଦାତା ଗୁରୁ ଓ ଗ୍ରହୀତା ଶିଷ୍ୟ ଭାବରେ ବିବେଚିତ ହୋଇଥାନ୍ତି । ଦାନରେ ଦାନ ଦ୍ରବ୍ୟ ଦୃଶ୍ୟମାନ ହୋଇଥାଏ । କିନ୍ତୁ ବିଦ୍ୟାଦାନ ଅଦୃଶ୍ୟ ଯୋଗୁ ତାହା ଗ୍ରହଣ ପରିବର୍ତ୍ତେ ଆହରଣ କରାଯାଏ । ବିନା ଗୁରୁରେ କୌଣସି ବିଦ୍ୟା ସଫଳ ହୋଇ ନ ଥାଏ । ଆମ ପରମ୍ପରାରେ ଗୁରୁଙ୍କୁ ଏକାଧାରରେ ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କ ସହ ତୁଳନା କରାଯାଇଥାଏ । ଗୁରୁଙ୍କଠାରୁ ଆହରଣ ବିଦ୍ୟା ସାରା ଜୀବନ ପାଇଁ ପଥ ପ୍ରଦର୍ଶକ ହୋଇଥାଏ । ତେଣୁ ଶଯ୍ୟାତ୍ୟାଗ ପରେ ଏବଂ କୌଣସି ଧାର୍ମିକ ବା କାମ୍ୟ କର୍ମ ଆରମ୍ଭରେ ପ୍ରଥମେ ଗୁରୁ ସ୍ମରଣ ବିଧି ରହିଛି । ଆବହମାନ କାଳରୁ ଏଇ ଗୁରୁ -ଶିଷ୍ୟ ପରମ୍ପରା ଆମର ଅନନ୍ୟ ସଂସ୍କୃତି ଥିଲା । ଶ୍ରୀକୃଷ୍ଣ ଗୁରୁ ସନ୍ଦିପନୀଙ୍କ ଆଶ୍ରମରେ ଶିକ୍ଷା ଲାଭ କରିବା ବା ମହାଭାରତରେ କୌରବ ପାଣ୍ଡବମାନେ ଆଚାର୍ଯ୍ୟ ଦ୍ରୋଣଙ୍କ ପାଖରେ ରହି ଯୁଦ୍ଧବିଦ୍ୟା ଶିକ୍ଷା ଲାଭ କରୁଥିବା ଆଦି ଅନେକ ଗୁରୁକୁଳର ଏଇ ଗୁରୁ -ଶିଷ୍ୟ ପରମ୍ପରା ଆବହମାନ କାଳରୁ ଏତେ ପ୍ରଭାବଶାଳୀ ଥିଲା ଯେ ସେହି ପ୍ରାତଃ ସ୍ମରଣୀୟ ଗୁରୁମାନେ ଆରୁଣୀ, ଉପମନ୍ୟୁ, ଅର୍ଜୁନଙ୍କ ପରି ଶିଷ୍ୟ ସୃଷ୍ଟି କରିପାରିଥିଲେ । ଗୁରୁଙ୍କ ଅଗୋଚରରେ ଶିକ୍ଷାଦାନ ଅନୁସରଣକରି ଧନୁର୍ବିଦ୍ୟା ଶିକ୍ଷାରେ ଯଥେଷ୍ଟ ଦକ୍ଷତା ଲାଭ କରିଥିବା ଏକଲବ୍ୟ ନିଜର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳିକୁ ଗୁରୁଙ୍କ ଇଚ୍ଛାରେ ଦକ୍ଷିଣା ଭାବରେ ଦେବାକୁ କୁଣ୍ଠିତ ହୋଇ ନ ଥିଲେ । ପ୍ରତ୍ୟେକ ବିଦ୍ୟାରେ ଯଥେଷ୍ଟ ପାରଦର୍ଶିତା ଲାଭ କରିଥିବା ଗୁରୁ କେବଳ ଭାରତରେ ହିଁ ଥିଲେ ।

ପୁରାଣଠାରୁ ଆରମ୍ଭକରି ରାଜତନ୍ତ୍ରରେ କୁଳଗୁରୁଙ୍କ ପରାମର୍ଶ ସର୍ବମାନ୍ୟ ହେଉଥିବାରୁ ସେମାନଙ୍କର ସ୍ୱତନ୍ତ୍ର ସମ୍ମାନ ରହୁଥିଲା । ସେମାନଙ୍କର ଅର୍ଥ ଲାଳସା ନ ଥିଲା । ଗୁରୁକୁଳ ଲୋପ ପରେ ଚାଟଶାଳୀ ଖୋଲିଲା । ସେଥିରେ ଶିକ୍ଷାଦାତା ଅବଧାନ ଏବଂ ଗ୍ରହୀତା ଚାଟ ହୋଇଥିଲେ ବି ଗୁରୁଦକ୍ଷିଣା ଅତୁଟ ରହିଥିଲା । ସବୁବେଳେ ଗୁରୁ ଶିଷ୍ୟ ପରମ୍ପରା ପିତାପୁତ୍ର ସମ୍ପର୍କଠାରୁ ଅଧିକ ନିବିଡ଼ ରହୁଥିଲା । ଯେବେଠାରୁ ଗୁରୁ ଶିଷ୍ୟ ପରମ୍ପରା ଶିକ୍ଷକ ଓ ଛାତ୍ରୀଛାତ୍ରରେ ରୂପାନ୍ତରିତ ହୋଇଗଲା ସେବେଠାରୁ ଗୁରୁଦକ୍ଷିଣା ବ୍ୟବସ୍ଥାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ଗୁରୁଦକ୍ଷିଣା ସରକାରୀ ଦରମାକୁ ପରିବର୍ତ୍ତନ ହୋଇଗଲା । ଆମର ପୂର୍ବରୁ ଯେଉଁ ଶିକ୍ଷା ଦିଆଯାଉଥିଲା ତାହା ନୈତିକତା ଓ ସାମାଜିକ ସଂହତିର ବାର୍ତ୍ତା ଦେଉଥିଲା । କିନ୍ତୁ ପରିବର୍ତ୍ତିତ ଶିକ୍ଷା ବ୍ୟବସ୍ଥା କେବଳ ସରକାରୀ ଚାକିରି ପାଇଁ ଉଦ୍ଦିଷ୍ଟ ହୋଇଗଲା । ତଥାପି ୭୦ ଦଶକ ଶେଷ ପର୍ଯ୍ୟନ୍ତ ଶିକ୍ଷକଙ୍କ ସମ୍ମାନ ଯଥେଷ୍ଟ ରହିଥିଲା । ସେ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ବିନା ଶୁଳ୍କରେ ଛାତ୍ରୀ ଛାତ୍ରଙ୍କୁ ଯେକୌଣସି ସମୟରେ ପାଠ୍ୟକ୍ରମରେ ସନ୍ଦେହମୋଚନ କରୁଥିବାବେଳେ ଟିଉଶନକୁ ଘୃଣ୍ୟ ଓ ଅଧର୍ମ କର୍ମ ବିଚେନା କରୁଥିଲେ । କିନ୍ତୁ ୮୦ ଦଶକ ଆରମ୍ଭରୁ କେତେଜଣ ଅର୍ଥଲୋଭୀ ଶିକ୍ଷକ ଟିଉଶନକୁ ଅତିରିକ୍ତ ରୋଜଗାରର ମାଧ୍ୟମ କରିଦେଲେ । ପ୍ରଥମେ ଏହା ହାଇସ୍କୁଲରେ ସୀମିତ ଥିବାବେଳେ କ୍ରମେ କ୍ରମେ କଲେଜକୁ ବ୍ୟାପିଲା । ଯେଉଁ ଶିକ୍ଷକ ବା ଅଧ୍ୟାପକ ଟିଉଶନରେ ବ୍ୟସ୍ତ ରହିଲେ ସେମାନେ ଶ୍ରେଣୀ ପାଠପଢ଼ାରେ ଅବହେଳା ସହ ତାଙ୍କ ପାଖରେ ଟିଉଶନ ହେଉଥିବା ପିଲାମାନଙ୍କ ପ୍ରତି ଅଧିକ ଧ୍ୟାନଦେଲେ । କିନ୍ତୁ ଆର୍ଥିକ ଦୁର୍ବଳ ଛାତ୍ରୀଛାତ୍ରମାନେ ସେଥିରୁ ବଞ୍ଚିତ ହେଉଥିଲେ । ଶିକ୍ଷାକୁ ଦାନ ପରିବର୍ତ୍ତେ ଟଙ୍କାରେ ମୂଲ୍ୟାୟନ ହେଲା । ତଥାପି କେତେଜଣ ଶିକ୍ଷକ ଓ ଅଧ୍ୟାପକ ନିଶ୍ଚିତ ନୀତିନିଷ୍ଠ ଥିଲେ । ସେମାନଙ୍କଠାରୁ ଜ୍ଞାନ ଆହରଣ କରିଥିବା ଛାତ୍ରୀ ଛାତ୍ର ମଧ୍ୟ ବିପଥଗାମୀ ବା ସରକାରୀ ଚାକିରିରେ ଦୁର୍ନୀତିଗ୍ରସ୍ତ ହେଉ ନ ଥିଲେ । ପୂର୍ବରୁ ଥିବା ଶିକ୍ଷା ବ୍ୟବସ୍ଥା ପାଠ୍ୟକ୍ରମର ପରିବର୍ତ୍ତନ ଯୋଗୁ ନୈତିକ ଶିକ୍ଷା ଅବକ୍ଷୟ ମୁଖୀ ହୋଇଗଲା । ବିଗତ ଶତାବ୍ଦୀର ଶେଷ ଏଂ ଚଳିତ ଶତାବ୍ଦୀର ଆରମ୍ଭରୁ ଶିକ୍ଷାରେ ନୂଆ ଅଧ୍ୟାୟ ଆରମ୍ଭ ହେଲା । ଛତୁ ଫୁଟିବା ଭଳି ସ୍କୁଲ କଲେଜ ଖୋଲିବା ସହ ନିଯୁକ୍ତ ହୋଇଥିବା ଶିକ୍ଷକ ବା ଅଧ୍ୟାପକମାନଙ୍କର ଶୈକ୍ଷିକ ଦକ୍ଷତା ପରିବର୍ତ୍ତେ ଆନୁଗତ୍ୟକୁ ଯୋଗ୍ୟତାର ମାପକାଠି କରାଗଲା । କେତେକ କଲେଜରେ ନିଶ୍ଚିତ ପାସ୍‌ର ଅଲିଖିତ ପ୍ରତିଶ୍ରୁତି ଦିଆଯାଇଥିବାରୁ ଅସତ୍ ଉପାୟରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ବୈତରଣୀ ପାର କରାଗଲା । ସରକାରୀ ବା ଅନୁଦାନପ୍ରାପ୍ତ ସ୍କୁଲ କଲେଜରେ ଦକ୍ଷତା ନ ଥିବା ଶିକ୍ଷକ ଓ ଅଧ୍ୟାପକ ରହିଥିବାରୁ ଚାକିରିରୁ ବଞ୍ଚିତ କେତେଜଣ ଶିକ୍ଷିତ ଯୁବକ ଟିଉଟୋରିଆଲ ଆରମ୍ଭ କରିଦେଲେ । ଦକ୍ଷତା ଥିବା କେତେଜଣ ଶିକ୍ଷକ ଓ ଅଧ୍ୟାପକ ଙ୍କ ମାଧ୍ୟମରେ



ଶିକ୍ଷାଦାନ ଯୋଗୁ ସେମାନଙ୍କ ରୋଜଗାର ବଢ଼ିବାରେ ସେଥିରେ ମଧ୍ୟ ପ୍ରତିଯୋଗିତା ଆରମ୍ଭ ହେଲା । ଉପାନ୍ତ ବା ଅଗମ୍ୟ କଲେଜ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର କୌଣସି ମତେ ଅଣାଯାଇ ଛାତ୍ରୀଛାତ୍ରଙ୍କୁ ଯୋଗାଇ ସେମାନଙ୍କ କୃତିତ୍ୱର ଶ୍ରେୟ ତାଙ୍କ ଟିଉଟୋରିଆଲର ଦକ୍ଷତା ବୋଲି ପ୍ରଚାର ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଆକର୍ଷିତ କରାଗଲା । କିଛି ବର୍ଷ ପୂର୍ବରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରଶ୍ନପତ୍ର ପ୍ରଘଟର ମୂଳ ସେଇ ଟିଉଟୋରିଆଲର କରିତ୍‌କର୍ମା ପରିଚାଳକମାନେ ହିଁ ଥିଲେ । କିନ୍ତୁ କେବେଠାରୁ ତାହା ଚାଲିଥିଲା ତା'ର କୌଣସି ତଦନ୍ତ ବା ସମ୍ପୃକ୍ତ ବ୍ୟକ୍ତିଙ୍କ ଚିହ୍ନଟ ପରିବର୍ତ୍ତେ ଘଟଣାକୁ ଚାପି ଦିଆଗଲା । ତା'ପରେ ନିଶ୍ଚିତ ପାସ୍ ଯୋଜନାର ଟିଉଟୋରିଆଲର ନୂତନ ସଂସ୍କରଣ ହୋଇଗଲା କୋଚିଂ ସେଣ୍ଟର ନାମରେ । ରାଜନୈତିକ ପୃଷ୍ଠପୋଷକତା ମାଧ୍ୟମରେ କେତେଜଣ କରିତ୍‌କର୍ମା ମାଲିକ 'ନିଶ୍ଚିତ ସରକାରୀ ଚାକିରି' ପ୍ରଚାର ମାଧ୍ୟମରେ ବ୍ୟବସାୟ ଆରମ୍ଭ କରିଦେଲେ । ସେମାନଙ୍କ ମାଧ୍ୟମରେ ପ୍ରଚୁର ଅର୍ଥ ବିନିମୟରେ କେତେଜଣ ବ୍ୟକ୍ତି ସରକାରୀ ଚାକିରି ପାଇଲେ । କୋଚିଂ ଗୌଣ ହୋଇଯିବା ସହ ଚାକିରି ଆଶାୟୀ ଓ ମେଧାବୀମାନେ ନିରାଶ ହେଲେ । ସେଥିପାଇଁ ୨୦୧୯ ମସିହାରୁ ରାଜ୍ୟରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ମଧ୍ୟରୁ କେଉଁମାନେ ସେଇ କୋଚିଂ ସେଣ୍ଟର ସହ ସମ୍ପୃକ୍ତ ଥିଲେ ସେମାନଙ୍କ ନିଯୁକ୍ତି ସମ୍ବନ୍ଧୀୟ ତଦନ୍ତ ଜରୁରୀ ମନେହୁଏ । ଲୋକସେବା ଭବନରେ ୨୦୧୯ ଏବଂ ୨୦୨୩ରେ ପ୍ରାୟ ୧୪୦୦ ଏଏସ୍‌ଓ ନିଯୁକ୍ତିରେ ମଧ୍ୟ ଦୁର୍ନୀତିର ଗନ୍ଧ ରାଜନୈତିକ ପୃଷ୍ଠପୋଷକତାରେ ହୋଇଥିବା ବିଧାନସଭାରେ ଆଲୋଚନା ହୋଇଥିଲା । ଏବେ ପୋଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ସ୍ପଷ୍ଟକରୁଛି ଯେ ରାଜନୈତିକ ଛତ୍ରଛାୟାରେ ସେହି ଅସାଧୁ ବ୍ୟକ୍ତି ଅନେକ ମେଧାବୀ ଚାକିରି ଆଶାୟୀଙ୍କୁ ବଞ୍ଚିତ କରିଛନ୍ତି ।

ସେମାନଙ୍କ କୋଚିଂ ସେଣ୍ଟର ମାଧ୍ୟମରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ କେବେ ବି ସାଧୁ ଚରିତ୍ରର, କାର୍ଯ୍ୟଦକ୍ଷ ହେବେ ନାହିଁ । ସେଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ଗୋଟିଏ ପଞ୍ଚାୟତରୁ ୨୦ରୁ ଅଧିକ ନିଯୁକ୍ତି ପାଇଥିବା ପୋଲିସ ଏସ୍‌ଆଇଙ୍କ ଦକ୍ଷତା ଓ ସାଧୁତା ସହ ତତ୍କାଳୀନ ସରକାରଙ୍କ ପ୍ରତି ଆଙ୍ଗୁଠି ଉଠୁଛି । ଦୁର୍ନୀତି ମାଧ୍ୟମରେ କର୍ମଚାରୀ ନିଯୁକ୍ତି ହେଲେ ସରକାରଙ୍କର ଶୂନ୍ୟ ସହନଶୀଳତା କେବଳ ଏକ ଧୂଆଁବାଣ ହୋଇଯିବ । ତେଣୁ ପ୍ରଥମେ ରାଜ୍ୟର ପ୍ରତ୍ୟେକ କୋଚିଂ ସେଣ୍ଟରର ଦକ୍ଷତା ଓ ସାଧୁତା କୁ ତଦନ୍ତ ପରିସରଭୁକ୍ତ କରାଯାଉ । ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଏକ ଦକ୍ଷ ନିରପେକ୍ଷ ସଂସ୍ଥା ମାଧ୍ୟମରେ ଆରମ୍ଭ ହେଉ । ଶିକ୍ଷା ବିଭାଗରେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଶିକ୍ଷାରେ ଦକ୍ଷତା ନ ଥିବା ବା ଶିକ୍ଷାରେ ସାମାନ୍ୟ ଅବହେଳା କରୁଥିବା ପ୍ରତ୍ୟେକଙ୍କୁ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ବହିଷ୍କାର କରାଯାଉ । ତା'ହେଲେ ଶିକ୍ଷାରେ ନୈତିକତା ଆସିପାରିବ । ଶିକ୍ଷା ରେ ନୈତିକତା ଆସିଲେ ସମାଜ ସୁଧୁରିଯିବ ।

ଗୁଣ୍ଡିଚାବିହାର, ପୁରୀ, ମୋ:୭୯୭୮୭୮୫୪୭୮

# 'ବର୍ନିଂ ଆର୍ଥ'ର ରୂପକାର

ବ୍ୟକ୍ତିତ୍ୱ



ସୁନୀଲ ଅମ୍ରିତ

ଭାରତୀୟ ବଂଶୋଦ୍ଭବ ଇତିହାସକାର ସୁନୀଲ ଅମ୍ରିତଙ୍କୁ ୨୦୨୫ ବ୍ରିଟିଶ ଏକାଡେମୀ ବୁକ୍ ପ୍ରାଇଜ୍‌ର ବିଜେତା ଘୋଷଣା କରାଯାଇଛି । ତାଙ୍କ ପୁସ୍ତକ 'ଦ ବର୍ନିଂ ଆର୍ଥ: ଆନ୍ ଏନ୍‌ଭାଇରନ୍‌ମେଣ୍ଟାଲ ହିଷ୍ଟ୍ରି ଅଫ୍ ଦ ଲାଷ୍ଟ ଫାଇଭ୍ ହଣ୍ଡ୍ରେଡ୍ ଇୟର୍ସ'ରେ ମାନବ ଉଚ୍ଚାକାଂକ୍ଷା କିପରି ଗ୍ରହକୁ ରୂପାନ୍ତରିତ କରିଛି ଓ ଗ୍ରହ କିପରି ମାନବ ଇତିହାସକୁ ଗଢ଼ିଛି ତାହାର ଏକ ବିସ୍ତୃତ ବର୍ଣ୍ଣନା କରାଯାଇଛି । ବିଚାରକମାନେ ଏହାକୁ ଭବ୍ୟ ଓ ସୁନ୍ଦର ବ୍ୟାଖ୍ୟାନର ଏକ ପ୍ରାମାଣିକ ଦସ୍ତାବିଜ ବୋଲି ଅଭିହିତ କରିଛନ୍ତି । ବ୍ରିଟିଶ ଏକାଡେମୀ ବୁକ୍ ପ୍ରାଇଜ୍‌ର ଅଧ୍ୟକ୍ଷା ରେବେକା ଇୟର୍ଲେ ପୁସ୍ତକ ସମ୍ପର୍କରେ କହିଛନ୍ତି, ଏବର ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟର ମୂଳ ବୁଝିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହେଉଛି ।

୨୦୧୩ ମସିହାରୁ ବାର୍ଷିକ ପ୍ରଦାନ କରାଯାଉଥିବା ବ୍ରିଟିଶ ଏକାଡେମୀର ଅଣ-କାଳ୍ପନିକ(ନନ୍-ଫିକ୍ସନ) ପୁସ୍ତକ ପୁରସ୍କାରର ସୁନୀଲ ହେଉଛନ୍ତି ୧୩ତମ ବିଜେତା । ଏହା ଏପରି କାର୍ଯ୍ୟକୁ ସ୍ୱୀକୃତି ଦିଏ ଯାହା ସତ୍ୟ ଓ ଯୁକ୍ତିମୂଳକ ଘଟଣା ଉପରେ ଆଧାରିତ ହୋଇଥାଏ । ତାଙ୍କ ପୁସ୍ତକ ମହାଦେଶ ଓ ଶତାବ୍ଦୀକୁ ଅତିକ୍ରମ କରିବାର ତଥ୍ୟ ଗୁନ୍ଥିରଖିଛି । ପେରୁର ପର୍ତ୍ତୁଗୀଜ ରୁପା ଖଣିରୁ ଦକ୍ଷିଣ ଆଫ୍ରିକାର ବ୍ରିଟିଶ ସୁନା କ୍ଷେତ୍ର, ଔପନିବେଶିକ ରେଳପଥରୁ କେନ୍ଦ୍ରୀୟ ଏସିଆର ତୈଳ ପାଇପ୍‌ଲାଇନ ପର୍ଯ୍ୟନ୍ତ ବିଷୟ ପୁସ୍ତକରେ ଏଭଳି ଦର୍ଶାଯାଇଛି ଯେ କିପରି ଉତ୍ତୋଳନ ଓ ସାମ୍ରାଜ୍ୟ ଆଧୁନିକ ବିଶ୍ୱକୁ ଗଢ଼ିଛି ତାହା ସୁସ୍ପଷ୍ଟ ହୋଇଛି । ତାଙ୍କ ଲେଖାରେ ସେ ମାନବ ଇତିହାସକୁ ପୃଥିବୀର ଇତିହାସରୁ ଅଲଗା କରାଯାଇପାରେ ନାହିଁ ବୋଲି ବର୍ଣ୍ଣନା କରିଛନ୍ତି । ସେ କହନ୍ତି ପରିବେଶଗତ ରୂପାନ୍ତର ସବୁବେଳେ ରାଜନୈତିକ, ଶକ୍ତି, ଲାଭ, ଅସମାନତା ଦ୍ୱାରା ଚାଳିତ, ଯାହା ଆମ ସମାଜକୁ ବ୍ୟାଖ୍ୟା କରେ । ପ୍ରଗତିର ଅନୁସରଣ କିପରି ମଣିଷ ଓ ଗ୍ରହ ଉଭୟକୁ ପୁନର୍ଗଠନ କରିଛି ତାହା ସେ ପ୍ରକାଶ କରିଛନ୍ତି । ଏଭଳି ଏକ ଗବେଷଣାତ୍ମକ ପୁସ୍ତକ ରଚନା କରି ସେ ବ୍ରିଟିଶ ଏକାଡେମୀ ବୁକ୍ ପ୍ରାଇଜ୍ ପାଇବାକୁ ଯାଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି ।

ସୁନୀଲ ୪ ସେପ୍ଟେମ୍ବର ୧୯୭୯ରେ କେନିଆର ନାଇରୋବିଠାରେ ଭାରତୀୟ ମାତାପିତାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଜଣେ ବ୍ୟାଙ୍କର ଥିବା ବେଳେ ମାତା ଚକ୍ଷୁ ବିଶେଷଜ୍ଞ । ୧୯୮୦ରେ ମାତାପିତା ସିଙ୍ଗାପୁର ପଳାଇଯିବା ପରେ ସେ ସେଠାରେ ବଢ଼ିଥିଲେ । ୨୦୦୦ ମସିହାରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ବି.ଏ. ଏବଂ ୨୦୦୫ରେ ସେହି ଶିକ୍ଷାନୁଷ୍ଠାନରୁ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଥିଲେ । ତାଙ୍କ ଗବେଷଣାତ୍ମକ ସନ୍ଦର୍ଭକୁ ଇଂଲିଶ୍ ଅର୍ଥନୈତିକ ଐତିହାସିକ ଏମା ରୋଥ୍‌ସଚାଇଲ୍ଡ ମୂଲ୍ୟାୟନ କରି ଉଚ୍ଚପ୍ରଶଂସା କରିଥିଲେ । ସୁନୀଲ ୨୦୦୬ରୁ ୨୦୧୫ ଯାଏ ୟୁନିଭର୍ସିଟି ଅଫ୍ ଲଣ୍ଡନ ଅଧୀନ ବିର୍କବେକ୍‌ଠାରେ ମଡର୍ନ ଏସିଆନ୍ ହିଷ୍ଟ୍ରି ପଢ଼ାଇଥିଲେ । ୨୦୧୫ରେ ସେ ଆମେରିକା ଯାଇ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ସାଉଥ୍ ଏସିଆନ୍ ହିଷ୍ଟ୍ରିର ପ୍ରଫେସର ହୋଇଥିଲେ । ତାଙ୍କ ଶିକ୍ଷାଦାନ ପରିସର ବିଶ୍ୱସ୍ତର ଛୁଇଁବାରେ ଲାଗିଲା ଯେବେ ସେ ପର୍ଯ୍ୟାୟକ୍ରମେ ୨୦୨୦ରୁ ୨୦୨୫ ଯାଏ ୟେଲ୍'ର ହ୍ୱିଟ୍‌ନି ଆଣ୍ଡ ବେଟ୍ଟି ମ୍ୟାକ୍‌ମିଲାନ ସେଣ୍ଟର ଫର୍ ଇଣ୍ଟରନ୍ୟାଶନାଲ ଆଣ୍ଡ ଏରିଆ ଷ୍ଟଡିଜ୍‌ର ହେନ୍‌ରି ଆର୍. ଲୁସେ'ର ନିର୍ଦ୍ଦେଶକ ହୋଇପାରିଲେ । ସେ ବର୍ତ୍ତମାନ ୟେଲ ବିଶ୍ୱବିଦ୍ୟାଳୟରେ ରେନୁ ଆଣ୍ଡ ଆନନ୍ଦ ଧାୱନ ପ୍ରଫେସରଶିପ୍ ଅଫ୍ ହିଷ୍ଟ୍ରୀ ପଦବୀଧାରୀ ହୋଇଥିବା ବେଳେ ସ୍କୁଲ୍ ଅଫ୍ ଏନ୍‌ଭାଇରନ୍‌ମେଣ୍ଟରେ ଶିକ୍ଷାଦାନ କରୁଛନ୍ତି ।

'ଦ ବର୍ନିଂ ଆର୍ଥ' ପୂର୍ବରୁ ସେ 'କ୍ରସିଂ ଦ ବେ ଅଫ୍ ବେଙ୍ଗଲ' ଓ 'ଅନରୁଲି ୱାଟର୍ସ' ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ । ତାଙ୍କ ଲେଖାରେ ଦେଶାନ୍ତରଣ, ସାମ୍ରାଜ୍ୟ ଓ ମୌସୁମୀ ବର୍ଷାର ଗଭୀର ଅଧ୍ୟୟନ ଥିବା ଲକ୍ଷ୍ୟ କରାଯାଇଥାଏ । ଗୋଟେ ନୂଆ ବିଷୟକୁ ଲୋକଲୋଚନକୁ ଆଣିବା ପାଇଁ ସେ କରିଥିବା ଅନ୍ୱେଷଣ ହିଁ ତାଙ୍କୁ ସ୍ୱତନ୍ତ୍ର ଲେଖକ ସ୍ତରକୁ ଉନ୍ନୀତ କରିପାରିଛି । ସେଥିପାଇଁ ସେ ମାକାର୍ଥର ଜିନିୟସ ଫେଲୋଶିପ, ୨୦୨୪ ଫୁକୁଓକା ଏକାଡେମିକ ପ୍ରାଇଜ୍ ଏବଂ ୨୦୨୫ ଟୋୟନବି ପ୍ରାଇଜ୍ ଭଳି ଉଚ୍ଚ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ବର୍ତ୍ତମାନ ବିଶ୍ୱ ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟ ଦେଇ ଆଉଟୁପାଉଟୁ ହେଉଥିବା ବେଳେ ସେ କହନ୍ତି, ଏହି ସମସ୍ୟାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କୌଣସି ପ୍ରସଙ୍ଗ ହୁଏତ ନାହିଁ । ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ଆମେ ଏହି ସ୍ଥାନରେ କିପରି ପହଞ୍ଚିଲୁ ତାହା ବୁଝିବାରେ ସାହାଯ୍ୟ କରିବ ଏବଂ ଆମେ ଯେଉଁ ଜଟିଳତାରେ ଛନ୍ଦି ହୋଇଛୁ ସେଥିରୁ କିପରି ମୁକ୍ତ ହୋଇପାରିବୁ ତାହାର ବିଶ୍ଳେଷଣ କରିବାର ସମୟ ଆସିଥିବା ପୁସ୍ତକ ମାଧ୍ୟମରେ ସେ କହିବାକୁ ଚାହିଁଛନ୍ତି । ସେ ପାଠକଙ୍କୁ ପରିବେଶଗତ ପରିବର୍ତ୍ତନ ଓ ମାନବ ସଂଘର୍ଷ ମଧ୍ୟରେ ସଂଯୋଗ ଦେଖିବାକୁ ଆହ୍ୱାନ ଦେଇଛନ୍ତି । ସେ ଯୁକ୍ତି କରନ୍ତି ଯେ ଯୁଦ୍ଧ କେବଳ ଭୂମି ପାଇଁ ନୁହେଁ, ବରଂ ଜଙ୍ଗଲ, ତୈଳ, ଜଳ ଓ ଶ୍ରମ ଭଳି ସମ୍ପଦ ନିମନ୍ତେ ମଧ୍ୟ ଲଢ଼ାଯାଏ । ଯୁଦ୍ଧ ଓ ହିଂସା ପରିବେଶଗତ ସଙ୍କଟର ମୂଳରେ ରହିଛି ।

କୁହାଯାଇପାରେ, ୪୭ ବର୍ଷ ବୟସରେ ସୁନୀଲ ଏକ ପିଢ଼ିର ଇତିହାସକାରଙ୍କ ମଧ୍ୟରେ ଠିଆ ହୋଇଛନ୍ତି, ଯାହାଙ୍କର କାର୍ଯ୍ୟ ଅଭିଲେଖାଗାର (ଆର୍କାଇଭସ୍) ଓ ସକ୍ରିୟ ଅଭିଯାନ (ଆକ୍ଟିଭିଜମ୍) ମଧ୍ୟରେ ସେତୁ ସୃଷ୍ଟି କରେ । ତାଙ୍କୁ ସମ୍ମାନିତ କରି ବ୍ରିଟିଶ ଏକାଡେମୀ ବୁକ୍ ପ୍ରାଇଜ୍ ସ୍ୱୀକାର କରୁଛି ଯେ ଆମେ କେଉଁଠାକୁ ଯାଉଛୁ ତାହା ଜାଣିବା ପାଇଁ ପ୍ରଥମେ ଆମେ ଆମ ପାଦ ତଳେ ଥିବା ଭୂମି ସହିତ ମେଳ ଖାଇବା ଆବଶ୍ୟକ ।

ସୁନୀଲଙ୍କ ବ୍ୟକ୍ତିଗତ ଜୀବନକୁ ସନ୍ଧାନ କଲେ ସହଧର୍ମିଣୀ ରୁଥ୍ କୋଫେ ଓ ଦୁଇ ସନ୍ତାନଙ୍କ ସହ କନେକ୍ଟିକଟ୍ ହାମେଡେନ୍‌କୁ ଯିବାକୁ ପଡ଼ିବ ।

- ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଅନୁକୂଳ ବାସସ୍ଥାନର ଅଭାବ ଯୋଗୁ ଅନେକ ପ୍ରାଣୀ ଏବେ ବିଲୁପ୍ତିର ଦ୍ୱାରଦେଶରେ । ଏମାନଙ୍କ ମଧ୍ୟରେ ରହିଛି କୃଷ୍ଣସାର ମୃଗ । ଏହିକ୍ରମରେ ଛତିଶଗଡ଼ର ବାଲଦାବଜାର ଜିଲା ଅନ୍ତର୍ଗତ ବରଓ୍ୱାଁପଡ଼ା ଅଭୟାରଣ୍ୟରୁ ୧୯୭୦ ଦଶକରେ ଏହି ପ୍ରଜାତିର ମୃଗ ଲୋପ ପାଇଯାଇଥିଲା । ବ୍ୟାପକ ଶିକାର ଓ ଅଭୟାରଣ୍ୟରେ ଜବରଦଖଲ ଏବଂ ସେମାନଙ୍କ ଚାରଣଭୂମିକୁ ନଷ୍ଟ କରିବା ଯୋଗୁ ଏହା ଘଟିଥିଲା । ତେବେ ଦୀର୍ଘ ୫୦ ବର୍ଷ ପରେ ପୁନର୍ବାର କୃଷ୍ଣସାର ମୃଗ ଅଭୟାରଣ୍ୟକୁ ଫେରିଛନ୍ତି । ଏହା ଛତିଶଗଡ଼ ଜଙ୍ଗଲ ବିଭାଗର ପଦକ୍ଷେପ ଯୋଗୁ ସମ୍ଭବ ହୋଇପାରିଛି । କୃଷ୍ଣସାର ମୃଗ ଅଭୟାରଣ୍ୟରେ ବଂଶବୃଦ୍ଧି କରି କେମିତି ସୁରକ୍ଷିତ ଭାବେ ରହିପାରିବେ ସେଥିପାଇଁ ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ଏକ ଯୋଜନା କରାଯାଇଛି । ଏହି ଯୋଜନା ପୂରିବାକୁ ଆଉ ବର୍ଷେ ବାକି ରହିଥିବାବେଳେ ଯୋଜନାରେ ବଡ଼ ସଫଳତା ମିଳିଛି । ବାହାରୁ ୧୫୦ରୁ ଉର୍ଦ୍ଧ୍ୱ କୃଷ୍ଣସାର ମୃଗ ଅଣାଯାଇଥିଲା । ଏବେ ଏମାନଙ୍କ ବଂଶବୃଦ୍ଧି ଘଟି ୨୦୦ ପାଖାପାଖି ହୋଇଛି । ମୃଗଙ୍କ ବାସସ୍ଥାନର ସୁରକ୍ଷା, ଚାରଣଭୂମିର ପୁନରୁଦ୍ଧାର ଏବଂ ପରିବେଶଗତ ସମନ୍ୱୟ ପଦକ୍ଷେପ ଯୋଗୁ ଏଭଳି ସଫଳତା ମିଳିଛି ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଅକ୍ଟୋବର ୧୯୭୬

- ଯୁକ୍ତରାଷ୍ଟ୍ର ଆମେରିକା ଓ ଭିଏତ୍‌ନାମ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ନିମନ୍ତେ ଆମେରିକା ଦେଇଥିବା ପ୍ରସ୍ତାବକୁ ଭିଏତ୍‌ନାମ ଗ୍ରହଣ କରିଛି ।
- ରୋଡେସିଆର ସଂଖ୍ୟାଗରିଷ୍ଠ ଶାସନ ପ୍ରତିଷ୍ଠା ଲାଗି ଡକ୍ଟର କିସିଞ୍ଜରଙ୍କ ଯୋଜନାକୁ ଜିମ୍ବାୱେ ଆଫ୍ରିକାନ୍ ଜାତୀୟ ୟୁନିୟନର ନେତା ରବର୍ଟ ମୁଗାଙ୍କ ଅଗ୍ରାହ୍ୟ ।
- ଡ. ବାରବାରା ଘୋଷ ଭାରତୀୟ ନୌବାହିନୀର ପ୍ରଥମ ମହିଳା କମାଣ୍ଡର ପଦବୀରେ ନିଯୁକ୍ତ ।

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବଙ୍କ ସୁରକ୍ଷା, ଜଗତ ରକ୍ଷା

ମହାଶୟ,

ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୟନ କରାଯାଇଛି । କିନ୍ତୁ ଅନେକ ସମୟରେ ଦେଖାଯାଏ, ପଶୁପକ୍ଷୀମାନଙ୍କୁ ନିର୍ମମ ଭାବେ ଶିକାର କରି ତାଙ୍କର ମୂଲ୍ୟବାନ ଦାନ୍ତ, ଚମଡ଼ା, ପର, ଶିଙ୍ଗକୁ ବିକ୍ରି କରାଯାଉଛି । ଜନସଂଖ୍ୟା ବୃଦ୍ଧି ପାଇଁ ମନୁଷ୍ୟ ଜଙ୍ଗଲ କାଟି ଘର, ରାସ୍ତା ଏବଂ ବଡ଼ ବଡ଼ କଳକାରଖାନା ତିଆରି କରୁଛି । ଅନେକ ସ୍ଥାନରେ ଦେଖାଯାଏ, ଗ୍ରୀଷ୍ମ ଦିନରେ ସାଧାରଣ ଲୋକ ଏବଂ ଶିକାରୀମାନେ ଜଙ୍ଗଲରେ ନିଆଁ ଲଗାଇ ଦେବା ଯୋଗୁଁ ବହୁ ନିରୀହ ପଶୁ ପକ୍ଷୀମାନଙ୍କର ଜୀବନ ଚାଲିଯାଉଛି । ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ସରକାର ବିଭିନ୍ନ ସମାଜସେବୀ ଅନୁଷ୍ଠାନମାନଙ୍କୁ ସହାୟତା ରାଶି ଯୋଗାଇ ଦେଉଛନ୍ତି । ହାତୀଙ୍କ ସୁରକ୍ଷା ପାଇଁ 'ହାତୀ କରିଡର' କରାଯାଇଛି । ଆସାମ ପରି ରାଜ୍ୟରେ ହାତୀଙ୍କ ସୁରକ୍ଷା ପାଇଁ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମହୁଚାଷ କରାଯାଉଛି । ଫଳରେ ମହୁମାଛିଙ୍କ ଗୁଣୁଗୁଣୁ ଶବ୍ଦ ହାତୀ ପାଇଁ ବିରକ୍ତିକର ହୋଇଥିବାରୁ ସେ ଉକ୍ତ ସୀମାରେଖା ଅତିକ୍ରମ ନ କରି ପୁଣି ନିଜ ବାସସ୍ଥାନକୁ ଫେରିଯାଏ । ଏହି ପଦ୍ଧତି ସମସ୍ତ ରାଜ୍ୟ ଓ ଅଞ୍ଚଳ ଯେଉଁଠାରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି, ସେଠାରେ ପ୍ରୟୋଗ ହେବା ଆବଶ୍ୟକ । ଫଳରେ ଗଜରାଜ ସୁରକ୍ଷା ପାଇବା ସହ ଲୋକଙ୍କ ଧନ ଜୀବନ ଓ ଖାଦ୍ୟ ସୁରକ୍ଷିତ ହୋଇପାରିବ । ଜୀବଙ୍କୁ ସୁରକ୍ଷିତ ରଖିଲେ ଜଗତ ରକ୍ଷା ହୋଇପାରିବ । ଆସନ୍ତୁ ବନ୍ୟପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ମିଳିତ ଉଦ୍ୟମ କରିବା

- ରାଜସ୍ମିତା ବାରିକ, ନୀଳଗିରି, ବାଲେଶ୍ୱର

## ଚିରନ୍ତନୀ

ତଥାପି ଏ ଦେହ ସମ ହେଲା ତାହା ପ୍ରିୟ ତ
ତଥାପି ଏ ପାପ ଆଖି ଖୋଜିବୁଲେ ନିୟତ
ଖୋଜିବୁଲେ ଦେଖିବାକୁ ପରିଚିତ ମୁଖଟି
ଦେଖିବାକୁ ସୁକୁମାର ସେ ରୂପରୁ କିଏ ତ ।
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୁଡୁମୁଲୁଗୁମ୍ମା ବିଦ୍ୟାଳୟରେ ଆରମ୍ଭହେଲା ଷ୍ଟୁଡେଣ୍ଟ -ପୋଲିସ କ୍ୟାଡେଟ



ପୋଲିସ ଅଧିକାରୀ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ର।

କୋରୁକୋଣ୍ଡା,୨୫।୧୦(ଶିବଦତ୍ତ ସାହୁ )

## ପ୍ରଶିକ୍ଷଣ ନେବେ ୫୦ ଛାତ୍ରୀଛାତ୍ର

ମାଲକାନଗିରି ଜିଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ହେଚ୍‌ଙ୍କ ନିର୍ଦ୍ଦେଶକ୍ରମେ ଓର୍କେଲ ଥାନା ଅଧୀନ କୁଡୁମୁଲୁଗୁମ୍ମା ନୋଡାଲ ଉଚ୍ଚ ବିଦ୍ୟାଳୟରେ ପୋଲିସ-ଷ୍ଟୁଡେଣ୍ଟ କ୍ୟାଡେଟ କାର୍ଯ୍ୟକ୍ରମ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ବବିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଏଏସ୍‌ଆଇ ସଞ୍ଜିତ ଟାକ୍ରି କୃଷ୍ଣ ଚନ୍ଦ୍ର ହିଆଲ, ହାବିଲଦାର ପ୍ରଶାନ୍ତ କୁମାର ଖୋସଲା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଷ୍ଟୁଡେଣ୍ଟ -ପୋଲିସ କ୍ୟାଡେଟ ଗ୍ରୁପ୍‌ରେ ବିଦ୍ୟାଳୟର ମୋଟ ୫୦ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଏହି ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିସହ ସେମାନଙ୍କୁ (ଏସ୍‌ପିସି ) ଲୋଗୋ ଥିବା ଏବଂ ଉଇ ଲୋନ୍ ସର୍ଭିସ୍ ଲେଖାଥିବା ଟି -ଶାର୍ଟ, ଖାତା ଓ କମ୍ପାସ ବକ୍ସ ଆଦି ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ପୋଲିସ ପକ୍ଷରୁ ପିଲାମାନଙ୍କୁ ଶୃଙ୍ଖଳା, ପୋଲିସ କାର୍ଯ୍ୟକାରିତା, ପରେଡ୍, ଡ୍ରିଲ୍ ସହ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ପ୍ରଦାନ କରାଯିବ। ଟ୍ରାଫିକ୍ ନିୟନ୍ତ୍ରଣ, ଥାନା, କାରାଗାର ବୁଲାଇ ଦେଖାଇବା ସହ ସେମାନଙ୍କୁ ଏ ସମସ୍ତ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯିବ।

ସେମାନେ ଭବିଷ୍ୟତରେ ଯେପରି ନିଜକୁ ଶୃଙ୍ଖଳିତ ଭାବେ ଗଢି ତୋଳିବା ସହ ଏକ ଭଲ ପୋଲିସ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗର ଉଚ୍ଚ ଅଧିକାରୀ ହୋଇ ଲୋକଙ୍କ ସେବା କରିପାରିବେ। ସେ ନେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରାଯିବ। ଉକ୍ତ କ୍ୟାଡେଟକୁ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ୫୦ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ଅନୁଦାନ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି ବୋଲି ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଡିସେମ୍ବର ୧୪ରୁ ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି, ୨୫।୧୦ (ଦୁର୍ଯ୍ୟୋଧନ ପାତ୍ର)

## ଜନଜାତି ଭାଷା, ସଂସ୍କୃତି, ପରମ୍ପରା ବଜାୟ ରଖିବାକୁ ଗୁରୁତ୍ୱ

ମାଲକାନଗିରି ଜିଲା ସଦର ମହକୁମାରେ ମାଲ୍ୟବନ୍ତ ମହୋତ୍ସବ -୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପଜିଲାପାଳ ଅଶ୍ୱିନ ଏ ଏଲ୍., ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ ଓ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୧୪ରୁ ୧୮ ତାରିଖ ୫ଦିନ ବ୍ୟାପି ସ୍ଥାନୀୟ ଡିଏନକେ ଖେଳ ପଡିଆଠାରେ ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପାରମ୍ପରିକ ଲୋକକଳା ଓ ଲୋକ ନୃତ୍ୟ, ପାରମ୍ପରିକ ଜନଜାତି ଭାଷା ସଂସ୍କୃତି ପରମ୍ପରାକୁ ବଜାୟ ରଖି ଏହି ମହୋତ୍ସବକୁ ପାଳନ କରିବା ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏହି ମହୋତ୍ସବକୁ ଆଡମ୍ବର ଓ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଡିସେମ୍ବର ୨, ୩, ୪ରେ ବ୍ଲକସ୍ତରୀୟ ମହୋତ୍ସବ ପାଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ନଭେମ୍ବର ୩୦ରେ ୭ଟି ବ୍ଲକର ପବିତ୍ର ସ୍ଥାନରୁ କଳସ ଜଳ ସଂଗ୍ରହ କରାଯାଇ ଜିଲା ସଦର ମହକୁମାସ୍ଥିତ ଭୈରବୀ ମନ୍ଦିରଠାରେ ଏକତ୍ରିତ ହୋଇ ଜଗନ୍ନାଥ ମନ୍ଦିର ଅଭିମୁଖେ ଶୋଭାଯାତ୍ରା କରାଯିବ । ଚଳିତ ବର୍ଷ ନୌକାଚାଳନା ପ୍ରତିଯୋଗିତା ପାଇଁ ଅନ୍ୟ ଜିଲାକୁ ମଧ୍ୟ ନିମନ୍ତ୍ରଣ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ମାଲ୍ୟବନ୍ତ ମହୋତ୍ସବରେ ସମ୍ମାନିତ କରାଯିବ। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଂସ୍କୃତି ଭବନଠାରେ ଦୁଇଦିନ ଧରି ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ପୂର୍ବ ବର୍ଷ ଭଳି ମିନି ମାରାଥନ, ନୌକା ଚାଳଣା, ପଥ ଉତ୍ସବ ଆୟୋଜନ ହେବ । ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ପିଏ ଆଇଟିଡିଏ ହଳଧର ଶବର, ଅର୍ଥ ପରିଚାଳକ ମାନସ ମିଶ୍ରଙ୍କ ସମେତ ସମସ୍ତ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟ ବିଡିଓ, ତହସିଲଦାର ଓ ବୁଦ୍ଧିଜୀବି ଉପସ୍ଥିତ ଥିଲେ ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ।

# ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ପାଳନ ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି,୨୫।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍କୁଲ, କଲେଜରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଜାତୀୟତା ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରତିଯୋଗିତା ହେବା ନେଇ ସୂଚନା ଦିଆଯାଇଛି। ଯୁବପୀଢ଼ିଙ୍କୁ ନେଇ ପଦଯାତ୍ରା କରାଯିବ। ଏହି ସମୟରେ ପ୍ରତି ୨ କି.ମି. ବ୍ୟବଧାନରେ ମୋ ଭାରତ ସେବା କେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଦ୍ୱାରା ରଙ୍ଗୋଲୀ ପ୍ରତିଯୋଗିତା ସହ ଷ୍ଟଲରେ ସ୍ୱଦେଶୀ,ସ୍ଥାନୀୟ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରାଯିବ। ପଦଯାତ୍ରାରେ ବଲ୍ଲଭଭାଇଙ୍କ ବିଷୟରେ ସଚେତନତା କରାଯିବାକୁ କୁହାଯାଇଛି। ଏହି ପଦଯାତ୍ରା ଏମ୍.ଭି. ୭ରୁ ବାହାରି ଡିଏନ୍‌କେ ଖେଳ ପଡିଆ ଯାଏ କରାଯିବ ବେଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ବିଧାୟକ ପ୍ରତିନିଧି, ଏମ୍‌ପି ପ୍ରତିନିଧି ଓ ସହକାରୀ ଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବାତ୍ୟା ମୁକାବିଲା ନେଇ ପ୍ରଶାସନ ପ୍ରସ୍ତୁତ: ଜିଲାପାଳ

ମାଲକାନଗିରି, ୨୫।୧୦(ଦୁର୍ଯ୍ୟୋଧନ ପାତ୍ର)

## ସମ୍ଭାବ୍ୟ ବାତ୍ୟାକୁ ନେଇ ଜରୁରୀ ବୈଠକ

ଆସନ୍ତା ୨୭ ତାରିଖରୁ ସମ୍ଭାବ୍ୟ ବାତ୍ୟା ମୋନ୍ଥା ପ୍ରଭାବରେ ପ୍ରବଳ ବର୍ଷା ହେବ। ରାଜ୍ୟ ସରକାର ଓ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ମାଲକାନଗିରି ଜିଲାରେ ଏହାର ପ୍ରଭାବ ପଡ଼ିବ। ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଏକ ଜରୁରୀ ବୈଠକ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ କରାଯାଇଛି। ଜିଲାପାଳ କହିଛନ୍ତି ଯେ, ବର୍ତ୍ତମାନ ଏହି ବାତ୍ୟ ଆନ୍ଧ୍ରପ୍ରଦେଶରେ ପ୍ରେବେଶ କରିଛି। ଆସନ୍ତା ୨୭ ତାରିଖରେ ମାଲକାନଗିରି ଜିଲାରେ ଏହାର ପ୍ରଭାବ ପଡ଼ିବ। ଏଥିପାଇଁ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଛି। କୌଣସି ଧନଜୀବନ ହାନି ନ ହୁଏ, ରାସ୍ତା ଘାଟ ବନ୍ଦ ନ ହୁଏ, ନଦୀ କୁଳିଆ ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର, ଅସ୍ଥାୟୀ କେନ୍ଦ୍ରରେ ଲୋକମାନଙ୍କୁ ସୁରକ୍ଷିତ ରଖିବା, ଲୋକମାନଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟସେବା, ପ୍ରାଣୀମାନଙ୍କ ପାଇଁ ଜରୁରିକାଳୀନ ଖାଦ୍ୟ ଓ ଚିକିତ୍ସା ପାଇଁ ପ୍ରସ୍ତୁତି କରାଯାଇଛି। ସେହିପରି ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍‌କୁ ମଧ୍ୟ ସଜାଗ ରଖା ଯାଇଛି। ପ୍ରତ୍ୟେକ ବିଭାଗକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ସରକାରୀ ବେସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଯେକୌଣସି ବିପଦର ମୁକାବିଲା କରିବା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ଜିଲାପାଳ କହିଛନ୍ତି।


## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ: କଟକ
ପ୍ଲଟ୍ ନଂ.: ୪, ମହାନଦୀ ବିହାର, ପୋ.: ନୟାବଜାର, କଟକ-୭୫୩୦୦୪

**ଦଖଲ ନୋଟିସ୍**
[ପରିଶିଷ୍ଟ-୪ ରୁଲ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ ସହିତ ଧାରା ୧୩(୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ଚୁକ୍ତିହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି।

୨) ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତିହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପଇଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ରାଶି ଯଦି କିଛି ଥାଏ, ତାହାକୁ ବାଦ ଦେଇ ପ୍ରଦାନ କରିବାକୁ ବାଧ ହେବେ । ଦଖଲ ତାରିଖ ସୁଦ୍ଧା ନିମ୍ନରେ ଦର୍ଶିତ ବକେୟା ଦେୟ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ପ୍ରଦାନ କରିବାକୁ ହେବ ।

**୩) ଏତଦ୍‌ଦ୍ୱାରା ଋଣଗ୍ରହୀତା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା-(୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆଳିପିଙ୍ଗଳ ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପ୍ରେମାନନ୍ଦ ପାତ୍ର, (ମା ଯାଗେଶ୍ୱରୀ କେଏସକେ ର ସ୍ୱତ୍ୱାଧିକାରୀ),** ପିତା: ଶ୍ରୀଚରଣ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ଗ୍ୟାରେଣ୍ଟିଦାତା ଏବଂ ବନ୍ଧକଦାତା: କଲ୍ୟାଣୀ ପାତ୍ର,** ସ୍ୱାମୀ: ପିତା: ଶ୍ରୀଚରଣ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩, **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭ / | **କଲ୍ୟାଣୀ ପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଜଗତ୍‌ସିଂହପୁର, ମୌଜା: ହରିହରପୁର, ଖାତା ନଂ.: ୧୮୩/୧୦୬, ପ୍ଲଟ୍ ନଂ.: ୩୮୭/୫୯୪, କ୍ଷେତ୍ର: ଏକର ୦.୦୮ ଡିସିମିଲି ଏବଂ **ପ୍ରେମାନନ୍ଦ ପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଜଗତ୍‌ସିଂହପୁର, ମୌଜା: ଯଶୋବନ୍ତପୁର, ଖାତା ନଂ.: ୫୦, ପ୍ଲଟ୍ ନଂ.: ୨୪୭୧, ୨୬୦୯, ୨୬୧୦, କ୍ଷେତ୍ର: ଏକର ୨.୨୫ ଡିସିମିଲି, ଏକର ୦.୨୦ ଡିସିମିଲି, ଏକର ୦.୧୧ ଡିସିମିଲି, **(ମୋଟ କ୍ଷେତ୍ର: ଏକର ୨.୫୬ ଡିସିମିଲି)** | **ଟ.୩୮,୬୨,୮୯୦/-** ସହିତ **୨୪.୧୦.୨୦୨୫** ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | **୨୦.୦୮.୨୦୨୫ / ୨୪.୧୦.୨୦୨୫** |

**ଆଇନଗତ ଉତ୍ତରାଧିକାରୀମାନେ: ୧) ଇଲାସ୍କ ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭, **୨) ଇତୁଷ ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭, **୩) ରିତିକ୍ ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭, **୪) ଇସିତା ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭

**ସ୍ଥାନ: କଟକ, ତାରିଖ : ୨୪.୧୦.୨୦୨୫** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**

## यूनियन बैंक ऑफ़ इंडिया Union Bank of India
भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ-୭୫୩୦୦୧

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୮.୧୧.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା/ଅଂଶୀଦାରମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **କଲେଜ ସ୍କୋୟାର ଶାଖା, ମୋ: ୮୦୦୦୦୯୦୩୩୦ /** **ଋଣଗ୍ରହୀତା: ମେସର୍ସ କ୍ରୀଷ୍ଣା ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଖଣ୍ଡେଲୱାଲ,** ପିତା: ଶଙ୍କର ଲାଲ ଖଣ୍ଡେଲୱାଲ, ସା: ରାମଚନ୍ଦ୍ରପୁର, ଧାନମଣ୍ଡଳ, ଯାଜପୁର, ଓଡିଶା-୭୫୪୦୨୪, **ପଞ୍ଜିକୃତ କାର୍ଯ୍ୟାଳୟ/ୟୁନିଟ୍ ଠିକଣା (ନିଜସ୍ୱ):** ସା: ରାମଚନ୍ଦ୍ରପୁର, ପୋ: ଧାନମଣ୍ଡଳ, ଶିବ ମନ୍ଦିର ନିକଟ, ଥାନା: ବଡଚଣା, ଯାଜପୁର, ଓଡିଶା, ପିନ୍-୭୫୪୦୨୪, **ୟୁନିଟ୍/ସପ୍ (ଭଡା):** ପ୍ଲଟ୍ ନଂ.: ୩୧୭, ଖାତା ନଂ.: ୬୫, ମୌଜା: ଖୋସାଲିପୁର, ଚଣ୍ଡିଖୋଲ, ଯାଜପୁର, ଓଡିଶା, ପିନ୍-୭୫୪୨୯୬, **ଗୋଦାମ (ଭଡା):** ନିରଞ୍ଜନ ଦାସ, ପ୍ଲଟ୍ ନଂ.: ୧୭୨/୭୫୪୬୨, ଖାତା ନଂ.: ୭୭୨/୩୦୮୦, ଆଇବି ରୋଡ, ଲକ୍ଷ୍ମୀ ନାରାୟଣ ବିହାର, ଜଗତ୍‌ପୁର-ଚୌଦ୍ୱାର ରୋଡ, କଟକ, ଓଡିଶା, ପିନ୍-୭୫୪୦୨୧ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ସୁମିତ୍ରା ଖଣ୍ଡେଲୱାଲ,** ସ୍ୱାମୀ: ଶ୍ରୀ ମନୋଜ କୁମାର ଖଣ୍ଡେଲୱାଲ, ସା: ରାମଚନ୍ଦ୍ରପୁର, ଧାନମଣ୍ଡଳ, ଯାଜପୁର, ଓଡିଶା-୭୫୪୦୨୪, **୨) ଶ୍ରୀମତୀ ଭଉଁରୀ ଦେବୀ ଖଣ୍ଡେଲୱାଲ,** ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଖଣ୍ଡେଲୱାଲଙ୍କ ମାତା, ସା: ରାମଚନ୍ଦ୍ରପୁର, ଧାନମଣ୍ଡଳ, ଯାଜପୁର, ଓଡିଶା-୭୫୪୦୨୪ / **ବକେୟା ରାଶି: ତା.୩୦.୦୪.୨୦୨୫ରିଖ ସୁଦ୍ଧା ଟ.୭୫,୯୦,୮୫୨.୧୨** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀମତୀ ଭଉଁରୀ ଦେବୀ ଖଣ୍ଡେଲୱାଲ,** ସ୍ୱାମୀ: ଶଙ୍କର ଲାଲ ଖଣ୍ଡେଲୱାଲଙ୍କ ନାମରେ ଥିବା ଫ୍ରିହୋଲ୍ଡ ଘରବାରୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩, ଖାତା ନଂ.: ୧୧୨/୨୧, ମୌଜା: ରାମଚନ୍ଦ୍ରପୁର, ଥାନା: ବଡଚଣା ନଂ.: ୯୬୭, ତହସିଲ: ଦର୍ପଣ ନଂ.: ୧୮, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୩୦ ଡିସିମିଲି (୫୬୬୨.୮ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୭, ଦକ୍ଷିଣ: ପ୍ଲଟ୍ ନଂ.: ୩୪, ପୂର୍ବ: ଧାନମଣ୍ଡଳ ରୋଡ, ପଶ୍ଚିମ: ଶ୍ରୀ ଏମ୍. ଅଗ୍ରୱାଲଙ୍କ ସମ୍ପତ୍ତି | ଟ.୬୭,୦୦,୦୦୦/- / ଟ.୬,୭୦,୦୦୦/- / ଟ.୬୭,୦୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | **ଅରିଲୋ ଶାଖା, ମୋ: ୯୬୫୮୧୭୨୧୮୨ /** **ଋଣଗ୍ରହୀତା: ମେସର୍ସ ପରିଡା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପରିଡା,** ପିତା: ଶ୍ରୀ କୁଳମଣି ପରିଡା / **ଅଂଶୀଦାରମାନେ: ୧) ଶ୍ରୀ ଅଶୋକ କୁମାର ପରିଡା,** ପିତା: ଶ୍ରୀ କୁଳମଣି ପରିଡା, **୨) ଶ୍ରୀମତୀ ପ୍ରଭାତି ପରିଡା,** ସ୍ୱାମୀ: ଶ୍ରୀ ଅଶୋକ କୁମାର ପରିଡା, ସମସ୍ତଙ୍କ ଠିକଣା- ସା: ମଧୁପୁର, ପୋ: ଅଲଣାହାଟ, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା-୭୫୪୧୦୭ / **ବକେୟା ରାଶି: ତା.୦୧.୦୫.୨୦୨୫ରିଖ ସୁଦ୍ଧା ଟ.୧୫,୨୫,୭୬୭/-** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅଶୋକ କୁମାର ପରିଡା ଏବଂ ଶ୍ରୀମତୀ ପ୍ରଭାତି ପରିଡାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୪୮, ରେଭିନ୍ୟୁ ଖାତା ନଂ.: ୪୪୯/୯୦, ମୌଜା: ମଧୁପୁର, ଥାନା ନଂ.: ୧୩, ତହସିଲ ନଂ.: ୧୨, ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା, କ୍ଷେତ୍ର: ଏକର୦.୦୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଭଗବାନ ପରିଡା, ପଶ୍ଚିମ: ପ୍ଲଟ୍ ନଂ.: ୧୧୪୯ | ଟ.୧୭,୦୯,୯୩୫/- / ଟ.୧,୭୦,୯୯୪/- / ଟ.୧୭,୦୯୯/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍ / ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

**ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

सत्यमेव जयते

## ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
## ଭାରତ ସରକାର

## ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
**ବର୍ଷ ୨୦୨୫-୨୬ ନିମନ୍ତେ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ପାଇଁ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା**

ଅଧୀନରେ ଉଚ୍ଚତର ଶିକ୍ଷାରେ ଅଧ୍ୟୟନ ଲାଗି

**ଅନୁସୂଚିତ ଜାତିର ବିଦ୍ୟାର୍ଥୀଙ୍କ ପାଇଁ ଛାତ୍ରବୃତ୍ତି ସମ୍ପର୍କରେ ଘୋଷଣା କରୁଛନ୍ତି**

| ଯୋଗ୍ୟତା ମାନଦଣ୍ଡ | ପରିସର | ହକଦାରିତା |
|---|---|---|
| ✔ ପିତାମାତା/ ଅଭିଭାବକଙ୍କ ବାର୍ଷିକ ଆୟ **ଟ.୨.୫୦ ଲକ୍ଷ**ରୁ ଅଧିକ ହୋଇ ନ ଥିବ<br>✔ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ/ ବିଶ୍ୱବିଦ୍ୟାଳୟ / ମହାବିଦ୍ୟାଳୟ/ ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ | ✔ **ଏକାଦଶ** ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ<br>✔ ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର / କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ଓ ଯାଞ୍ଚ କରାଯିବ<br>✔ ସବୁଠାରୁ ଗରିବ ପରିବାରର ଆବେଦନକାରୀଙ୍କୁ ପ୍ରାଥମିକତା | ✔ ବାଧ୍ୟତାମୂଳକ **ଅଣ-ଫେରସ୍ତଯୋଗ୍ୟ** ଦେୟ (ଟ୍ୟୁସନ୍ ଦେୟ ସମେତ)<br>✔ ବାର୍ଷିକ **ଟ.୨୫୦୦ରୁ ଟ.୧୩୫୦୦** ପର୍ଯ୍ୟନ୍ତ ଶିକ୍ଷା ଭତ୍ତା<br>✔ ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ **୧୦%** ଅତିରିକ୍ତ ଭତ୍ତା |

✔ ଛାତ୍ରଛାତ୍ରୀଙ୍କ ନିକଟରେ ଏକ ବୈଧ **ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର, ପୂର୍ବବର୍ତ୍ତୀ ବର୍ଷର ମାର୍କଶିଟ୍ ଓ ଜାତି ପ୍ରମାଣପତ୍ର** ରହିଥିବା ଆବଶ୍ୟକ ।

✔ **ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଦର୍ଶିତ ଲିଙ୍କ୍‌ରେ ଉପଲବ୍ଧ:**

**https://socialjustice.gov.in/schemes/25**

ଯୋଜନାର ମାର୍ଗଦର୍ଶିକା ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

cbc 38101/11/0024/2526

# ମାଟ୍ରିକ୍ ପରୀକ୍ଷାଫଳ ଶତପ୍ରତିଶତ କରିବା ଲକ୍ଷ୍ୟ



କାର୍ଯ୍ୟକ୍ରମରେ ଅଧିକାରୀ ଓ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ।

## ନବରଙ୍ଗପୁରରେ ପ୍ରଧାନ ଶିକ୍ଷକମାନଙ୍କ ସମ୍ମିଳନୀ

■ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ନେଇ ଆଲୋଚନା

■ ଛାତ୍ରବୃତ୍ତି ଆବେଦନ କରିବାର ଶେଷ ତାରିଖ ୧୬ ଡିସେମ୍ବର

ନବରଙ୍ଗପୁର,୨୫।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନେଇ ଏକ ସମ୍ମିଳନୀ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲା ମଙ୍ଗଳ ଅଧିକାରୀ, ଉପ ଜିଲା ଶିକ୍ଷାଧିକାରୀ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ, ପ୍ରୋଗ୍ରାମ ମ୍ୟାନେଜର, ପିରାମଲ୍ ଫାଉଣ୍ଡେଶନ ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲାରେ ସୁପର-୧୦୦ ଆରମ୍ଭ କରିବା ପାଇଁ ହୋଇଥିବା ସ୍କ୍ରିନିଂର ଫଳାଫଳ ଉପରେ ସମୀକ୍ଷା କରାଯାଇଥିଲା। କିପରି ଜିଲାରେ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳରେ ବୃଦ୍ଧି ହେବ ତାହା ଉପରେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଆଗାମୀ ଦଶମ ବୋର୍ଡ ପରୀକ୍ଷାରେ ଜିଲାରେ କିପରି ଅଧିକ ଏ -୧, ଏ-୨ ଫଳାଫଳ ବଢ଼ିବ ସେଥିନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଜିଲାର ମାଟ୍ରିକ୍ ପରୀକ୍ଷାଫଳ ଶତପ୍ରତିଶତ କରିବା ନେଇ ଆଲୋଚନା ହୋଇଛି।

ସ୍ୱାର୍କ ମାଧ୍ୟମରେ ପ୍ରସ୍ତୁତ ୧ ଲକ୍ଷ ପ୍ରଶ୍ନପତ୍ରକୁ ଛାତ୍ରମାନଙ୍କୁ ପଢ଼ାଇବା ପାଇଁ କୁହାଯାଇଥିଲା। ପ୍ରଧାନଶିକ୍ଷକମାନଙ୍କୁ ୧୦୦ ଦିନିଆ କାର୍ଯ୍ୟ ଯୋଜନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ମଙ୍ଗଳ ଅଧିକାରୀ ଛାତ୍ରୀଛାତ୍ରମାନଙ୍କୁ ମିଳୁଥିବା ଛାତ୍ରବୃତ୍ତି ବିଷୟରେ ଆଲୋଚନା କରିଥିଲେ। ଏହି ବର୍ଷଠାରୁ ପ୍ରାକ୍ ଛାତ୍ରବୃତ୍ତି ପାଇଁ ଓଟିଆର୍ କରିବା ଆବଶ୍ୟକ ଅଛି। ସେଥିପାଇଁ ଶିକ୍ଷକମାନେ କିପରି ଓଟିଆର୍ କରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଶିକ୍ଷା ବର୍ଷରେ କିପରି ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ପିଲାମାନଙ୍କୁ ଶତପ୍ରତିଶତ ମିଳିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହାସହ ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ କିପରି ନବମ ଏବଂ ଏକାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ଅନୁସୂଚିତ ଜନଜାତି ପିଲାମାନଙ୍କୁ ୫୦୦୦ ଟଙ୍କା ମିଳିବ ସେ ନେଇ ଆଲୋଚନା କରାଯାଇଛି। ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ପାଇଁ ଛାତ୍ରୀଛାତ୍ରମାନଙ୍କୁ ୩୫୦୦ ଟଙ୍କାରୁ ଆରମ୍ଭକରି ୭୦୦୦ ଟଙ୍କା ସର୍ତ୍ତ ଅନୁସାରେ ମିଳିଥାଏ। ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଛାତ୍ରୀଛାତ୍ର ଯାହାର ପରିବାରର ମାସିକ ଆୟ ୨ ଲକ୍ଷ ୫୦ ହଜାରରୁ କମ୍ ହେବା ଆବଶ୍ୟକ ଏବଂ ଅର୍ଦ୍ଧ ସରକାରୀ ବିଦ୍ୟାଳୟର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ର ଏହି ସୁବିଧା ପାଇପାରିବେ। ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ରାଜ୍ୟ ଛାତ୍ର ବୃତ୍ତି ପୋର୍ଟାଲରେ ଏବଂ ଓଟିଆର୍ ଜାତୀୟ ଛାତ୍ର ବୃତ୍ତି ପୋର୍ଟାଲରେ ଆବେଦନ କରାଯାଇପାରିବ। ଛାତ୍ରବୃତ୍ତି ଆବେଦନ କରିବାର ଶେଷ ତାରିଖ ୧୬ ଡିସେମ୍ବର ୨୦୨୫ ବୋଲି ସୂଚନା ଦିଆଯାଇଥିଲା।

# ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ପ୍ରତିଭା ପ୍ରସ୍ଫୁଟିତକରେ ମହକ

## ଜିଲାସ୍ତରୀୟ ଶିଶୁ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ନବରଙ୍ଗପୁର,୨୫।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପ୍ରଶାସନ ତଥା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଶନିବାର ଜିଲାସ୍ତରୀୟ ଶିଶୁ କ୍ରୀଡ଼ା ଉତ୍ସବ ମହକ ନବରଙ୍ଗପୁର ମହାବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଜିଲାରେ ଥିବା ୬ଟି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀମାନଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଏ ଉତ୍ସବର ମୂଳ ଲକ୍ଷ୍ୟ। ଜିଲାପାଳ ମହେଶ୍ୱର ସ୍ୱାଇଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶିନୀ, ସଦସ୍ୟ ସନ୍ତୋଷ ଷଡ଼ଙ୍ଗୀ, ଅନିତା ହୋତା, ରବୀନ୍ଦ୍ର ପଧାନ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡି. ଗୋବିନ୍ଦ ରାଓ, ମହାବିଦ୍ୟାଳୟ ଉପାଧ୍ୟକ୍ଷା ସଙ୍ଗୀତା ତ୍ରିପାଠୀ, ଫୁଟ୍‌ବଲ ପ୍ରଶିକ୍ଷକ ଅଶୋକ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ଅନ୍ତେବାସୀଙ୍କ ମଧ୍ୟରେ ୧୦୦ ଓ ୨୦୦ ମିଟର ଦୌଡ଼, ଉଚ୍ଚ ଡିଆଁ, ଲମ୍ବଡିଆଁ, କ୍ୟାରମ, ଚେସ୍, ଫୁଟ୍‌ବଲ ଆଦି ପ୍ରତିଯୋଗିତା କରାଯାଇଥିଲା। ଫୁଟ୍‌ବଲ ପ୍ରତିଯୋଗିତାରେ ରାଇରାମ ଦାସ ଶିଶୁ ଯତ୍ନ ଅନୁଷ୍ଠାନ ବିଜୟୀ ହୋଇଥିଲା। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କିଶୋର ଚନ୍ଦ୍ର ମାଝୀ, ଶିଶୁ ଯତ୍ନ ଅଧିକାରୀ ଅନୁଷ୍ଠାନିକ ଯତ୍ନ ଅଧିକାରୀ କୁନିମଣି ସ୍ୱାଇଁ, ଡାଟା ବିଶ୍ଳେଷକ କିଷାନ ପଟ୍ଟନାୟକ, ହିସାବ ରକ୍ଷକ ମହେନ୍ଦ୍ର ଚାଲାଣ, ପରାମର୍ଶଦାତା ସୁଶୀଲ କୁମାର ମିଶ୍ର, ଶିଶୁ ମଙ୍ଗଳ ସମିତି ଡାଟା ଏଣ୍ଟ୍ରି ଅପରେଟର ସନ୍ତୋଷ କୁମାର ଜେନା, ଚାଇଲ୍ଡ ଲାଇନ କର୍ମକର୍ତ୍ତା ପରିଚାଳନା କରିଥିଲେ। ଏଥିରେ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀ ସହଯୋଗ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଉଦ୍‌ବୋଧନ ଦେଉଛନ୍ତି।



କାର୍ଯ୍ୟକ୍ରମରେ ଭାଗନେଇଥିବା ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀ।

# ୨୨ ଦିନ ପରେ ମିଳିଲା ରନ୍ଧନ ଗ୍ୟାସ୍, ଖାଉଟି ସାମାନ୍ୟ ଆଶ୍ୱସ୍ତ

## ଗ୍ୟାସ ଏଜେନ୍ସି ଲାଇସେନ୍ସ ରଦ୍ଦ ଯୋଗୁ ମିଳୁ ନ ଥିଲା ସିଲିଣ୍ଡର

ଉମରକୋଟ, ୨୫।୧୦(ସନ୍ତୋଷ ଶତପଥୀ)

ଲିଜ୍ ଟଙ୍କା ପୈଠ ନ କରିବାରୁ ନବରଙ୍ଗପୁର ଜିଲା ଉମରକୋଟ ସହରରେ ଥିବା ଏକ ମାତ୍ର ଇଣ୍ଡେନ ଗ୍ୟାସ ଏଜେନ୍ସିକୁ କମ୍ପାନୀ ରନ୍ଧନ ଗ୍ୟାସ ଯୋଗାଣ ବନ୍ଦ କରି ଦେଇଥିଲା। ଫଳରେ ଦୀର୍ଘ ଦୀର୍ଘ ୨୨ ଦିନ ହେବ ଉମରକୋଟ ସହରରେ ଗ୍ୟାସର ଉତ୍କଟ ସମସ୍ୟା ଦେଖାଦେଇଥିଲା। ତେବେ ଶନିବାର ଏକ ଗ୍ୟାସ୍ ଟ୍ରକ୍ ମେନ୍ଦାବେଡା ଗୋଦାମ ନିକଟକୁ ଆସି ପହଞ୍ଚି ଥିଲା। ସେଠାରୁ ଆଜି ଗ୍ରାହକମାନେ ସିଲିଣ୍ଡର ନେଇଛନ୍ତି। ଗ୍ୟାସ ସିଲିଣ୍ଡର ମିଳିବା ପରେ ଖାଉଟିମାନେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି।

ଇଣ୍ଡେନ କମ୍ପାନୀ ଗ୍ୟାସ ଏଜେନ୍ସି ଉମରକୋଟ ବ୍ଲକରେ ବିତରଣ ପାଇଁ ପେଣ୍ଡ୍ରାଣୀ ଗ୍ୟାସ ସ୍ୱର୍ଗତ ପୂର୍ବତନ ବିଧାୟକଙ୍କ ସ୍ତ୍ରୀଙ୍କ ନାମରେ ପ୍ରାୟ ୨୫ ବର୍ଷ ହେବ ରହିଛି। ସିଲିଣ୍ଡର୍ ଗୋଦାମ ଉମରକୋଟ ନିକଟସ୍ଥ ମେନ୍ଦାବେଡା ଗ୍ରାମଠାରେ ଅଛି। ପୂର୍ବତନ ବିଧାୟକ ସରକାରଙ୍କ ଠାରୁ ୩୦ ସେଣ୍ଟ ଜମି ଲିଜରେ ନେଇ ଗୋଦାମ ତିଆରି କରିଥିଲେ। ତେବେ ଗୋଦାମ ତିଆରି ହେବାଠାରୁ ଲିଜ ଟଙ୍କା ବନ୍ଧା ହୋଇ ନ ଥିବାରୁ ଏହି ସମସ୍ୟାର ସୃଷ୍ଟି ହୋଇଥିଲା। କିଛି ଦିନ ତଳେ ଗୋଦାମର ଏକ୍ସପ୍ଲୋଷିଭ ଲାଇସେନ୍ସର ଅବଧି ଶେଷ ହୋଇ ଯାଇଥିବାରୁ କମ୍ପାନୀ ନିକଟରେ ଲାଇସେନ୍ସ ନବିକରଣ ପାଇଁ ଆବେଦନ କରା ଯାଇଥିଲା। କିନ୍ତୁ ଲିଜ ଟଙ୍କା ପ୍ରାୟ ୨କୋଟି ପୈଠ ହୋଇ ନଥିବା ଜାଣି ନବିକରଣ ପାଇଁ କମ୍ପାନୀ ପକ୍ଷରୁ ମନା କରାଯାଇଥିବା ବିଶେଷ ସୂତ୍ରରୁ ପ୍ରକାଶ। ଗ୍ୟାସ କମ୍ପାନୀ ପକ୍ଷରୁ ଗ୍ୟାସ ବିତରଣ ବନ୍ଦ କରି ଦିଆଯାଇଛି। ଫଳରେ ଗୋଦାମ ଗୃହରେ ବର୍ତ୍ତମାନ ତାଲା ଝୁଲୁଛି। ସହରଠାରୁ ପ୍ରାୟ ୮ କିଲୋମିଟର ଦୂରରେ ଥିବା ବୁର୍ଜାଠାରେ ଗ୍ୟାସ ନେବା ପାଇଁ ଗ୍ରାହକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରାହକମାନେ ଉମରକୋଟ ଗ୍ୟାସ ଏଜେନ୍ସିରେ ବୁକିଂ କରୁଛନ୍ତି ଏବଂ ବୁର୍ଜା ଏଜେନ୍ସିକୁ ଯାଇ ଗ୍ୟାସ ଆଣୁଥିଲେ। ଗ୍ୟାସ ଘରେ ଆଣି ଦେବାର ନିୟମ ଥିବାବେଳେ ଲୋକେ ପ୍ରାୟ ୮ କିଲୋମିଟର ଦୂରକୁ ଯାଇ ଗ୍ୟାସ ଆଣି ଅସନ୍ତୋଷ ପ୍ରକାଶ କରୁଥିଲେ। ଉମରକୋଟ ତହସିଲଦାର ମେଘବାନ ବାଗ କହିଛନ୍ତି ମାଲିକ ଗ୍ୟାସ ଏଜେନ୍ସି ଡିପୋ ପାଇଁ ଜାଗା ଉପରେ ଯେଉଁ ଲିଜ ନେଇଥିଲେ ତାହାର ବଜାର ମୂଲ୍ୟ ଅନୁଯାୟୀ ଟଙ୍କା ପୈଠ କରିବାକୁ କୁହା ଯାଇଛି। ସେ ଯଦି ସେହି ଟଙ୍କା ପୈଠ କରିଦିଅନ୍ତି ତାହେଲେ ଲିଜ ପ୍ରକ୍ରିୟାଟିକୁ ଫାଇନାଲ କରିବା ପାଇଁ ଜିଲାପାଳଙ୍କ ନିକଟକୁ ଲିଜ୍ ଅନୁମୋଦନ ପାଇଁ ପଠାଇବି। ସେହିଭଳି ଖାଉଟି ବିଭାଗ ଅଧିକାରୀ ସୁନୀଲ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଘଟଣାର ସମାଧାନ ପାଇଁ ଏଜେନ୍ସି ମାଲିକଙ୍କୁ କୁହାଯାଇଛି। ଅପର ପକ୍ଷରେ କମ୍ପାନୀର ଜୟପୁରରେ ରହୁଥିବା ସହକାରୀ ସେଲସ ମ୍ୟାନେଜର ରାଜେନ୍ଦ୍ର ରାଉଳଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ ଗ୍ରାହକଙ୍କୁ ନିକଟସ୍ଥ ବୁର୍ଜା ଓ ଧୋଡ୍ରାରେ ଥିବା ୨ ଟି ଏଜେନ୍ସିରୁ ଗ୍ୟାସ ନେବାପାଇଁ କହିଛୁ। ସୋମବାର କି ମଙ୍ଗଳବାର ସୁଦ୍ଧା ଲାଇସେନ୍ସ ଆସିଯିବ ବୋଲି ଭାବୁଛୁ। ସ୍ଥାୟୀ ସମାଧାନ ନ ହେଲେ ସହର ଗ୍ରାହକଙ୍କ ପାଇଁ ବିକଳ୍ପ ପନ୍ଥା ନିଆଯିବ ବୋଲି ସେ କହିଛନ୍ତି।

# ଛାତ୍ରାବାସ ସାଜିଛି ଶ୍ରେଣୀଗୃହ

## ଅବ୍ୟବସ୍ଥାରେ ଚାଲିଛି ବିଦ୍ୟାଳୟ

■ ଅକାମୀ ହୋଇଛି ପାଇଖାନା, ପିଲାଙ୍କ ଭରସା ଖୋଲା ପଡିଆ

■ ଶିଢ଼ିରୁ ଖସି ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ମୁଣ୍ଡ ଫାଟିଲା



ଫୁପୁଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସ।

ଝରିଗାଁ,୨୫।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ଗୁଣାତ୍ମକ ଶିକ୍ଷାର ଉଦ୍ଦେଶ୍ୟକୁ ସରକାର ପ୍ରାଥମିକତା ଦେଉଛନ୍ତି। ଆଦିବାସୀ ପିଲାଙ୍କ ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ ଶିକ୍ଷା ବିଭାଗ ଗୁରୁତ୍ୱ ଦେଉଥିଲେ ମଧ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ମୂଳ ଲକ୍ଷ୍ୟ ସାକାର ହୋଇପାରୁନାହିଁ। ଏହାର ଏକ ଜ୍ୱଳନ୍ତ ନମୁନା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅନ୍ତର୍ଗତ ଫୁପୁଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ। ଏଠାରେ ଶ୍ରେଣୀ ଗୃହ ଅଭାବ ଯୋଗୁ ଛାତ୍ରାବାସରେ ପାଠପଢ଼ା ହେଉଛି। ଏଥିସହ ଏଠାରେ ଥିବା ଅନ୍ୟ ସମସ୍ୟା ଯଥା ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ ନିର୍ମାଣ, ଶୌଚାଳୟ ଏବଂ ଛାତ୍ରାବାସ ମରାମତି, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ସ୍ଥାୟୀ ପ୍ରଧାନଶିକ୍ଷକ ଏବଂ ଖେଳ ଶିକ୍ଷକ ନିଯୁକ୍ତି ଆଦିର ସୁବ୍ୟବସ୍ଥା କରିବାକୁ ଦାବି ହୋଇଛି।

ବିଦ୍ୟାଳୟରେ ରହିଛି ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ। ଏଠାରେ ପାଠ ପଢୁଛନ୍ତି ୫ଶହ ୯ଜଣ ଛାତ୍ରୀଛାତ୍ର। ପ୍ରାଥମିକରୁ ଉଚ୍ଚ ପ୍ରାଥମିକ ଶ୍ରେଣୀ ସକାଶେ ୭ଜଣ ଓ ହାଇସ୍କୁଲ ପିଲାଙ୍କ ପାଇଁ ୬ଜଣ ଶିକ୍ଷୟତ୍ରୀ ଶିକ୍ଷକ ଅଛନ୍ତି। କିନ୍ତୁ ଏଠାରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ ନାହିଁ। ଶ୍ରେଣୀ ଗୃହ ଅଭାବ ଯୋଗୁ ଛାତ୍ରାବାସର ୩ଟି ଅର୍ଦ୍ଧ ଭଗ୍ନ କୋଠରୀରେ ଚାଲିଛି ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା। ସେହିପରି ବିଦ୍ୟାଳୟରେ ରହିଥିବା ୪ଟି ଶ୍ରେଣୀ ଗୃହରେ ସପ୍ତମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଚାଲିଛି। ସପ୍ତମ ଏବଂ ଅଷ୍ଟମ ଶ୍ରେଣୀ ସକାଶେ ଗୋଟିଏ ଶ୍ରେଣୀ ଗୃହରେ ପାଠପଢ଼ା ହେଉଛି। ଫଳରେ ପିଲାମାନଙ୍କୁ ପାଠପଢ଼ାରେ ଅସୁବିଧା ହେଉଛି। ଛାତ୍ରାବାସରେ ରହିଥିବା ସମସ୍ତ ପାଇଖାନା ସମ୍ପୂର୍ଣ୍ଣ ଅକାମୀ ହୋଇ ରହିଛି। ଏଠାରେ ରହୁଥିବା ୧୨୦ ଜଣ ଛାତ୍ର ଶୌଚ ପାଇଁ ନିକଟରେ ଥିବା ଖୋଲା ପଡ଼ିଆ ଓ ବୁଦାମୂଳକୁ ଯାଉଛନ୍ତି। ଛାତ୍ରାବାସର କେବଳ ଦୁଇ କୋଠରୀ ମଧ୍ୟରେ ସମସ୍ତ ୧୨୦ ଅନ୍ତେବାସୀ ଜାକିଜୁକା ହୋଇ ରହୁଛନ୍ତି। ପୂର୍ବରୁ ସିଡ଼ିରେ ଲାଗିଥିବା ସମସ୍ତ ଟାଇଲ୍ସ ଭାଙ୍ଗି ଯାଇଥିବାରୁ ଗତ ଗୁରୁବାର ଛାତ୍ରାବାସର ଷଷ୍ଠ ଶ୍ରେଣୀରେ ଛାତ୍ର କୃଷ୍ଣ ଭତ୍ରାଙ୍କ ଗୋଡ ଖସି ମୁଣ୍ଡ ଫାଟିଛି। ସମସ୍ତ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ଝରିଗାଁ,୨୫।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଚକଲାପଦର ପଞ୍ଚାୟତ ଅଧୀନ ଡାହିମାଲ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଦ୍ରୌପଦୀ ଗୌଡ଼ (୪୫)।

ସୂଚନା ପ୍ରକାରେ ଡାହିମାଲ ଗ୍ରାମର ହାଡୁ ଗୌଡ଼ ଏବଂ ତାଙ୍କ ସ୍ତ୍ରୀ ଶନିବାର ସକାଳୁ ଘରଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଥିବା ନିଜ ମକାଜମିରେ କାମ କରିବା ପାଇଁ ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ ଗୋଟିଏ ବଡ଼ ଭାଲୁ ଓ ୨ଟି ଛୋଟ ଭାଲୁ ଆସିଯାଇଥିଲେ। ବଡ଼ ଭାଲୁଟି ହଠାତ୍ ଦ୍ରୌପଦୀଙ୍କୁ ଆକ୍ରମଣ କରିଥିଲା। ଦ୍ରୌପଦୀଙ୍କ ପାଟି ଶୁଣି ହାଡୁ ଓ ନିକଟରେ ଥିବା ଅନ୍ୟମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦ୍ରୌପଦୀଙ୍କୁ ଭାଲୁ ହାବୁଡ଼ରୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଭାଲୁ କାମୁଡ଼ାରେ ଦ୍ରୌପଦୀଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିବା ସହ ଭାଙ୍ଗିଯାଇଛି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ଡାକ୍ତରଖାନାରେ ଦ୍ରୌପଦୀ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-QUAD-CABLE-KUR-507, ତା.17.10.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ସେକ୍ସନର ତ୍ରୁଟିଯୁକ୍ତ (Faulty) ପ୍ୟାଚ ବିପକ୍ଷରେ 6 କ୍ୱାର୍ଡ (Quad) କେବୁଲଗୁଡ଼ିକର ପୁନଃସ୍ଥାପନ।

ଟେଣ୍ଡର ମୂଲ୍ୟ : ₹3,21,12,194.00, EMD : ₹3,10,600/-

ବିଡ୍ ଆରମ୍ଭ ହେବା ତାରିଖ : ତା.27.10.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.11.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-719/Q/25-26



No.T-94

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା 27/10/2025 ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0202/2526



**OFFICE OF THE SUB-COLLECTOR-CUM-PRESIDENT, GOVERNING BODY, G.A. DEGREE MAHAVIDYALAYA KALIMELA, DIST-MALKANGIRI**

**NOTICE**

Notice No-68/25 Date-24.10.2025

It is hereby informed to all concerned that as per the direction of the Sub-Collector-Cum-President, Governing Body, G.A. Degree Mahavidyalaya Kalimela, Dist-Malkangiri that Dr. Padmalochan Rout, Lect. in English (Management Staff) required to keep his stand and report against his prolonged absent of 10 months to the President, G.B. on or before 06.11.2025 otherwise he will be terminated from his post.

Sd./- Sub-Collector-Cum-President
G.B., G.A.D.M. Kalimela



**OFFICE OF THE EXECUTIVE ENGINEER**
**Road Construction Department, Road Division, Daltonganj.**

e-Procurement Tender Notice

e-Tender Ref No- 9 /RCD/Daltonganj/2025-26/ 971 Dated:24.10.2025

| | | |
|---|---|---|
| 1. | Name of Work | IRQP Work of Shahpur-Garhwa via Budhiveer Tildag Road (Total Length-27.80 Km) for the year 2025-26. |
| 2. | Estimated Cost | Rs. 14,97,25,400.00 (Rupees Fourteen Crore Ninety Seven Lacs Twenty Five Thousand Four Hundred Rupees) Only. |
| 3. | Bid Security (Amount) | Rs. 14,97,300.00 (Rupees Fourteen Lacs Ninety Seven Thousand Three Hundred) Only. |
| 4. | Time of Completion | 06 Months |
| 5. | Date of Publication of Tender on Website | 06.11.2025, 10:30 AM |
| 6. | Last Date/Time of Online Bid Submission | 27.11.2025, 12:00 Noon |
| 7. | Date and Time of Bid opening | 28.11.2025, 12:30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj 06562-225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of eProcurement cell | 0651-2401010 |

Note : Estimated amount may vary.
For further details can be seen on website http://jharkhandtenders.gov.in
PR.NO.364721 Road(25-26):D

Executive Engineer
Road Construction Department
Road Division, Daltonganj.



ODISHA HYDRO POWER CORPORATION LTD No.CAD-2094
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☏ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CHEP/TW-100 (Vol.-V)/4000 Date: 22.10.2025

'e'-Procurement Notice
TENDER CALL NOTICE NO.CHEP-37/2025-26

**Unit Head, CHEP, Chiplima invites percentage rate tenders in two parts** for the work mentioned below, from the 'D' & 'C' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost / EMD | Cost of Tender Specification | Contract Period |
|---|---|---|---|
| Up-keeping & Cleaning of Chiplima Power House and Connected Areas under CHEP, Chiplima. | Rs.17,78,048.00 / EMD=Rs.17,800.00 | Rs.7,080.00 (Rs.6,000.00 + GST@18%) | 1 Year |

1. Availability of bids **ONLINE: from 11:00 AM of dtd.28.10.2025 up to 05:00 PM of dtd.11.11.2025.**
2. The date & time of opening of tender: **At 11:30 AM of dtd.12.11.2025.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in.

OIPR-04006/11/0108/2526 Sd/- Unit Head, CHEP, Chiplima



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ **ଦଖଲ**କୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପାରାଦୀପଗଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ପାରାଦୀପଗଡ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୪ ପ୍ରଣବ କରଙ୍କ ପ୍ରତିନିଧିତ୍ୱ: ୧) ଶ୍ରୀ ବିଚିତ୍ରାନନ୍ଦ କର, ପିତା: ଶ୍ରୀ ଉଦୟନାଥ କର, ୨) ଶ୍ରୀମତୀ କାବେରୀ କର, ସ୍ୱାମୀ: ଶ୍ରୀ ପ୍ରଣବ କର, ଉଭୟଙ୍କ ଠିକଣା ସା.: ଗୋପିନାଥପୁର ଶାସନ, ଓସ୍ତର ଯଦୁପୁର, ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୩ | ୩୧.୦୫.୨୦୨୫ ସୁଦ୍ଧା ଟ.୨୦,୫୪,୮୨୧.୮୩ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୭.୦୬.୨୦୨୫ / ୨୩.୧୦.୨୦୨୫ | ଶ୍ରୀ ବିଚିତ୍ରାନନ୍ଦ କରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୮, ପ୍ଲଟ୍ ନଂ.: ୮ ଏବଂ ୯, ପରିମିତ କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଓସ୍ତର, ଥାନା: ମାର୍ଶାଘାଇ, ତହସିଲ: କିଆରବାଙ୍କ, ଜିଲ୍ଲା: କେନ୍ଦ୍ରାପଡା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଲୁଣା ନଦୀ, ଦକ୍ଷିଣ: ରାସ୍ତା, ପୂର୍ବ: କାହ୍ନୁ ଚରଣ ତ୍ରିପାଠୀ, ପଶ୍ଚିମ: କେଶବ ଚନ୍ଦ୍ର କର |

ତାରିଖ: ୨୪.୧୦.୨୦୨୫
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# କ୍ଷତିପୂରଣ ଦାବିରେ ୧୮ ଘଣ୍ଟା ରାସ୍ତାରୋକୋ

ଟିକିରି,୨୫।୧୦(ପ୍ରଫୁଲ୍ଲ କୁମାର ବେହେରା)


ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ରାସ୍ତାର ମୁଷ୍ଟିପଦସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ରାତି ପ୍ରାୟ ୮ଟା ୩୦ରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍‌କୁ ପଛରୁ ଧକ୍କା ଦେଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ମୁସରିପଦର ଗ୍ରାମର ଲାକି ମାଝୀ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତା ଉପରେ ଶବ ରଖି ଶୁକ୍ରବାର ରାତି ପ୍ରାୟ ୯ଟାରୁ ଶନିବାର ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତ୍ରୀବାହୀ ବସ୍ ଏବଂ ଉତ୍କଳ ଆଲୁମିନା ପ୍ଲାଣ୍ଟ ଅଭିମୁଖେ ଯାତାୟାତ କରୁଥିବା ଗାଡ଼ି, ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ସୂଚନା ପାଇ ରାୟଗଡ଼ା ଏସ୍‌ଡ଼ିପିଓ ଗୌରହରି ସାହୁ ଏବଂ ଟିକିରି ଥାନା ଅଧିକାରୀ ବିଶ୍ୱ ବନ୍ଦିନୀ ବାଗଙ୍କ ସହିତ ଦୋରାଗୁଡ଼ା ଏବଂ କାଶୀପୁର ଥାନା ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହିପରି କାଶୀପୁର ତହସିଲଦାର ସୁନୀଲ କୁମାର ଗୁଡୁ ଏବଂ ସ୍ଥାନୀୟ ନେତୃବୃନ୍ଦ ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ରେଡକ୍ରସ ପାଣ୍ଠିରୁ ମୃତକ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରିବା ସହ ଗାଡ଼ି ଇନ୍ସୁରାନ୍ସ ଅର୍ଥ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରିସ୍ଥିତି ଶାନ୍ତ ପଡ଼ିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ଲାକି ବାଇକ୍ ଯୋଗେ କାଶୀପୁର ଅଭିମୁଖେ ଯାଉଥିବାବେଳେ ମୁଷ୍ଟିପଦସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା କଡରେ ପାର୍କିଂ

## କୋଇଲା ବୋଝେଇ ଟ୍ରକ୍‌କୁ ଧକ୍କାଦେଇ ବାଇକ୍ ଚାଳକ ମୃତ

କରିଥିବା ଏକ କୋଇଲା ବୋଝେଇ ଟ୍ରକ୍ ଛିଡା ହୋଇଥିଲା। ଅନ୍ଧାର ରାସ୍ତା ଯୋଗୁ ବାଇକ୍ ଚାଳକ ଟ୍ରକ୍ ପଛକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାର ସୂଚନାପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ଆଲୁମିନା ପ୍ଲାଣ୍ଟ ଅଭିମୁଖେ ଯାଉଥିବା ଭାରୀଯାନଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ଥାନରେ ପାର୍କିଂ ନ କରି ବେଆଇନ ଭାବେ ରାସ୍ତା କଡରେ ଛିଡା କରୁଥିବାରୁ ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଦୁର୍ଘଟଣା ରୋକିବା ଦିଗରେ ଟ୍ରାଫିକ ନିୟମକୁ କଡାକଡି ଲାଗୁ କରିବା ପାଇଁ ଅଞ୍ଚଳବାସୀ ଦାବି ହେଉଛି । ଏହି ସମୟରେ ଟିକିରି ସାଧୁ ମାଝି, ଜିଜିରୁ ମାଝି, ଶିବ ମାଝି, ଲକ୍ଷ୍ମଣମଣ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ ପ୍ରଶାସନ ସଜାଗ

ରାୟଗଡା, ୨୫।୧୦ (ଆଶିଷ ରଞ୍ଜନ ପଣ୍ଡା)

ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ଏକ ବାତ୍ୟା ସୃଷ୍ଟି ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଏହାର ପ୍ରଭାବରେ ରାୟଗଡା ଜିଲାରେ ପ୍ରବଳ ବର୍ଷା ହେବା ଆଶଙ୍କା କରି ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବାତ୍ୟା ମୁକାବିଲା ପାଇଁ ଶନିବାର ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନେତୃତ୍ୱରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିକାରୀଙ୍କୁ ନେଇ ଏକ ଜିଲାସ୍ତରୀୟ ଆଭାସି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବା ପାଇଁ ଜନସାଧାରଣ ସତର୍କ ଓ ସାବଧାନତା ଅବଲମ୍ବନ କରିବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି । ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଲାଇନ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସମସ୍ତେ

## ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ

ସମ୍ଭାବ୍ୟ ବର୍ଷାକୁ ନେଇ ପ୍ରସ୍ତୁତ ହୋଇ ରହିଥିବା ଜିଲାପାଳ ପ୍ରକାଶ କରିଛନ୍ତି । ଜିଲାର ୩ଟି ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ପ୍ରସ୍ତୁତ ହୋଇ ରହିଥିବା ସ୍ଥଳେ ସମସ୍ତ ବ୍ଲକର ବିଡିଓ, ତହସିଲଦାର ଏବଂ ଜରୁରୀକାଳୀନ କାର୍ଯ୍ୟାଳୟ ୨୪ଘଣ୍ଟା କାର୍ଯ୍ୟ କରିବ ବୋଲି ଜିଲାପାଳ କହିଛନ୍ତି। ଯଦି କାହାର କେଉଁ ସ୍ଥାନରେ କୌଣସି ଅସୁବିଧା ତଥା ଅଭିଯୋଗ ରହୁଛି ତୁରନ୍ତ ସେମାନେ ବିଡିଓ, ତହସିଲଦାର ତଥା ଜରୁରୀକାଳୀନ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିପାରିବେ ବୋଲି କହିଛନ୍ତି। ସେହିପରି ଦମକଳ ବାହିନୀ, ପୂର୍ତ୍ତ ବିଭାଗ ସମେତ ପ୍ରାଣୀ ସମ୍ପଦ, ସ୍ୱାସ୍ଥ୍ୟ ବିଭାଗ ଓ ଆଇସିଡିଏସ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପ୍ରସ୍ତୁତ ହୋଇ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ତେଲୁଗୁ ସମ୍ପ୍ରଦାୟର ଲୋକ ପାଳିଲେ ନାଗ ଚତୁର୍ଥୀ


ମାଟି ହୁଙ୍କା ନିକଟରେ ପୂଜାର୍ଚ୍ଚନା କରାଯାଉଛି।

ଟିକିର,୨୫।୧୦ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ବାସକରୁଥିବା ତେଲୁଗୁ ସମ୍ପ୍ରଦାୟର ଲୋକମାନେ ଶନିବାର ନାଗ ଚତୁର୍ଥୀ ପାଳନ କରିଛନ୍ତି। ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ସାପ ହୁଙ୍କା ପାଖକୁ ଯାଇ ଧୂପ ଦୀପ, ନଡ଼ିଆ ସହ ମାଣ୍ଡିଆ ଚୁନାରେ ପ୍ରସ୍ତୁ ଲଡୁ ପୂଜା କରିଥିଲେ। ଏଥିସହ ମାଟି ହୁଙ୍କା ନିକଟରେ ଖିର, କୁକୁଡ଼ା ଅଣ୍ଡା ସହ ଅଟାରେ ଛୋଟିଆ ଛୋଟିଆ ସାପ ଆକୃତି କର ସେଠାରେ ପୂଜା କରିଥିଲେ।

# ସମସ୍ତଙ୍କୁ ସାକ୍ଷର କରିବାକୁ ପ୍ରୟାସ

## ଏଫ୍‌ଏଲ୍‌ଏନ ଆକଳନ ପରୀକ୍ଷା ପାଇଁ ୮୧୩ ଜଣ କଲେ ପଞ୍ଜୀକରଣ

ଗୁଡାରି,୨୫।୧୦ (ପ୍ରମୋଦ କୁମାର ପତି)



ରାୟଗଡା ଜିଲା ଗୁଡାରି ବ୍ଲକରେ ଶିକ୍ଷା ବିଭାଗ ପକ୍ଷରୁ ୧୫ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷରଙ୍କ ନିମନ୍ତେ ରବିବାର କେନ୍ଦ୍ର ସରକାରଙ୍କ ଉଲ୍ଲାସ ଯୋଜନା ଅନ୍ତର୍ଗତ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧିନରେ ଏଫ୍‌ଏଲ୍‌ଏନ ଆକଳନ ପରୀକ୍ଷା ଅନୁଷ୍ଠିତ ହେବ। ବ୍ଲକର ମୋଟ ୧୦୪ଟି ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଶନିବାର ମଧ୍ୟାହ୍ନ ସୁଦ୍ଧା ମୋଟ ୮୧୩ ଜଣଙ୍କ ନାମ ପଞ୍ଜୀକରଣ ହୋଇଥିବା ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁଡା ରୂପମାଝୀ ସୂଚନା ଦେଇଛନ୍ତି। ଏହି ପରୀକ୍ଷା ୩ ଘଣ୍ଟା ଧରି ଚାଲିବ ଏବଂ ଯେଉଁ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ଖାତା ମିଳିବାର ୩ ଘଣ୍ଟା ପର୍ଯ୍ୟନ୍ତ ପରୀକ୍ଷା ସମୟ ସୀମା ରହିବ। ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପରୀକ୍ଷା କେନ୍ଦ୍ର ଖୋଲା ରହିବ ଏବଂ ପରୀକ୍ଷା ମଧ୍ୟ ଚାଲିବ। ସମସ୍ତଙ୍କୁ ସାକ୍ଷର କରିବା ନିମନ୍ତେ ସରକାରଙ୍କ ଏହି ଯୋଜନାରେ ପୂର୍ବରୁ ଶିକ୍ଷକମାନେ ନିଜ ବିଦ୍ୟାଳୟ ଅଞ୍ଚଳରେ ସର୍ଭେ କରି ଅନ୍‌ଲାଇନରେ ନିରକ୍ଷରଙ୍କ ପଞ୍ଜିକରଣ କରିଥିଲେ।ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏହି ପରୀକ୍ଷା ନିମନ୍ତେ ବ୍ଲକ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ସେହିପରି କ୍ଲଷ୍ଟର ପର୍ଯ୍ୟବେକ୍ଷକ ଭାବେ ସମ୍ପୃକ୍ତ ସିଆରସିସି ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି। ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ତୁଲାଇବେ ଏବଂ ବିଦ୍ୟାଳୟ ସହକାରୀ ଶିକ୍ଷକ ଇନଭାଇଜଲେଟର ଦାୟିତ୍ୱ ରେ ରହିବେ। ଶନିବାର ସମସ୍ତ କେନ୍ଦ୍ରକୁ ପ୍ରଶ୍ନ ପତ୍ର ପଠାଇଦିଆଯାଇଥିବା ଜଣାପଡ଼ିଛି। ତେବେ ୮୧୩ ଜଣଙ୍କ ମଧ୍ୟରୁ କେତେଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ତାହା ଦେଖିବାକୁ ବାକି ରହିଲା।

# ୨୬ରୁ ୩୦ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଗୋପାଳପୁର,୨୫।୧୦ (ନବୀନରାଜ୍ ଆଚାରୀ)

ଗଞ୍ଜାମ ଜିଲାରେ ଅକ୍ଟୋବର ମାସରେ ବାତ୍ୟାର ଭୟ ରହିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ଅବପାତ ରୂପ ନେଇ ଭୀଷଣ ବାତ୍ୟାରେ ପରିଣତ ହେବ ବୋଲି ପାଣିପାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଜିଲାରେ ରବିବାର ୟେଲୋ ୱାର୍ଣ୍ଣିଂ ଜାରି କରାଯିବା ସହ ସ୍ୱଳ୍ପ ଓ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ଓରେଞ୍ଜ ୱାର୍ଣ୍ଣ ହେବା ସହ ପ୍ରବଳରୁ ଅତି ପ୍ରବଳ ବୃଷ୍ଟିପାତ ହେବା ସମ୍ଭାବନା ରହିଛି। ୨୮ ତାରିଖ ରେଡ଼୍ ୱାର୍ଣ୍ଣ ଜାରି କରାଯିବା ସହ ଅତି ପ୍ରବଳରୁ ଅତ୍ୟଧିକ ପ୍ରବଳ ବୃଷ୍ଟିପାତ ହେବାର ସମ୍ଭାବନା ଥିବା ବେଳେ ୬୦ ରୁ ୭୦ କିମି ବେଳେବେଳେ ୮୦ କିମି ବେଗରେ ପବନ ବହିବାର

## ଗୋପାଳପୁର ବନ୍ଦରକୁ ଏକ ନମ୍ବର ବିପଦ ସଙ୍କେତ

ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ୨୯ ତାରିଖରେ ଓରେଞ୍ଜ ୱାର୍ଣ୍ଣ ଜାରି କରାଯାଇଛି। ଗୋପାଳପୁର ବନ୍ଦରକୁ ଏକ ନମ୍ବର ବିପଦ ସଂକେତ ଜାରି କରାଯାଇଥିବା ବେଳେ ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ରବିବାର ସନ୍ଧ୍ୟାରୁ ସମୁଦ୍ର ଅଶାନ୍ତ ରହିବା ସହ ସୋମବାର ସନ୍ଧ୍ୟାରେ ଅତ୍ୟଧିକ ଅଶାନ୍ତ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରିବା ସହ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ଗଞ୍ଜାମ ଜିଲାପାଳ।

# ଗୁଣପୁର କଲେଜରେ ଅଧ୍ୟାପକ ପଦବୀ ପୂରଣ ଦାବି


ଭାଜପା ନେତାମାନେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଗୁଣପୁର,୨୫।୧୦( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର କଲେଜରେ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ପାଇଁ ଦାବି ହୋଇଛି । ଭାରତୀୟ ଜନତା ପାର୍ଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ୱାଇ.ଗଣପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁଣପୁର ମହାବିଦ୍ୟାଳୟରେ ଦୀର୍ଘ ଦିନରୁ ଖାଲି ଥିବା ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନିଯୁକ୍ତି ଦେବା ପାଇଁ ଏକ ସ୍ମାରକପତ୍ର ଉପଜିଲାପାଳ ଅଭିଷେକ ଦିଲ୍ଲୀପ ଦୁଧାଲଙ୍କୁ ପ୍ରଦାନ କରିଛନ୍ତି। ଉପଜିଲାପାଳ ଉକ୍ତ ବିଷୟରେ ପ୍ରତିଶ୍ରୁତି ଦେବା ସହ ଥାୟାରାମ୍ମା ମହିଳା ମହାବିଦ୍ୟାଳୟରେ ମଧ୍ୟ ଅନୁରୂପ ପରିସ୍ଥିତି ରହିଥିବା କହିଥିଲେ । ଏଣୁ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦୃଷ୍ଟିଗୋଚର କରିବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ପ୍ରତିନିଧି ଦଳରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଲକ୍ଷ୍ମୀ ନାରାୟଣ ପାଢ଼ୀ, ପୂର୍ବତନ ନଗର ସଭାପତି ଅମର କୁମାର ସାହୁ, ପୂର୍ବତନ ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଶାନ୍ତ କୁମାର ସାହୁକାର, ନଗର ଯୁବମୋର୍ଚ୍ଚା ସଭାପତି ମୁଖି ଦିବାକର, କିରଣ କୁମାର ପାଣିଗ୍ରାହୀ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜଳତାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଗୁଣପୁର,୨୫।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଅନ୍ତର୍ଗତ ଜଳତାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଳତାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାନନ୍ଦ ବରିହା ଏବଂ ମୁଖ୍ୟବକ୍ତା ଭାବେ ବିଆର୍‌ସିସି ଲକ୍ଷ୍ମୀ ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପବିତ୍ର ଜେନା, ତାଲାସିଂ ପ୍ରଧାନଶିକ୍ଷକ ସୁରେଶ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ଜଳତାରା କସ୍ତୁରବା ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୋଭା ପଟେଲ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସିଆର୍‌ସିସି ଗଣେଶ ଗୌଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଶିବପ୍ରସାଦ ବାଉରି ମଞ୍ଚ ପରିଚାଳନା କରିଥିଲେ । ସୁରଭି ଲାଗି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜଳତାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ କମଳାକାନ୍ତ ଖୁଣ୍ଟିଆ ଧନ୍ୟବାଦ ପ୍ରଦାନ କରିଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ପୁଅ ସାକ୍ଷୀରେ ବାପାଙ୍କୁ ବର୍ଷେ ଜେଲ

ରାୟଗଡ଼ା,୨୫।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏସ୍‌ଡିଜେଏମ୍ ଜଜ୍ ବର୍ଷା ଦାସ ଶନିବାର ଏକ ହତ୍ୟା ଧମକ ମାମଲାର ଶୁଣାଣିକରି ଅଭିଯୁକ୍ତଙ୍କୁ ୧ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ତେବେ ବାପାଙ୍କ ବିରୋଧରେ ପୁଅ କୋର୍ଟରେ ସାକ୍ଷୀ ଦେବା ପରେ ଜଜ୍ ବାପାଙ୍କୁ ଜେଲ ପଠାଇ ଦେଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ହେଲେ କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ପ୍ରାର୍ଥିବେଡ଼ା ଗ୍ରାମର ଜାମା ପ୍ରାସ୍କା । ଏହି ମାମଲାର ବିଚାରକରି ଜଜ୍ ମୋଟ ୧୪ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ । ତେବେ ଜାମାଙ୍କ ପୁଅ ମନୋଜ ପ୍ରାସ୍କା ସାକ୍ଷୀ ଦେଇ ତାଙ୍କ ବାପାଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ସତ୍ୟ ବୋଲି କହିଥିଲେ। ବାପା ଜାମା ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକଦେବା ସହ ଗାଳିଗୁଲଜ କରୁଥିଲେ ଏବଂ ମାଡ଼ ମାରିଥିଲେ ବୋଲି ପୁଅ କୋର୍ଟରେ ବୟାନ ଦେଇଥିଲେ । ସମସ୍ତ

## ବାପା ଗାଁ ଲୋକଙ୍କୁ ହତ୍ୟା ଧମକ ଦେଉଥିଲେ: ମନୋଜ

ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଥିଲେ।

ଘଟଣାରୁ ପ୍ରକାଶ, ଜୁଲାଇ ୨୭ରେ ପ୍ରାର୍ଥିବେଡ଼ା ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି କଲ୍ୟାଣସିଂହପୁର ଥାନାରେ କେସ୍ ନଂ. ୬୪/୨୫ରେ ମାମଲା ରୁଜୁ କରାଯାଇଥିଲା। ଉକ୍ତ ଅଭିଯୋଗରେ ଅଭିଯୁକ୍ତ ଜାମା ଗାଁ ଲୋକଙ୍କୁ ମାଡ଼ ମାରିବା, ଗାଳିଗୁଲଜ କରିବା ସହ ସମସ୍ତଙ୍କୁ ଜୀବନରେ ମାରିଦେବା ନେଇ ଧମକ ଦେଉଥିବା ଗ୍ରାମବାସୀ ଉଲ୍ଲେଖ କରିଥିଲେ । ଏହି ଘଟଣାର ତଦନ୍ତକରି କଲ୍ୟାଣସିଂହପୁର ପୋଲିସ ଜାମାଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା । ଏହି ମାମଲା ସରକାରଙ୍କ ପକ୍ଷରୁ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ପରିଚାଳନା କରୁଥିଲେ।

# ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

## ଏସିଡ୍ ଫିଙ୍ଗା ମାମଲାର ରାୟ

ପାରଳାଖେମୁଣ୍ଡି, ୨୫।୧୦ (ଗିରିଧାରୀ ପରିଚ୍ଛା)

ଏକ ଏସିଡ୍ ଫିଙ୍ଗା ମାମଲାର ବିଚାର କରି ଗଜପତି ଜିଲା ଅତିରିକ୍ତ ଜିଲା ସେସନ ଜଜ ବିଭୁ ପ୍ରସାଦ ପଣ୍ଡା ଧାରା '୩୨୬କ' ଅନୁଯାୟୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷର ସଶ୍ରମ କାରାଦଣ୍ଡ ଦେଇଛନ୍ତି। ଏଥିସହ ତାଙ୍କୁ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୯।୧। ୨୦୨୪ରେ ଅଡ଼ବା ଥାନା ଅନ୍ତର୍ଗତ ଅନ୍ତରବା ଗ୍ରାମର ରଞ୍ଜନ ଲିମା ଦ୍ୱିତୀୟ ବିବାହ କରିବା ପରଠାରୁ ଶ୍ୱଶୁର ଘର ପିଟର ପାଳଙ୍କ ଘରେ ରହି ଆସୁଥିଲେ। ଘଟଣା ଦିନ ସନ୍ଧ୍ୟାବେଳେ ରଞ୍ଜନ କୌଣସି କାମରେ ବାହାରକୁ ଯାଇ ଫେରିଥିଲେ। ଏହି ସମୟରେ ସେ ଶ୍ୱଶୁରଘର ବାହାରପଟ କବାଟ ବନ୍ଦ ଥିବା ଦେଖିଥିଲେ। ପରେ ସେ ବାଡ଼ିପଟେ ଘରକୁ ଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ଶାଶୁ ଓ ରଞ୍ଜନଙ୍କ ଦ୍ୱିତୀୟ ସ୍ତ୍ରୀ ରଞ୍ଜନଙ୍କ ମୁହଁକୁ ଟର୍ଚ୍ଚ ମାରିଥିଲେ। ଶ୍ୱଶୁର ପିଟର ରଞ୍ଜନଙ୍କ ଉପରକୁ ଏସିଡ଼ ପକାଇ ଦେଇଥିଲେ। ନିଜକୁ ବଞ୍ଚାଇବାକୁ ଯାଇ ରଞ୍ଜନ ଜୋହାନଙ୍କ ଘରକୁ ପଶିଯାଇଥିଲେ। ଏହା ଦେଖି ବାବୁଲା ପାଳ ରଞ୍ଜନଙ୍କ ବାପାଙ୍କୁ ଖବର ଦେଇଥିଲେ। ଗୁରୁତର ଅବସ୍ଥାରେ ରଞ୍ଜନଙ୍କୁ ପ୍ରଥମେ ଚନ୍ଦ୍ରଗିରି ପରେ ଏମକେସିଜି ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ରଞ୍ଜନଙ୍କ ବାପା ପୂର୍ଣ୍ଣ ଅଡ଼ବା ଥାନାରେ ୧।୨।୨୦୨୪ରେ ଅଭିଯୋଗ କରିଥିଲେ। ୧୮/୨୫ରେ ମାମଲା ପଞ୍ଜୀକୃତ ହୋଇଥିଲା। ଇନ୍ସପେକ୍ଟର ଶୁଭ୍ରାନ୍ତ ପଣ୍ଡା ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ସେସନ ଜଜ୍ ବିଭୁ ପ୍ରସାଦ ପଣ୍ଡା ଉପରୋକ୍ତ ରାୟ ଦେଇଛନ୍ତି। ପ୍ରସିକ୍ୟୁସନ ବିଭାଗର ଉପନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଓ ସହ ନିର୍ଦ୍ଦେଶକ ଡ଼ି.ଅନୁପରାଜ ଆଚାରୀଙ୍କ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ଏପିପି ପି. ପ୍ରସାଦ ରାଓ ମାମଲାର ପରିଚାଳନା କରୁଥିଲେ ବୋଲି ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର କହିଛନ୍ତି।

# ବାଡ଼ସିଂକୁ ନୂତନ ପଞ୍ଚାୟତ ଗଠନ ଦାବି

ଗୁଣପୁର,୨୫।୧୦(ପ୍ରଦୀପ କୁମାର ପାଢ଼ୀ)


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଅନ୍ତର୍ଗତ ଟଲଣା ପଞ୍ଚାୟତର ବାଡସିଂକୁ ଏକ ନୂତନ ପଞ୍ଚାୟତ ଗଠନ ପାଇଁ ଦାବି ହୋଇଛି। ଏ ନେଇ ୧୪ ଗୋଟି ଗ୍ରାମ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣପୁର ଉପଜିଲାପାଳ ଅଭିଷେକ ଦିଲୀପ ଦୁଧାଲଙ୍କୁ ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଟଲଣା ପଞ୍ଚାୟତଠାରୁ ସେମାନଙ୍କ ଗ୍ରାମଗୁଡିକ ୧୪ କି.ମି. ଦୂରତା ମଧ୍ୟରେ ରହିଛି। ଫଳରେ ଏତେ ଦୂର ଆସି ବିଭିନ୍ନ ସରକାରୀ ଯୋଜନା ପାଇବା ସେମାନଙ୍କ ପାଇଁ କଷ୍ଟସାଧ ହେବା ସହ ବହୁ ସମସ୍ୟା ହେଉଛି। ବିଶେଷ ଭାବରେ ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା ଏବଂ ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ଆଣିବା କଷ୍ଟକର ହେଉଛି । ଗ୍ରାମଗୁଡିକ ଦୁର୍ଗମ ଅଞ୍ଚଳରେ ରହିଥିବାବେଳେ ବର୍ଷାଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ପଞ୍ଚାୟତ ଅଫିସ୍‌କୁ ଆସିବାକୁ ହେଲେ ନଦୀ ନାଳ ପାରହୋଇ ଆସିବାକୁ ପଡୁଛି। ସେମାନଙ୍କ ପଞ୍ଚାୟତ ଗଠନ ପାଇଁ ସମସ୍ତ ଆବଶ୍ୟକ ଭିତ୍ତିଭୂମି ରହିଥିବାବେଳେ ନୂତନ ପଞ୍ଚାୟତ ଗଠନର ଯଥାର୍ଥତା ରହିଥିବା ଗ୍ରାମବାସୀ କହିଥିଲେ । ବାଡସିଂ, ଡେଙ୍ଗାକୁଲ, ଡୁମ୍ବାଡା, ସଂସାସାଗ, ପୋଡା ଗ୍ରାମ ରାଗିଡି ଗର୍ଜାଂ, ସିଂଜାଙ୍ଗରିଙ୍ଗ, କିତୁଙ୍ଗ, ଅଡାସାର, ଖରାଲ, ତଡାର, କିତୁରୁଙ୍ଗ, ଅନୁରୁଙ୍ଗଡା, ରୁପୁଡିସି ଏବଂ ଲଆଗପାଡି ଏପରି ୧୪ ଟି ଗ୍ରାମରେ ୨୭୬୦ ଲୋକ ବସବାସ କରନ୍ତି। ଏସବୁ ଗ୍ରାମଗୁଡିକ ବାଡସିଂକୁ ଯିବା ଆସିବା ଏବଂ ଯୋଗାଯୋଗରେ କୌଣସି ଅସୁବିଧା ନାହିଁ। ତେଣୁ ସେମାନଙ୍କ ଦାବିର ଯଥାର୍ଥତା ରହିଥିବା ଉପଜିଲାପାଳଙ୍କୁ କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଟଲଣା ସରପଞ୍ଚ ସନ୍ତୋଷୀ ଶବର, ଜିଲା ପରିଷଦ ସଭ୍ୟ ଇଗାନ ଗମାଙ୍ଗ, ପୂର୍ବତନ ସମିତି ସଭ୍ୟ ଦିନବନ୍ଧୁ ରଇତ, ଅକ୍ଷୟ ଶବର, ଗୁଣିନ ଶବର, ବଡମା ଦଳବେହେରା, ଆରାଉଲ ଶବର, ମାଫୁ ଶବର, ରାଶିଣ୍ଡ ଶବର, ଇର୍ଗା ଶବର, ବୁଲୁକା ଶବର, ବିନୟ ରଇତ, ନିରଞ୍ଜନ ଶବର, ମାନୁଏଲ ଶବର, ଅମିନ ଶବର, ଦୁର୍ଦ୍ଦାଙ୍ଗ ଶବର, ପବିତ୍ର ଗମାଙ୍ଗଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ, ଯୁବତୀ ଆହତ

ସୁନାବେଡା/ସେମିଳିଗୁଡ଼ା,୨୫।୧୦ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ସଦର ବ୍ଲକ ଆଲିଗାଁ କଫି ଫାର୍ମ ନିକଟରେ ବନ୍ୟଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ସେମିଳିଗୁଡ଼ା ବ୍ଲକ ଅଧୀନ ଦୁଧାରୀ ପଞ୍ଚାୟତ ଘାଟଗୁଡ଼ା ଗାଁର ବିଶ୍ବ ବଡ଼ନାୟକଙ୍କ ପୁଅ ସଞ୍ଜୟ। ଆଲିଗାଁର ଜଣେ ଯୁବତୀ ଆହତ ରହିଛନ୍ତି। ସୂଚନାନୁଯାୟୀ, ଶୁକ୍ରବାର ରାତିରେ ସଞ୍ଜୟ ଓ ଯୁବତୀ ପରସ୍ପରକୁ ଦେଖା କରିବାକୁ ଆଲିଗାଁ କଫି ଫାର୍ମ ନିକଟକୁ ଆସିଥିଲେ। ସେଠାରେ ପୂର୍ବରୁ କେତେଜଣ ବ୍ୟକ୍ତି ବନ୍ୟଜନ୍ତୁଙ୍କ ଶିକାର ଉଦ୍ଦେଶ୍ୟରେ ବିଦ୍ୟୁତ୍ ତାର ବିଛାଇଥିଲେ। ଫଳରେ ଏହି ତାର ସଂସ୍ପର୍ଶରେ ଆସି ସଞ୍ଜୟଙ୍କ ମୃତ୍ୟୁ ହୋଇଥିବା ବେଳେ ଯୁବତୀ ଜଣଙ୍କ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବର ପାଇ ସେମିଳିଗୁଡ଼ା ଥାନାଧିକାରୀ ଅନିତା କୁଜୁର ଓ ତାଙ୍କ ସହକର୍ମୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ନଂ. ୧୩୫/୨୫ରେ ଏକ ମାମଲା ରୁଜୁ କରିଛି। ତଦନ୍ତ ଜାରି ଥିବା ବେଳେ ଆଲିଗାଁର ୨ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ଥାନାଧିକାରୀ କୁଜୁର ସୂଚନା ଦେଇଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

ନନ୍ଦପୁର/ପାଡୁଆ,୨୫।୧୦ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)



କୋରାପୁଟ ଜିଲା ନନ୍ଦପୁର ବ୍ଲକ ଜିଲା ପରିଷଦ ଜୋନ୍ ୨ର ୧୧ ପଞ୍ଚାୟତବାସୀଙ୍କ ବିକାଶ କାର୍ଯ୍ୟ କରିଥିବା ସାମାଜିକକର୍ମୀ ପୂର୍ଣ୍ଣ ଖିଲଙ୍କ ୫୮ ବର୍ଷ ବୟସରେ ଶୁକ୍ରବାର ରାତିରେ ପରଲୋକ ହୋଇଛି। ସେ ମାତ୍ର ୨୨ବର୍ଷ ବୟସରେ ପାଡୁଆ ଅଞ୍ଚଳର ଆରଏଏସଏସ (ରାସ୍) ଅନୁଷ୍ଠାନର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୧ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ଖୋଲି ଛାତ୍ରୀଛାତ୍ରଙ୍କୁ ସ୍କୁଲ ମୁହାଁ କରିବା ସହ ଗ୍ରାମବାସୀଙ୍କୁ ପୌଢ଼ଶିକ୍ଷା ଦେଉଥିଲେ। ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ପ୍ରକଳ୍ପ, ଉନ୍ନତ ବିହନ, କିସମ, ଅର୍ଥକାରୀ ଫସଲ ସମ୍ପର୍କରେ ବୁଝାଇ ଚାଷ, ଚାଷ ଉତ୍ପାଦ ବିକ୍ରି, ପ୍ରକ୍ରିୟା କରଣ ୟୁନିଟ୍ ପ୍ରତିଷ୍ଠାରେ ତାଙ୍କର ଯୋଗଦାନ ଥିଲା। ଶନିବାର ଲିୟଡ କ୍ଲବ୍, ସରସ୍ୱତୀ ଶିଶୁ ମନ୍ଦିର ଓ ରାଧାକୃଷ୍ଣ ବିଦ୍ୟାଳୟ ପରିସରରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଶୋକସଭା କରାଯାଇଥିଲା। ବ୍ଲକ ଅଞ୍ଚଳର ବୁଦ୍ଧିଜୀବୀ କୁଲାବିରସ୍ଥିତ ଘରେ ତାଙ୍କ ଶେଷ ଦର୍ଶନ କରିଥିଲେ।

### ଗୋଚାଲାଣ ମାମଲାରେ ୫ ଗିରଫ

ଜୟପୁର,୨୫।୧୦(ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ ଗୋ ଚାଲାଣ ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପାପଡାହାଣ୍ଡି ଥାନା ଅଧୀନ ସାନ କୁମୁଲି ଗ୍ରାମର ଦେବରାଜ ନାଗ(୪୬), କୁନା ହରିଜନ(୨୩), ବିସଂପୁର ଥାନା ନୁଆ ଗାଁର ଟୁନା ହରିଜନ(୨୪), ତେଲେଙ୍ଗାନାର ଆର.ନାଗରାଜୁ(୨୩) ଓ ଏ.ଆଞ୍ଜେୟା(୩୧)। ସୂଚନାନୁଯାୟୀ, ଶୁକ୍ରବାର ଏକ ଟ୍ରକ୍‌ରେ ଗାଈଗୋରୁ ନବରଙ୍ଗପୁରରୁ ଜୟପୁର ଅଭିମୁଖେ ଆସି ତେଲେଙ୍ଗାନା ଚାଲାଣ ହେଉଥିବା ଖବର ପାଇ ହିନ୍ଦୁ ସମାଜ ସଦସ୍ୟ ସିଦ୍ଧାର୍ଥ ପାତ୍ର, ଶିବ ପ୍ରସାଦ ଗୌଡ଼, ବିଶ୍ୱନାଥ ନନ୍ଦ, ଚନ୍ଦନ ପାଣିଗ୍ରାହୀ ଓ ଗୁପ୍ତେଶ୍ୱର ରଥ କାବୁ କରି ସଦର ପୋଲିସକୁ ଜିମା ଦେଇଥିଲେ। ହିନ୍ଦୁ ସମାଜର ସଦସ୍ୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଥିଲା। ଟ୍ରକ୍ ସହ ୨୫ ବଳଦ ଓ ୭ ଗାଈ ଜବତ କରାଯାଇଥିଲା। ଏଥିରୁ ୫ ମୃତ ବଳଦ ଜବତ ସହ ୨ ବଳଦକୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ। ଗାଈଗୋରୁଙ୍କୁ ଅତି ଦୟନୀୟ ଅବସ୍ଥାରେ ଚାଲାଣ କରାଯାଉଥିଲା। ବଳଦ ମୃତଦେହ ବ୍ୟବଚ୍ଛେଦ କରାଯାଇ ଅନ୍ୟ ଗାଈଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ସଦର ଥାନାଧିକାରୀ ସଜିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ନିଜ ସହ ଅନ୍ୟଙ୍କୁ ସଚେତନ କରିବାକୁ ପରାମର୍ଶ

## ସାଇବର ସୁରକ୍ଷା ଅଭିଯାନ ଶୁଭାରମ୍ଭ

କୋରାପୁଟ,୨୫।୧୦(ଅମିତାଭ ବେହେରା)




କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା ଓ ଛାତ୍ରୀମାନେ।

କୋରାପୁଟ ଜିଲା ପୋଲିସ ବିଭାଗ ପକ୍ଷରୁ ମ୍ୟୁନିସିପାଲିଟି ପ୍ରେକ୍ଷାଳୟରେ ସାଇବର ସୁରକ୍ଷା ଅଭିଯାନ ଶନିବାର ଶୁଭାରମ୍ଭ ହୋଇଛି। ଏଥିରେ ଜିଲା ଏସ୍‌ପି ରୋହିତ ବର୍ମାଙ୍କ ଅଧ୍ୟକ୍ଷତାରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇଥିଲେ। ସାଇବର ଠକେଇରୁ ସୁରକ୍ଷିତ ରହିବା ନେଇ ପ୍ରଥମେ ନିଜେ ସଚେତନ ହେବା ସହ ଅନ୍ୟକୁ ସଚେତନ କରିବାକୁ ଅଧିକାରୀ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏ ନେଇ ଉପସ୍ଥିତ ଜନତାଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ସଚେତନତା ରଥକୁ ପତାକା ଦେଖାଇ ଜିଲାପାଳ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ସମସ୍ତ ୧୪ ବ୍ଲକ, ୪ ପୌରାଞ୍ଚଳ ଓ ୨୪୦ ପଞ୍ଚାୟତର ବିଭିନ୍ନ ହାଟ ପରିଭ୍ରମଣ କରି ଗୀତ ଏବଂ ପଥ ପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରିବ ବୋଲି ଜିଲା ଏସ୍‌ପି ବର୍ମା କହିଛନ୍ତି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋବ୍ରତା ଶତପଥୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ,ବିଡିଓ ଦେବାଶିଷ ଗୌଡ଼ ଓ ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଦିଲୀପ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋରାପୁଟ ଏସ୍‌ଡିପିଓ ସଞ୍ଜୟ ମଣ୍ଡଳ, ସାଇବର ଥାନାଧିକାରୀ ଭବାନୀ ପ୍ରଧାନୀ ଓ ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମ୍ଭାବ୍ୟ ବାତ୍ୟା ନେଇ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

## ଜିଲାପାଳଙ୍କ ବିନା ଅନୁମତିରେ ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ

କୋରାପୁଟ,୨୫।୧୦ (ଅମିତାଭ ବେହେରା)


URGENT

GOVERNMENT OF ODISHA
OFFICE OF THE COLLECTOR AND DISTRICT MAGISTRATE
KORAPUT

No. 635 /2025-Res. Dated 25 October, 2025

ORDER

As per the special bulletin received from IMD, a low- pressure lay is likely to form and become a depression over Southeast Bay of Bengal from 27.10.2025 to 30.10.2025. Heavy to very heavy rain is likely to occur in few places in Koraput District.

In view of the above, all the leaves of Govt. Officials of Koraput District are hereby cancelled, if availing. They are directed to report back to their respective headquarters immediately. All the Officers and staff should not leave their respective headquarters till 30.10.2025 without permission of the undersigned.

Any deviation will be viewed seriously.

COLLECTOR & D.M.
KORAPUT

Memo No. 636 /2025 Date 25.10.2025

Copy to the Addl. District Magistrates, Koraput / CDO- cum-EO, ZP, Koraput / Sub-Collector, Koraput & Jeypore / all District Level Officers, BDOs, Tahasildars & CDPOs for information and necessary action.

COLLECTOR & D.M.
KORAPUT

ଜିଲାପାଳ ଜାରି କରିଥିବା ନିର୍ଦ୍ଦେଶନାମା।

ସମ୍ଭାବ୍ୟ ବାତ୍ୟା ମୋନ୍ଥା ପାଇଁ ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିଲ ନେଇ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଏକ ନିର୍ଦ୍ଦେଶନାମା ଶନିବାର ଜାରି କରିଛନ୍ତି। ଜିଲାପାଳଙ୍କ ବିନା ଅନୁମତିରେ କେହି ନିଜ ମୁଖ୍ୟାଳୟ ନ ଛାଡ଼ିବାକୁ ଜିଲାପାଳ ସମସ୍ତ ବିଭାଗକୁ ନିର୍ଦ୍ଦେଶନାମା ମାଧ୍ୟମରେ ଅବଗତ କରାଇଛନ୍ତି। ଚଳିତମାସ ୨୭ ରୁ ୩୦ ତାରିଖ ଯାଏ ସମ୍ଭାବ୍ୟ ବାତ୍ୟା ମୋନ୍ଥା ପ୍ରଭାବରେ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ପବନ ବହିବା ଆଶଙ୍କା ଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ ପତ୍ର ସଂଖ୍ୟା ୬୩୫ରେ ଜୟପୁର ଓ କୋରାପୁଟ ଉପଜିଲାପାଳଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ସମସ୍ତ ଅଧିକାରୀ ନିଜ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବ୍ଲକ ଓ ଜିଲା ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ସମସ୍ତ ଓଡ୍ରାଫ, ଦମକଳ ବାହିନୀ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିବା ଗଣମାଧ୍ୟମ ଜଣାଇଛନ୍ତି।

# କାଦୁଅମୟ ମୟୂରଝୋଲା ଜଳପ୍ରପାତ ରାସ୍ତା

ନନ୍ଦପୁର/ପାଡୁଆ,୨୫।୧୦ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)



ମୟୂରଝୋଲା ଜଳପ୍ରପାତ ରାସ୍ତା।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତ କୁଡ଼ା ଗ୍ରାମ ପାହାଡ଼ରେ ଥିବା ମୟୂରଝୋଲା ଜଳପ୍ରପାତ ରାସ୍ତା କାଦୁଅମୟ ହେବା ସହ ଗୋଡ଼ି ପଥରରେ ଭର୍ତ୍ତି ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଜଳପ୍ରପାତକୁ ବୁଲି ଆସୁଥିବା ପର୍ଯ୍ୟଟକ, ପାହାଡ଼ ଓ ଜଙ୍ଗଲ ଉପରେ ନିର୍ଭରଶୀଳ କୁଡ଼ା ଗ୍ରାମବାସୀ ଏହି କାଦୁଅ ରାସ୍ତାରେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। କୁଡା ଗ୍ରାମଠାରୁ ମାତ୍ର ୧୨ ମିଟର ଦୂରରେ ମୟୂରଝୋଲା ଜଳପ୍ରପାତ ରହିଛି। ଗ୍ରାମବାସୀ ଓ ପର୍ଯ୍ୟଟକ କୁଡ଼ା ଗ୍ରାମଠାରୁ ଜଳପ୍ରପାତ ଯାଏ ପକ୍କା ରାସ୍ତା ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି। ବ୍ଲକ ପ୍ରଶାସନ ଜଳପ୍ରପାତ ସମୀପ କିଛି ରାସ୍ତା ପେଭର ବ୍ଲକ୍ ବିଛାଇ ରାସ୍ତା ନିର୍ମାଣ କରିଛନ୍ତି। କିନ୍ତୁ ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆନ୍ଧ୍ର ସୀମାବର୍ତ୍ତୀ ହୋଇଥିବାରୁ ରାସ୍ତା ନିର୍ମାଣ ହେଲେ ଜଳପ୍ରପାତକୁ ଲକ୍ଷାଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ମତ ପ୍ରକାଶ ପାଇଛି। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା ପ୍ରସ୍ତାବିତ ରାସ୍ତା ନିର୍ମାଣ ନେଇ ବିଡିଓଙ୍କ ସହ ଆଲୋଚନା କରିବେ। ପଞ୍ଚାୟତ ଓ ସମିତି ସ୍ତର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଆଗାମୀ କାର୍ଯ୍ୟ ଖସଡ଼ାରେ ସାମିଲ କରି ବ୍ଲକ ପ୍ରଶାସନ ପକ୍ଷରୁ ପକ୍କା ରାସ୍ତା ନିର୍ମାଣ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି।

### ଦେଶୀ ମଦ ଚାଲାଣ, ୨ ଗିରଫ

ଜୟପୁର,୨୫।୧୦(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ୨ ମହିଳାଙ୍କୁ ଶନିବାର ଗିରଫ କରାଯାଇଛି। ଦେଉଗୁଡ଼ା ଓ ସାନମୁଣ୍ଡାଗୁଡ଼ାରେ ଅବକାରୀ ବିଭାଗ ଚଢ଼ାଉ କରି ଅଭିଯୁକ୍ତଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରିଛି। ୨ ଅଭିଯୁକ୍ତଙ୍କୁ ଶନିବାର ଅପରାହ୍ଣ ୪ଟା ୩୦ରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଓଆଇସି ସୁବ୍ରତ କିଶୋରି ହିରଣ ସୂଚନା ଦେଇଛନ୍ତି।

### ସାମାଜିକ କର୍ମୀଙ୍କ ସ୍ମୃତିସଭା

ମାଲକାନଗିରି, ୨୫।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଦୀର୍ଘ ୪୦ ବର୍ଷ ଧରି ସମାଜସେବା କରି ଆସୁଥିବା ବିଶିଷ୍ଟ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁଙ୍କ ଗତ ଅକ୍ଟୋବର ୧୪ରେ ଦିଲ୍ଲୀ ଠାରେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ଶନିବାର ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ସ୍ମୃତି ସଭା ମାଲକାନଗିରି ସଦରସ୍ଥିତ ପରିବର୍ତ୍ତନ ସଭାଗୃହରେ ଅନୁଷ୍ଠିତ ହୋଇଛି। ଆଇନଜୀବୀ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ସ୍ୱର୍ଗତ ସାହୁ କରିଥିବା କାର୍ଯ୍ୟ ସମ୍ପର୍କରେ ମତ ପ୍ରକାଶ ପାଇଥିଲା। ସେ କୋୟା, ନାମରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଗଠନ କରି ଲୋକମାନଙ୍କ ସ୍ୱାସ୍ଥ୍ୟ,ଚକ୍ଷୁ, ପାନୀୟ ଜଳ, ଜଙ୍ଗଲ ଜମି ଅଧିକାର ପାଇଁ କାର୍ଯ୍ୟ କରି ଆସୁଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ପ୍ରକୃତି ମିତ୍ର ପୁରସ୍କାର ସହ ଅନେକ ପ୍ରସଂସା ପତ୍ର ମିଳିଥିଲା। ସେ ମିଷ୍ଟଭାଷୀ ଓ ପରୋପକାରୀ ଥିଲେ ବୋଲି ଉପସ୍ଥିତ ନିତ୍ୟାନନ୍ଦ ପ୍ରଧାନ, ରାମଗୋବିନ୍ଦ ପଣ୍ଡା, ବସନ୍ତ ଲେଙ୍କା, କୈଳାଶ ଚନ୍ଦ୍ର ପଣ୍ଡା, ସନ୍ତୋଷ ଶୁକ୍ଳା, ଅମିୟ ଦାସ, ଚୈତନ୍ୟ ଏକା, ସଞ୍ଜୁକ୍ତା ପ୍ରଧାନ, ୟୁ. ଜୟପାଲ, ସୁରେନ୍ଦ୍ର ବାରିକ, ବଟକୃଷ୍ଣ ସାହୁ, ଏରା ପଡିଆମି, ସନ୍ତୋଷ ବଟେ ପ୍ରମୁଖ ପ୍ରକାଶ କରିଥିଲେ।

# ରେଡ୍‌କ୍ରସ୍ ଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା

ମାଥିଲି,୨୫।୧୦ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ୍ ଛାତ୍ରୀଙ୍କ ଦ୍ୱାରା ଶନିବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଉନସିଲର ତରଣସେନ ଦାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ବାକାଙ୍କ ସହ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରିବା ସହ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟ ନିକଟରେ ଥିବା ଜାତୀୟ ରାଜପଥକୁ ଯାଇ ମୋଟର ସାଇକେଲ ଆରୋହୀଙ୍କୁ ନିଶା ନିବାରଣ କରିବା, ହେଲ୍‌ମେଟ୍ ପିନ୍ଧି ନିଜ ଜୀବନକୁ ସୁରକ୍ଷିତ ରଖିବା ପାଇଁ ସଚେତନ କରିବା ସହ ପଥଚାରୀଙ୍କୁ ଅଟକାଇ ଏକ ଛୋଟିଆ ନାଟକ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜୁନିୟର ରେଡ୍‌କ୍ରସ୍ ବ୍ଲକ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଛାତ୍ରୀମାନେ ରାସ୍ତାରେ ଲୋକଙ୍କୁ ସଚେତନ କରୁଛନ୍ତି।

# ନାଗ ଚତୁର୍ଥୀ ପାଳିଲେ ତେଲୁଗୁ ସମାଜ

## କାନ ସମସ୍ୟା ଦୂର ହେବା ବିଶ୍ୱାସ

ସୁନାବେଡା,୨୫।୧୦(କୃତ୍ତିବାସ ପ୍ରଧାନ)


ହୁଙ୍କା ନିକଟରେ ପୂଜା କରାଯାଉଛି।

ସୁନାବେଡା ଓ ସେମିଳିଗୁଡ଼ା ସହରର ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ନାଗ ଚତୁର୍ଥୀ ଶନିବାର ପାଳନ କରାଯାଇଛି। ପରମ୍ପରା ଅନୁଯାୟୀ ଦୀପାବଳିର ଚତୁର୍ଥ ଦିନରେ ନାଗ ଚତୁର୍ଥୀ ପାଳନ କରାଯାଏ। ତେଲୁଗୁ ସମାଜ ପକ୍ଷରୁ ହୁଙ୍କାକୁ ପୂଜାର୍ଚ୍ଚନା କରାଯାଇଥିଲା। ପରିବାରର ସମସ୍ତ ସଦସ୍ୟ ଏକତ୍ର ହୋଇ ମାଟିହୁଙ୍କାରେ କ୍ଷୀର,ଅଣ୍ଡା, ବିଭିନ୍ନ ଫଳ, ଆଖୁ ଓ ଭୋଗ ଲଗାଇଥିଲେ। ଏହି ପୂଜା କଲେ କାନର ବିଭିନ୍ନ ସମସ୍ୟା ଦୂର ହେବ ବୋଲି ବିଶ୍ୱାସ ରହିଛି। ପରିବାର ମଙ୍ଗଳ କାମନା ସହ ମନସ୍କାମନା ପୂର୍ଣ୍ଣ ହେବା ପାଇଁ ପୂଜା କରାଯାଇଥିଲା।

# ଲିଖିତ ପ୍ରତିଶ୍ରୁତି ପରେ ଅତିଥି ଅଧ୍ୟାପକଙ୍କ ଧାରଣା ପ୍ରତ୍ୟାହୃତ

ଜୟପୁର,୨୫।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅତିଥି ଅଧ୍ୟାପକମାନେ ବିଭିନ୍ନ ଦାବି ନେଇ ମୁଖ୍ୟ ଫାଟକରେ ତାଲା ପକାଇ ଶୁକ୍ରବାର ଧାରଣା ଦେଇଥିଲେ। ଶନିବାର ବିଶ୍ୱବିଦ୍ୟାଳୟ କୁଳସଚିବ ଦେବୀ ପ୍ରସାଦ ମିଶ୍ରଙ୍କ ଲିଖିତ ପ୍ରତିଶ୍ରୁତି ଦେବା ପରେ ସମସ୍ତ ଅତିଥି ଅଧ୍ୟାପକ ଧାରଣା ପ୍ରତ୍ୟାହ୍ୟତ କରିଥିବା ଜଣାପଡ଼ିଛି। ଅତିଥି ଅଧ୍ୟାପକମାନେ ଶୁକ୍ରବାର ସନ୍ଧ୍ୟାରେ ଧାରଣାରୁ ଉଠି ପୁଣି ଶନିବାର ସକାଳୁ ମୁଖ୍ୟ ଫାଟକରେ ତାଲା ପକାଇ ଏହାକୁ ଜାରି ରଖିଥିଲେ। କୁଳସଚିବ ମିଶ୍ର ହ୍ୱାଟ୍ସଆପ ଗ୍ରୁପରେ ଲିଖିତ ଭାବେ ସମସ୍ୟଗ୍ର ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇ ଦିଆଯାଇଥିବା ଜଣାଇଥିଲେ। ଅତିଶୀଘ୍ର ସମସ୍ତଙ୍କ ବର୍ଦ୍ଧିତ ଦରମା ମିଳିବ ବୋଲି ମେସେଜ ଦେବା ପରେ ଅତିଥି ଅଧ୍ୟାପକମାନେ ଧାରଣାରୁ ଓହରିଥିଲେ। ସୋମବାରଠାରୁ ପାଠ ପଢ଼ା ସ୍ୱାଭାବିକ ହେବା ନେଇ ସୂଚନା ମିଳିଛି।

# ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣୁଛି ସୁରଭି

କୋରାପୁଟ,୨୫।୧୦ (ଅମିତାଭ ବେହେରା)

କୋରାପୁଟ ଜିଲା ନାରାୟଣପାଟଣା କେଜିଭିପି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷକ ସଂଘ ସଭାପତି ପାଲୁରାମ ତାଡିଙ୍ଗି ଓ ସମ୍ପାଦକ ଜାମି ସତ୍ୟନାରାୟଣଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ଗୋଲାଡୀ ତ୍ରିନାଥ, ନାରାୟଣପାଟଣା ଥାନାଧିକାରୀ ପ୍ରମୋଦ କୁମାର ନାୟକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସୁରଭି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଅଣୁଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ନାରାୟଣପାଟଣା ସରପଞ୍ଚ ରେବତୀ କୁନ୍ଦାରିଆ,ବ୍ଲକ ଉପ ଶିକ୍ଷାଧିକାରୀ ଈଶ୍ୱର ମୁଦୁଲି ଯୋଗଦେଇଥିଲେ। ବ୍ଲକର ୯ ପଞ୍ଚାୟତର ସମସ୍ତ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ ଆଦର୍ଶ ସ୍କୁଲର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଏ ଅବସରରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାନ୍ତର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କିଲୁଆ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପ୍ରେମ ପ୍ରକାଶ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥି କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରୁଛନ୍ତି।

# ଶ୍ରମଦାନ କରି ରାସ୍ତା ମରାମତି କଲେ ଗ୍ରାମର ଯୁବକ

## ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ

କୁନ୍ଦୁରା,୨୫।୧୦(ସନ୍ତୋଷ ପ୍ରହରାଜ)


ଯୁବକମାନେ ରାସ୍ତା ମରାମତି କାର୍ଯ୍ୟ କରୁଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସୀମାନ୍ତ କେରମେଟି ପଞ୍ଚାୟତ ଡୁମ୍ବାପଦର ଗୌଡ଼ ସାହିର ୩୫ରୁ ଊର୍ଦ୍ଧ୍ୱ ଯୁବକ ଏକତ୍ର ହୋଇ ଜବାପଦର-ଡୁମ୍ବାପଦର ମୁଖ୍ୟ ରାସ୍ତାକୁ ଶନିବାର ମରାମତି କରିଥିବା ଦେଖିବାକୁ ମିଳିଛି। ପୂର୍ବରୁ ମଧ୍ୟ ଏହି ରାସ୍ତା ଗ୍ରାମବାସୀ ମରାମତି କରିଥିଲେ। ପ୍ରଶାସନକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା ରାସ୍ତା ମରାମତି ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହି ପାହାଡ଼ି ରାସ୍ତାରେ ବର୍ଷା ଦିନେ ଜଙ୍ଗଲର ପାଣି ପ୍ରଭାହିତ ହୋଇ ୪ ଫୁଟ ଗଭୀରର ଗର୍ତ୍ତ ସୃଷ୍ଟି ହୋଇଥିଲା। ଜବାପଦର-ଡୁମ୍ବାପଦର ମୁଖ୍ୟ ରାସ୍ତାରୁ ଗୌଡ଼ ସାହିକୁ ପ୍ରାୟ ୧ କି.ମି. ଦୂରତା। ମାଉଳୀ ଯୋଡ଼ି ଓ ବାଡନି ନାଳ ନିକଟରେ ୩ ଶହ ମିଟର ରାସ୍ତା ଶୋଚନୀୟ ହୋଇ ପଡ଼ିଥିବାରୁ ଜବାପଦର ଓ ଡୁମ୍ବାପଦର ବଡ଼ସାହିର କେତେଜଣ ଯୁବକ ଏହାକୁ ମରାମତି କରିଥିଲେ। ସେଠାରେ ପଥର ଓ ମାଟି ଭର୍ତ୍ତି କରି ସମତୁଲ କରିଛନ୍ତି। ଏହି ରାସ୍ତା ଦେଇ ଦୈନିକ ବିଭିନ୍ନ ଯାନବାହନ ଯାତାୟାତ କରୁଛି। ଗାଁ ନିକଟରେ ଡୁମ୍ବାପଦର ବଡ଼ସାହି ଓ ଜବାପଦରର ଚାଷ ଜମି ରହିଛି। ଏଥିରେ ହେଉଥିବା ବିଭିନ୍ନ ଫସଲ ନେବା ଆଣିବା କରିବାରେ ଚାଷୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା କହିଛନ୍ତି। ଲୋକଙ୍କୁ ଜରୁରୀ ସ୍ୱାସ୍ଥ୍ୟ ସେବା, ଗର୍ଭବତୀ, ପ୍ରସୂତିଙ୍କୁ ମେଡିକାଲ୍ ନେବାକୁ ହେଲେ ଗାଁଠାରୁ ୧ କି.ମି ଦୂର ମୁଖ୍ୟ ରାସ୍ତାକୁ ଆଣି ସେଠାରୁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥାଏ। ଗାଁକୁ ବିଭିନ୍ନ ସୁବିଧା ସୁଯୋଗ ପହଞ୍ଚାଇବା ପାଇଁ ଗାଁ ଲୋକେ ବାଧ ହୋଇ ଏହି ରାସ୍ତା ନିର୍ମାଣ କରିଥିଲେ ସୁଦ୍ଧା ସରକାରୀ ଆମ୍ବୁଲାନ୍ସ ସେବା ପାଇ ପାରୁ ନ ଥିବା କହିଛନ୍ତି। ରାସ୍ତା ନିର୍ମାଣ ପାଇଁ ଓ୍ୱାର୍ଡ ମେମ୍ବର, ସରପଞ୍ଚ, ନାଏବ ସରପଞ୍ଚ, ଗ୍ରାମସଭା ଓ ବିଭିନ୍ନ ଜନଶୁଣାଣିରେ ଲିଖିତ ଏବଂ ମୌଖିକ ଗ୍ରାମବାସୀ ଅଭିଯୋଗ କରିଥିଲେ। କିନ୍ତୁ ପଞ୍ଚାୟତ, ବ୍ଲକ ଓ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ଗ୍ରାମବାସୀ ଏହି ରାସ୍ତା ନିର୍ମାଣ ନେଇ ବୈଠକ କରି ଘର ପିଛା ଟଙ୍କା ଆଦାୟ କରି ୨ ନାଳ ନିକଟରେ କାମ ଆରମ୍ଭ କରିଥିଲେ। ସେହିଦିନଠାରୁ ପ୍ରତିବର୍ଷ ବର୍ଷା ଋତୁ ପରେ ୨,୩ ଗାଁର ଗ୍ରାମବାସୀ ମିଳିତ ଭାବେ ଏହି ରାସ୍ତାର ମରାମତି କାମ କରୁଥିବା କହିଛନ୍ତି। ରବିବାର ମଧ୍ୟ ଏହି କାମ ଜାରି ରହିବ ବୋଲି ସନସାଇ ସାନ୍ତା,ଦାସ ସାନ୍ତା,ରବିନ୍ଦ୍ର ସାନ୍ତା, ଧବଳୁ ସାନ୍ତା,ସୁରେନ୍ଦ୍ର ସାନ୍ତା,ଦୁର୍ଯ୍ୟୋ ସାନ୍ତା ଏବଂ ଭାଲୁ ସାନ୍ତା ପ୍ରମୁଖ କହିଛନ୍ତି। ରାସ୍ତା ମରାମତି ସହ ୨ ନାଳରେ କଲଭର୍ଟ ନିର୍ମାଣ କରିବାକୁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ପାନ ଦୋକାନୀଙ୍କୁ ଖଣ୍ଡାରେ ହାଣି ହତ୍ୟା

ଜଗତ୍‌ସିଂହପୁର, ୨୫।୧୦ (ପ୍ରମୋଦ କୁମାର ନାୟକ)


ମୃତ ଜ୍ଞାନ ରଞ୍ଜନ ପୋଥାଳ।


ଘଟଣାସ୍ଥଳରୁ ମିଳିଥିବା ଖଣ୍ଡା।

- ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ
- ହତ୍ୟାର କାରଣ ଅସ୍ପଷ୍ଟ
- ନିଶା କାରବାର କିମ୍ବା ପୂର୍ବ ଶତ୍ରୁତାରୁ ହତ୍ୟା, ସେନେଇ ଚାଲିଛି ତଦନ୍ତ

ଜଗତ୍‌ସିଂହପୁର ଥାନା ଯୋଗଧାରୀ ଛକରେ ପାନ ଦୋକାନ କରିଥିବା ନିକଟସ୍ଥ ପୋକପୁର ଗାଁର ଜ୍ଞାନରଞ୍ଜନ ପୋଥାଳଙ୍କୁ ଖଣ୍ଡାରେ ହାଣି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଏ ସମ୍ପର୍କରେ ପୋକପୁର ଗାଁର ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ. ୮୫୮/୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଖବର ଲେଖାହେବା ସୁଦ୍ଧା ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ମାତ୍ର କେଉଁମାନେ ହତ୍ୟା କରିଛନ୍ତି ଏବଂ ହତ୍ୟାକାଣ୍ଡର କାରଣ କ'ଣ ତାହା ସ୍ପଷ୍ଟ କରିନାହିଁ। ଜଗତ୍‌ସିଂହପୁର ସହର ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏଭଳି ନୃଶଂସ ହତ୍ୟାକାଣ୍ଡକୁ ନେଇ ସାଧାରଣରେ ଚିନ୍ତା ପ୍ରକଟ କରାଯିବା ସହ ଭୟର ବାତାବରଣ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଜ୍ଞାନ ପାଖାପାଖି ୨ ବର୍ଷ ହେବ ଯୋଗଧାରୀ ଛକ ନିକଟ ଜଗତ୍‌ସିଂହପୁର ପୌର ପରିଷଦ ଗେଟ୍ ପାର୍ଶ୍ୱର ଏକ ସ୍ଥାନରେ ପାନ ଦୋକାନ କରିଥିଲେ। ଜ୍ଞାନଙ୍କ ଦୋକାନ ପାର୍ଶ୍ୱରେ ଗ୍ୟାରେଜ କରିଥିବା ବ୍ୟକ୍ତି ଏକ ନୂଆ ବାଇକ କିଣିଥିବାରୁ ସେ ଶୁକ୍ରବାର ରାତିରେ ଏକ ଭୋଜି ଦେଇଥିଲେ। ଏହି ଭୋଜି ଗ୍ୟାରେଜ ମାଲିକ ତାଙ୍କ ଦୁଇ ବନ୍ଧୁ ଓ ଜ୍ଞାନଙ୍କ ଭିତରେ ସୀମିତ ଥିଲା। ସଭିଏଁ ପରସ୍ପରକୁ ଜାଣିଥିଲେ। ରାତି ୯ରୁ ୯ଟା ୩୦ ଭିତରେ ଖିଆପିଆ ସରିଥିଲା। ଏହାପରେ ୩ ଜଣ ସେମାନଙ୍କ ଘରକୁ ଯାଇଥିବାବେଳେ ଜ୍ଞାନ ରହି ଯାଇଥିଲେ। ରାତି ୧୦ଟା ୩୦ ସୁଦ୍ଧା ଜ୍ଞାନ ଘରକୁ ନ ଫେରିବାରୁ ସ୍ତ୍ରୀ ବ୍ୟସ୍ତ ହୋଇପଡ଼ିଥିଲେ। ଗାଁର ଜଣେ ଯୁବକଙ୍କୁ ଧରି ସେ ପାନ ଦୋକାନରେ ପହଞ୍ଚିଥିଲେ। ସେଠାରେ ସେ ସ୍ୱାମୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ ଅବସ୍ଥାରେ ତଳେ ପଡ଼ିଥିବା ଦେଖିଥିଲେ। ପାଖରେ ଏକ ଖଣ୍ଡା ପଡ଼ିଥିଲା। ସେ କୋହ ସମ୍ଭାଳି ନ ପାରି ସ୍ୱାମୀଙ୍କୁ ଧରି କାନ୍ଦିବାରେ ଲାଗିଥିଲେ। କିଛି ସମୟ ଭିତରେ ସେଠାରେ ଲୋକାରଣ୍ୟ ହୋଇଯାଇଥିଲା। ଉପସ୍ଥିତ ଲୋକେ ଥାନାକୁ ଖବର ଦେବାରୁ ପୋଲିସ ପହଞ୍ଚି ପ୍ରଥମେ ସେ ସ୍ଥାନକୁ ସିଲ୍ କରିଥିଲା। ତା'ପରେ ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଛି। କୁକୁର କିଛି ବାଟ ଗଲାପରେ ରହି ଯାଇଥିଲା। ଏଥିରୁ ଅନୁମାନ କରାଯାଇଥିଲା ଯେ, ଅଭିଯୁକ୍ତମାନେ ପ୍ରଥମେ ଚାଲିକରି ଓ ପରେ କୌଣସି ଯାନରେ ସେ ସ୍ଥାନରୁ ପଳାଇ ଯାଇଥାଇପାରନ୍ତି। କେବଳ ଏତିକି ନୁହେଁ, ପାନ ଦୋକାନରେ ତାଲା ଖୁଲୁଥିବାବେଳେ ମୃତଦେହ ଏହା ସାମ୍ନାରେ ଥିବା ନଳକୂପ ପାଖରେ ପଡ଼ିଥିଲା। ଜ୍ଞାନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବାବେଳେ ମୃତଦେହ ପାଖରେ ଆଶାଜନକ ରକ୍ତ ନ ଥିବାବେଳେ ପାନ ଦୋକାନ ପଛପଟେ ଅଧିକ ରକ୍ତ ଦେଖିବାକୁ ମିଳିଛି। ଏନେଇ ଜ୍ଞାନଙ୍କୁ ଯୋଜନାବଦ୍ଧ ଭାବେ ଅପହରଣ କରି ଅନ୍ୟତ୍ର ହତ୍ୟା କରାଯିବାପରେ ପୁଣି ଆଣି ତାଙ୍କୁ ଦୋକାନ ଆଗରେ ଫିଙ୍ଗି ଦିଆଯାଇଛି, ନଚେତ ସେ ଜୀବନ ବଞ୍ଚାଇବା ପାଇଁ ପଛପଟୁ ଆଗକୁ ଘୁଷୁରି ଘୁଷୁରି ପହଞ୍ଚିଲା ପରେ ଚେତାଶୂନ୍ୟ ହୋଇପଡ଼ିଥିବା ଆଶଙ୍କା କରାଯାଉଛି। ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ପୋଲିସ ଗମ୍ଭୀରତାର ସହ ତଦନ୍ତ କରୁଛି। ହତ୍ୟାକାଣ୍ଡ ପଛରେ ନିଶା କାରବାର କିମ୍ବା ପୂର୍ବଶତ୍ରୁତା ରହିଛି, ସେ ଉପରେ ଅନୁସନ୍ଧାନ ଜାରି ରହିଛି। ଯେହେତୁ ଅତୀତରେ ଜ୍ଞାନ ଜନୈକ ବାଲି ମାଫିଆଙ୍କ ସହ ସମ୍ପର୍କରେ ଥିଲେ ଏବଂ ତାଙ୍କ ନାମରେ ଆପରାଧିକ ମାମଲା ରହିଛି ତେଣୁ ଏହି ପ୍ରସଙ୍ଗକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇପାରେ ବୋଲି ପୋଲିସ କହିଛି।

ଏ ସମ୍ପର୍କରେ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେଙ୍କୁ ପଚାରିବାରୁ ଯେହେତୁ ଘଟଣାସ୍ଥଳରୁ ଏକ ଖଣ୍ଡା ମିଳିଛି ତେଣୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଏଥିରେ ଏକାଧିକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଯେହେତୁ ୪ ଜଣଙ୍କ ଭିତରେ ଭୋଜି ଓ ମଦ୍ୟପାନ ହୋଇଥିଲା ତେଣୁ ଅଧିକ କିଛି ଜାଣିବା ପାଇଁ ପୋଲିସ ସେମାନଙ୍କ ଭିତରୁ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହି ମାମଲାକୁ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଛି। ଖୁବଶୀଘ୍ର ଏହି ହତ୍ୟାକାଣ୍ଡରୁ ପର୍ଦ୍ଦା ହଟିବ ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ମାଣେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୬ ମାସ ପୂର୍ବରୁ ଜ୍ଞାନଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କର ୪ ବର୍ଷର ପୁଅ ଓ ୩ ମାସର ଏକ କନ୍ୟା ସନ୍ତାନ ରହିଛନ୍ତି। ପାନ ଦୋକାନ ହିଁ ତାଙ୍କ ଜୀବିକାର ମାଧ୍ୟମ ଥିବାରୁ ପରିବାର ସଦସ୍ୟ ଭାଙ୍ଗି ପଡ଼ିଛନ୍ତି।

# ୧୩ ଅଭିଯୁକ୍ତଙ୍କ ମଧ୍ୟରୁ ୮ ଜଣଙ୍କ ନାଁରେ ପୂର୍ବରୁ ରହିଛି ମାମଲା

ବ୍ରହ୍ମପୁର, ୨୫।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

**ପୀତବାସ ପଣ୍ଡା ହତ୍ୟା ମାମଲା**

**ଶିବ ଶଙ୍କରଙ୍କ ନାଁରେ ୪୨, ବିକ୍ରମଙ୍କ ନାଁରେ ୨**

ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୧୩ ଅଭିଯୁକ୍ତଙ୍କ ମଧ୍ୟରୁ ୮ଜଣଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ଏମାନଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଏବଂ ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁଙ୍କ ନାମ ରହିଛି।

ଶିବ ଶଙ୍କରଙ୍କ ନାମରେ ହତ୍ୟା ସମେତ ୪୨ଟି ମାମଲା ଥିବାବେଳେ ବିକ୍ରମଙ୍କ ନାମରେ ବ୍ରହ୍ମପୁର ଟାଉନ ଓ ସଦର ଥାନାରେ ଦୁଇଟି ମାମଲା ରହିଛି। ସେହିପରି ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟର ମଳୟ ବିଷୋୟୀଙ୍କ ନାମରେ ଦୁଇଟି, ଯୋଗେନ୍ଦ୍ର ରାଉତ, ମଦନ ମୋହନ ଦଳେଇ, ବିପିନ ସ୍ୱାଇଁ ଓ କାଳୁ ଚରଣ ଭୂୟାଁଙ୍କ ନାମରେ ଗୋଟିଏ ଲେଖାଏ ମାମଲା ରହିଛି। ଅଭିଯୁକ୍ତ କୁନ୍ଦନ କୁମାରଙ୍କ ନାମରେ ବିହାରରେ ୩ଟି ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟ ୫ ଅଭିଯୁକ୍ତ ଚିଣ୍ଟୁ ପ୍ରଧାନ, ସୁନୀଲ ହୋତା, ରାଜେନ୍ଦ୍ର ସାହୁ, ସୀମାଞ୍ଚଳ ନାୟକ ଓ ଶିଶୁପାଳ ପାଣ୍ଡାନଙ୍କର ପୂର୍ବରୁ କୌଣସି ଆପରାଧିକ ରେକର୍ଡ ନ ଥିବା ପୋଲିସ ସୂଚନା ଦେଇଛି। ଚିଣ୍ଟୁ ବେଙ୍ଗାଲୁରୁରେ ଡେଲିଭରି ବୟ ଭାବେ କାମ କରୁଥିବାବେଳେ ସେ ଏହି ହତ୍ୟା ପାଇଁ ବାଇକ୍ ଚଳାଇଥିଲେ। ଅନ୍ୟ ଅଭିଯୁକ୍ତ କୁରୁପତି ଭୂୟାଁ ପୀତାବାସଙ୍କ ଉପରେ ଗୁଳି ଚଳାଇଥିବା ଅଭିଯୋଗ ରହିଛି। ଚିଣ୍ଟୁଙ୍କୁ ଉମା ବିଷୋୟୀ ୩ ଲକ୍ଷ ଟଙ୍କାରେ ନିୟୋଜିତ କରିଥିଲେ। କୁରୁପତି ଓ ଉମା ଏବେ ମଧ୍ୟ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ପୋଲିସ କହିଛି।

# ଭିଜିଲାନ୍ସ ଜାଲରେ ସ୍ୱତନ୍ତ୍ର କୋଷାଗାର ପିଅନ

ଜୟପୁର, ୨୫।୧୦ (ପବନ ପାଣିଗ୍ରାହୀ)

**ପେନ୍‌ସନ ଟଙ୍କା କରାଇଦେବାକୁ କହି ନେଉଥିଲେ ଲାଞ୍ଚ**


ହରିଶ୍ଚନ୍ଦ୍ର ମହାପାତ୍ର

ଏରିଅର ଓ ପେନ୍‌ସନ ଟଙ୍କା କରାଇଦେବାକୁ କହି ସ୍ୱତନ୍ତ୍ର କୋଷାଗାରର ପିଅନ ହରିଶ୍ଚନ୍ଦ୍ର ମହାପାତ୍ର ଲାଞ୍ଚ ନେଉଥିବା ବେଳେ କୋରାପୁଟ ଜିଲା ଜୟପୁର ଭିଜିଲାନ୍ସ ଟିମ୍ ଶନିବାର ଚଢ଼ାଉ କରିଛି। ହରିଶ୍ଚନ୍ଦ୍ର ଜଣେ ବ୍ୟକ୍ତିଙ୍କଠାରୁ ୪୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ସୂଚନାନୁଯାୟୀ, ଭରତ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଶ୍ୱଶୁର ରାଜେନ୍ଦ୍ର ଖରାଙ୍କ ମୃତ୍ୟୁ ପରେ ଶାଶୁ ପ୍ରେମନଳିନୀ ଖରା ଜୟପୁର ସେଟଲମେଣ୍ଟ ଅଫିସରେ ପିଅନ ଭାବେ କାର୍ଯ୍ୟରତ ଅଛନ୍ତି। ଭରତ ଶ୍ୱଶୁରଙ୍କ ଏରିଅର ଓ ପେନ୍‌ସନ ଟଙ୍କା କରାଇଦେବାକୁ ହରିଶ୍ଚନ୍ଦ୍ରଙ୍କୁ କହିଥିଲେ। ଏଥିରେ ହରିଶ୍ଚନ୍ଦ୍ର ଯାହା ପେନ୍‌ସନ ଓ ଏରିଅର ଟଙ୍କା ହେବ ଏହାର ଅଧା ଲାଞ୍ଚ ଦେବାକୁ ଭରତଙ୍କୁ ଦାବି କରିଥିଲେ। ଭରତ ଏଥିରେ ରାଜି ହୋଇ ୪ ଦିନ ତଳେ ହରିଶ୍ଚନ୍ଦ୍ରଙ୍କୁ ୪୦ ହଜାର ଟଙ୍କା ଦେଇଥିଲେ। ଏହାପରେ ସେ ଜୟପୁର ଭିଜିଲାନ୍ସ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଶନିବାର ଭରତ ଆଉ ୪୭ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉକରି ହରିଶ୍ଚନ୍ଦ୍ରଙ୍କୁ କାବୁ କରିଥିଲା। ଚଢ଼ାଉରେ ଭିଜିଲାନ୍ସ ବିଭାଗର ୭ ଜଣିଆ ଟିମ୍ ସାମିଲ ହୋଇଥିଲେ। ଜୟପୁର ଏଲ୍‌ଆଇସି କଲୋନିର ସରକାରୀ ଜାଗାରେ ଥିବା ହରିଶ୍ଚନ୍ଦ୍ରଙ୍କ ୨ ମହଲା କୋଠାରେ ଯାଞ୍ଚ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ତ୍ରୀ'ଙ୍କୁ ହତ୍ୟା ଉଦ୍ୟମ କରି ଜେଲ ଗଲେ ପ୍ରାଣୀଧନ ନିରୀକ୍ଷକ

ଦିଗପହଣ୍ଡି, ୨୫।୧୦ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ପ୍ରାଣୀଧନ ନିରୀକ୍ଷକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଥାନା ଅନ୍ତର୍ଗତ ବଡପଲ୍ଲୀ ଗ୍ରାମର ଶୁଭକାନ୍ତ ରାଉତ। ଶୁଭକାନ୍ତ ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମ ପ୍ରାଣୀଧନ ନୀରିକ୍ଷକ ଭାବେ କାର୍ଯ୍ୟ କରନ୍ତି। ସେ ସେଠାରେ ଏକ ଭଡ଼ାଘରେ ରହୁଥିଲେ। ୨୦୧୯ରେ ବାହାଘର ପରେ ବିଭିନ୍ନ ସମୟରେ ଶୁଭକାନ୍ତ ତାଙ୍କ ସ୍ତ୍ରୀଙ୍କୁ ମାରପିଟ୍ କରୁଥିବା ନେଇ ପୂର୍ବରୁ କେନ୍ଦ୍ରାପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ମକଦ୍ଦମା ରୁଜୁ ହେବା ପରେ ଶୁଭକାନ୍ତ ସେଠାକାର କୋର୍ଟରେ ଆଗାମୀ ଦିନରେ ସ୍ତ୍ରୀଙ୍କୁ ମାରପିଟ୍ କରିବେ ନାହିଁ ବୋଲି ସତ୍ୟପାଠ ଦାଖଲ କରି ଜାମିନରେ ମୁକୁଳିଥିଲେ। ପରେ ମଧ୍ୟ ସେ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଜାରି ରଖିଥିଲେ। ଶୁଭକାନ୍ତ ଓ ସ୍ତ୍ରୀ କିଛିଦିନ ଭଲରେ ରହିବା ପରେ ୨୦୨୦ରୁ ପୁଣିଥରେ ସେମାନଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଶୁକ୍ରବାର ଗୋକର୍ଣ୍ଣପୁର ଭଡ଼ାଘରେ ଶୁଭକାନ୍ତ ପୁଣି ସ୍ତ୍ରୀଙ୍କୁ ନିସ୍ତୁକ ମାଡ଼ ମାରି ହତ୍ୟା ଉଦ୍ୟମ କରିଥିଲେ। ଏନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ ହୋଇଥିଲା।ଏହାକୁ ଭିତ୍ତିକରି ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ନଂ. ୩୮୧/୨୫ରେ ମାମଲା ରୁଜୁ କରିଥିଲେ। ଏହାକୁ ଭିତ୍ତିକରି ଶନିବାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି।

# ୭୫ ଗ୍ରାମ୍ ହେରୋଇନ ଜବତ, ଜଣେ ଗିରଫ

ପାରାଦୀପ, ୨୫।୧୦ (ଶରତ ରାଉତ)



ଜଗତ୍‌ସିଂହପୁର ଜିଲା ଅବକାରୀ ବିଭାଗ ପକ୍ଷରୁ ଶନିବାର ପାରାଦୀପଗଡ଼ ଅଞ୍ଚଳରେ ଚଢ଼ାଉ କରାଯାଇ ବ୍ରାଉନ୍‌ସୁଗାର ଓ ହେରୋଇନ୍ କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ସରୋଜ କୁମାର ମଲ୍ଲିକ। ସେ ଯାଜପୁର ଜିଲାର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ଗତ କିଛି ମାସ ହେବ ପାରାଦୀପଗଡରେ ରହି ହେରୋଇନ ବ୍ୟବସାୟ କରୁଥିବା ଜଣାପଡ଼ିଛି। ତାଙ୍କ ପାଖରୁ ୭୫ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ଏହାର ଆନୁମାନିକ ବଜାରମୂଲ୍ୟ ପ୍ରାୟ ୭୫୦୦୦ ଟଙ୍କା ହେବ ବୋଲି ପୋଲିସ କହିଛି। ଅବକାରୀ କମିଶନର ଓ ଜିଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନଙ୍କ ନେତୃତ୍ୱରେ ଇନ୍ସପେକ୍ଟର ପ୍ରସାନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ ହୋଇଥିଲା।

## Business

# ୩ ଦିନରେ ହେବ ଜିଏସ୍‌ଟି ପଞ୍ଜୀକରଣ

ଭୁବନେଶ୍ୱର, ୨୫।୧୦




କେନ୍ଦ୍ର ସରକାର ନଭେମ୍ବର ପହିଲାରୁ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ପାଇଁ ଏକ ନୂଆ ଓ ସରଳ ପଞ୍ଜୀକରଣ ପ୍ରଣାଳୀ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ, ନୂଆ ଆବେଦନକାରୀମାନଙ୍କୁ କେବଳ ୩ କାର୍ଯ୍ୟ ଦିବସ ଭିତରେ ଅନୁମତି ମିଳିଯିବ। ସରକାରଙ୍କ ଦ୍ୱାରା ଅଣାଯାଇଥିବା ଜିଏସ୍‌ଟି ସଂସ୍କାର ଅଧୀନରେ ଜିଏସ୍‌ଟି ପରିଷଦ ଏହାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ନୂଆ ବ୍ୟବସ୍ଥା ଫଳରେ ପଞ୍ଜୀକରଣ ପ୍ରକ୍ରିୟା ପୂର୍ବାପେକ୍ଷା ସରଳ ହେବ । ନୂଆ ନିୟମ ଅନୁଯାୟୀ,୨ ପ୍ରକାର ଆବେଦନକାରୀମାନଙ୍କୁ ସ୍ୱୟଂଚାଳିତ ଭାବେ ପଞ୍ଜୀକରଣ ମିଳିପାରିବ। ପ୍ରଥମେ ସିଷ୍ଟମ ଦ୍ୱାରା ଡାଟା ଓ ରିସ୍କ ବିଶ୍ଳେଷଣ ଆଧାରରେ ଚୟନ ହୋଇଥିବା ବ୍ୟକ୍ତିମାନେ ଏବଂ ଦ୍ୱିତୀୟରେ, ଯେଉଁମାନଙ୍କର ମାସିକ କର ଦେୟ (ଆଉଟପୁଟ ଟ୍ୟାକ୍ସ) ୨.୫ ଲକ୍ଷ ଟଙ୍କାରୁ କମ୍ ରହୁଛି ସେମାନେ ଏହି ସେବା ପାଇପାରିବେ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅନୁଯାୟୀ, ଏହି ନୂଆ ପ୍ରକ୍ରିୟା ଫଳରେ ପ୍ରାୟ ୯୬ ପ୍ରତିଶତ ନୂଆ ଆବେଦନକାରୀଙ୍କୁ ସିଧାସଳଖ ଲାଭ ମିଳିବ। ଗାଜିଆବାଦରେ ନୂଆ ସିଜିଏସ୍‌ଟି ଭବନର ଉଦ୍‌ଘାଟନ କରିବା ପରେ ଅର୍ଥମନ୍ତ୍ରୀ କହିଛନ୍ତି, ସରକାର ବର୍ତ୍ତମାନ ନୀତି ନିର୍ମାଣ ପରିବର୍ତ୍ତେ ସ୍ଥାନୀୟ ସ୍ତରରେ ନୀତିଗୁଡ଼ିକର ଠିକ୍ କାର୍ଯ୍ୟାନ୍ୱୟନ ଉପରେ ଧ୍ୟାନ ଦେଉଛନ୍ତି। ସେ ରାଜ୍ୟ ଓ କେନ୍ଦ୍ରୀୟ ଜିଏସ୍‌ଟି ୟୁନିଟ୍‌ଗୁଡ଼ିକୁ ଅନୁରୋଧ କରିଛନ୍ତି, କୌଣସି ଦ୍ୱନ୍ଦ୍ୱରେ ନ ପଡ଼ି ନୂଆ ନୀତିଗୁଡ଼ିକ ଅନୁଯାୟୀ କାର୍ଯ୍ୟ କରନ୍ତୁ ଏବଂ ନୂଆ ନିୟମଗୁଡ଼ିକୁ ଲାଗୁ କରନ୍ତୁ। ସେହିପରି ପ୍ରଶାସନ କରଦାତାଙ୍କ ପ୍ରତି ସମ୍ମାନଭାବ ରଖିବା ଉଚିତ ଏବଂ କର ଚୋରି ବିରୋଧରେ କଡ଼ା ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି। ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି, ଆୟକର ରିଟର୍ନ ଭରିବା ପ୍ରକ୍ରିୟାକୁ ମଧ୍ୟ ସରଳ କରାଯାଇଛି। ଏଥିପାଇଁ ସ୍ୱୟଂଚାଳିତ ରିଫଣ୍ଡ ଓ ରିସ୍କ-ଆଧାରିତ ଅଡିଟ ସିଷ୍ଟମ ଆରମ୍ଭ କରାଯାଇଛି। ଦେଶବ୍ୟାପୀ ଜିଏସ୍‌ଟି ସେବା କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ ରହିବା ଉପରେ ମଧ୍ୟ ସେ ଜୋର୍ ଦେଇଛନ୍ତି, ଯାହା ଦ୍ୱାରା ସାଧାରଣ ନାଗରିକଙ୍କୁ ଜିଏସ୍‌ଟି ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସହଜରେ ସମାଧାନ ମିଳିପାରିବ। ପ୍ରତ୍ୟେକ ଜିଏସ୍‌ଟି କେନ୍ଦ୍ରରେ କରଦାତାଙ୍କ ସହାୟତା ପାଇଁ ହେଲ୍ପଡେସ୍କ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଟିମ୍‌କୁ ହାଇଟେକ୍‌ର ସହାୟତା




ଭୁବନେଶ୍ୱର, ୨୫।୧୦ (ଅନୁରାଧା ମହାରଣା)

ନଭେମ୍ବର ୩ରେ ନୂଆଦିଲ୍ଲୀଠାରେ ହେବାକୁ ଥିବା ଆଇଡିସିଏ ଜାତୀୟ ଟି-୨୦ କ୍ରିକେଟ ମ୍ୟାଚ୍ ପାଇଁ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳର ଖେଳାଳିମାନେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଖେଳପଡ଼ିଆଠାରେ ପ୍ରଶିକ୍ଷଣ ନେଉଛନ୍ତି। ଦୀର୍ଘ ୮ ଦିନ ଧରି ହେବାକୁ ଥିବା ଏହି ଖେଳ ପ୍ରଶିକ୍ଷଣ ଶିବିରକୁ ମୁଖ୍ୟ ଅତିଥି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଉଦ୍‌ଘାଟନ କରିଥିବାବେଳେ ଆଗାମୀ ଟି-୨୦ କ୍ରିକେଟ ମ୍ୟାଚ୍ ପାଇଁ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଏମାନେ ଅକ୍ଷମ ନୁହନ୍ତି,ସମାଜର ସବୁଠାରୁ ସର୍ବୋତ୍ତମ ସକ୍ଷମ ହୋଇ ଦେଶ, ଜାତି ଓ ରାଷ୍ଟ୍ରକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଛନ୍ତି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ. ରବୀନ୍ଦ୍ରନାଥ ବେହେରା, ଡିନ୍ ଓ ନିର୍ଦ୍ଦେଶକ ଏକାଡେମୀ ପ୍ରଫେସର ଡ. ରାଧାମାଧବ ତ୍ରିପାଠୀ, ଫିଜିଓଥେରାପି କଲେଜ ପ୍ରିନ୍ସିପାଲ୍ ପ୍ରଫେସର ଡ. ଦୀପକ ସାମନ୍ତରାୟ, ଫାର୍ମାସୀ କଲେଜ ପ୍ରିନ୍ସିପାଲ ପ୍ରଫେସର୍ ଡ. ପ୍ରସନ୍ନ କୁମାର କର, +୨ ବିଜ୍ଞାନ ମହାବିଦ୍ୟାଳୟ ପ୍ରିନ୍ସିପାଲ ପ୍ରଫେସର୍ ଡ. ଚିତ୍ତରଞ୍ଜନ ସାହୁ, ହାଇଟେକ୍ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ୍ ରୀତା ତ୍ରିପାଠୀ, ଖେଳ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଲଳିତ କୁମାର ମହାନ୍ତି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦୀର୍ଘ ୮ବର୍ଷ ଧରି ହାଇଟେକ୍ ତରଫରୁ ଖେଳାଳିମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଆସୁଥିବାରୁ ଓଡ଼ିଶା ଡେଫ୍ କ୍ରିକେଟ ଆସୋସିଏସନ୍‌ର ଭାଇସ୍-ଚେୟାରମ୍ୟାନ୍ କମାଣ୍ଡର ଡି.କେ. ମିଶ୍ର, ସିଇଓ ଡ. ଶର୍ମିଳା ଶୁବ୍ରମନ୍ୟମ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ପାଣିଗ୍ରାହୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଉଦ୍‌ଘାଟନ ଉତ୍ସବକୁ ହାଇଟେକ୍ ଗ୍ରୁପ୍‌ର କ୍ରୀଡା ଅଧିକାରୀ ସୁରେଶ କୁମାର ନାୟକ, କ୍ରୀଡା ପ୍ରଶିକ୍ଷକ ମେଘବର୍ଣ୍ଣ ସ୍ୱାଇଁ, ପ୍ରଦୀପ ମିଶ୍ର ପରିଚାଳନା କରିଥିବାବେଳେ ଓଡ଼ିଆ ଅଧ୍ୟାପକ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଜିନ୍ଦଲ ଷ୍ଟିଲ୍‌କୁ ରୋଟାରି ଇଣ୍ଡିଆ ନ୍ୟାଶନାଲ ସିଏସ୍‌ଆର୍ ଆୱାର୍ଡ


ଶାଲୁ ଜିନ୍ଦଲ

ଭୁବନେଶ୍ୱର, ୨୫।୧୦

ଗ୍ରାମାଞ୍ଚଳ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ, ଜିନ୍ଦଲ ଷ୍ଟିଲ୍‌କୁ ଜଳ, ପରିମଳ ଏବଂ ସ୍ୱଚ୍ଛତା ମେଗା ବର୍ଗରେ ରୋଟାରି ଇଣ୍ଡିଆ ନ୍ୟାଶନାଲ ସିଏସ୍‌ଆର୍ ଆୱାର୍ଡ (ପୂର୍ବାଞ୍ଚଳ) ୨୦୨୫ ପ୍ରଦାନ କରାଯାଇଛି । କୋଲକାତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ, ଜିନ୍ଦଲ ଷ୍ଟିଲର ସଭାପତି ଏବଂ ଗ୍ରୁପ୍ ହେଡ୍ ମୁଖ୍ୟ (ସିଏସ୍‌ଆର୍ ଏବଂ ଏଜୁକେଶନ) ପ୍ରଶାନ୍ତ ହୋତା, ରୋଟାରି ଇଣ୍ଟରନ୍ୟାଶନାଲର ଡାଇରେକ୍ଟର ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ରୋଟେରିଆନ କେ.ପି. ନାଗେଶଙ୍କ ନିକଟରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମଭୂଷଣ ଉଷା ଉଥୁପ, ପ୍ରସିଦ୍ଧ ଅଭିନେତ୍ରୀ ଋତୁପର୍ଣ୍ଣା ସେନ୍‌ଗୁପ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଲକ୍ଷ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ସେମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟକର ପରିବେଶ ସୁନିଶ୍ଚିତ କରିବା ପାଇଁ ଜିନ୍ଦଲ ଷ୍ଟିଲ ପକ୍ଷରୁ ଏହାର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ଜରିଆରେ ରୂପାନ୍ତରକାରୀ କାର୍ଯ୍ୟକୁ ଏହି ସମ୍ମାନ ସ୍ୱୀକୃତି ପ୍ରଦାନ କରିଛି। ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ କମ୍ପାନୀର ପରିମଳ ଓ ପରିଚ୍ଛନ୍ନତା ଅଭିଯାନ 'ଜଳଛାୟା ପରିଚାଳନା' ଏବଂ 'ୱାଶ୍' କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ସ୍ଥାନୀୟ ସମୁଦାୟଗୁଡ଼ିକରେ ଉଲ୍ଲେଖନୀୟ ରୂପାନ୍ତରଣ ଆଣିପାରିଛି। ଜଳ ଛାୟା ବିକାଶ କାର୍ଯ୍ୟକ୍ରମଗୁଡ଼ିକ ଗ୍ରାମ୍ୟ ଜଳଛାୟା କମିଟି ଜରିଆରେ କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରକଳ୍ପ ଅଞ୍ଚଳର ଭୂତଳଜଳ ସ୍ତର, ମାଟିର ଆର୍ଦ୍ରତା, କୃଷି ଉତ୍ପାଦିକା ଶକ୍ତି ଓ ନିରନ୍ତ ଜଳ ଉପଲବ୍ଧତାକୁ ମଧ୍ୟ ବୃଦ୍ଧି କରିଥିବା ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି। ବିଭିନ୍ନ ଜଳ ପରିଚାଳନା କାର୍ଯ୍ୟକ୍ରମ ଜରିଆରେ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ଏବଂ ଦେଶର ଅନ୍ୟ ପ୍ରାନ୍ତର ୩୪୦୦ ଗ୍ରାମର ୧୨.୫ ନିୟୁତ ଗ୍ରାମୀଣ ଓ ଆଦିବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରାଯାଇଛି। ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ସରକାରୀ ସହବନ୍ଧନରେ ୫୦୦୦ ଶୌଚାଳୟ ନିର୍ମାଣ କରାଯାଇଛି।

# ଭାରତର ବୈଦେଶିକ ଭଣ୍ଡାର ୭୦୨.୩ ବିଲିୟନ ଡଲାରକୁ ବୃଦ୍ଧି

**ଭୁବନେଶ୍ୱର,୨୫।୧୦:** ଭାରତର ବୈଦେଶିକ ଭଣ୍ଡାର ୭୦୨.୩ ବିଲିୟନ ଡଲାରକୁ ବୃଦ୍ଧି ହୋଇଛି। ଆରବିଆଇର ତଥ୍ୟ ଅନୁଯାୟୀ, ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୪.୫ ବିଲିୟନ ଡଲାର ବଢ଼ି ୭୦୨.୩ ବିଲିୟନ ଡଲାର ହୋଇଛି। ସୁନା ଭଣ୍ଡାର ୬.୨ ବିଲିୟନ ବଢ଼ି ୧୦୮.୫ ବିଲିୟନ ଡଲାରକୁ ପହଞ୍ଚିଛି। ସୁନାର ଅଂଶ ୧୪.୭%କୁ ବଢ଼ିଛି। ଫରେନ କରେନ୍ସି ଆସେଟ ୧.୭ ବିଲିୟନ କମି ୫୭୦.୪ ବିଲିୟନ ଡଲାର ହୋଇଛି। ଆଇଏମଏଫ ପୋଜିସନ ୩ କୋଟି କମି ୪.୬୨ ବିଲିୟନ ରହିଛି। ୨୦୨୪ରେ ଆରବିଆଇ ୭୫ ଟନ ସୁନା କିଣି ମୋଟ ୮୮୦ ଟନ କରିଛି। ୨୦୨୫ରେ ଜାନୁଆରୀ-ସେପ୍ଟେମ୍ବରରେ ମାତ୍ର ୪ ଟନ କିଣାଯାଇଛି।



କୋଲକାତାରେ ଅନୁଷ୍ଠିତ ରୋଟାରି ଇଣ୍ଡିଆ ନ୍ୟାଶନାଲ ସିଏସ୍‌ଆର୍ ଆୱାର୍ଡ-୨୦୨୫ କାର୍ଯ୍ୟକ୍ରମରେ ହୁଣ୍ଡାଇ ମୋଟର ଇଣ୍ଡିଆର କର୍ପୋରେଟ୍ ଆଫେୟାର୍ସ, କମ୍ୟୁନିକେଶନ ଆଣ୍ଡ୍ ସିଏସ୍‌ଆର୍‌ର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ପୁନୀତ ଆନନ୍ଦଙ୍କୁ ସମ୍ମାନିତ କରାଯାଉଛି।

# ଭାରତର ଅର୍ଥନୀତି ୬.୬% ବଢ଼ିବା ନେଇ ଆକଳନ

ଭୁବନେଶ୍ୱର, ୨୫।୧୦

ଅନ୍ତର୍ଜାତୀୟ ମୁଦ୍ରା କୋଷ (ଆଇଏମଏଫ)ର ନୂଆ ବିଶ୍ୱ ଅର୍ଥନୀତି ରିପୋର୍ଟରେ ଭାରତୀୟ ଅର୍ଥନୀତିକୁ ନେଇ ସକାରାତ୍ମକ ଅନୁମାନ କରାଯାଇଛି। ୨୦୨୫-୨୬ରେ ଭାରତର ଅର୍ଥନୀତି ୬.୬ ପ୍ରତିଶତ ବଢ଼ିବ, ଯାହା ବିଶ୍ୱର ସବୁଠାରୁ ଦ୍ରୁତ ବଢୁଥିବା ବଡ଼ ଅର୍ଥନୀତି ହେବ। ଆଇଏମଏଫ କହିଛି, ଭାରତର ପ୍ରଥମ ତ୍ରୟମାସିକର ମଜବୁତ୍ ବୃଦ୍ଧି ଆମେରିକାର ଟାରିଫ ପ୍ରଭାବକୁ ସନ୍ତୁଳନ କରିଛି। ତେଣୁ ଅନୁମାନ ୬.୩ରୁ ବଢ଼ାଇ ୬.୬ ପ୍ରତିଶତ କରାଯାଇଛି। ଚୀନ ୪.୮ ପ୍ରତିଶତ ବଢ଼ିବ ବେଳେ ଭାରତ ଆଗରେ ରହିବ। ପ୍ରଥମ ତ୍ରୟମାସିକରେ ଭାରତର ଜିଡିପି ୭.୮ ପ୍ରତିଶତ ବଢ଼ିଥିଲା। ଘରୋଇ ଖର୍ଚ୍ଚ, ଶିଳ୍ପ ଉତ୍ପାଦନ ଓ ଭିତ୍ତିଭୂମି ନିବେଶ କାରଣରୁ ଏହା ସମ୍ଭବ ହୋଇଥିଲା। ତଥାପି ୨୦୨୬ରେ ଅନୁମାନ ୬.୨ ପ୍ରତିଶତକୁ ଖସାଇଛନ୍ତି ଆଇଏମଏଫ। ଘରୋଇ ଚାହିଦା ମଜବୁତ୍ ରହିବ ବୋଲି କୁହାଯାଇଛି। ବିଶ୍ୱ ଅର୍ଥନୀତି ୨୦୨୫ରେ ୩.୨ ଓ ୨୦୨୬ରେ ୩.୧ ପ୍ରତିଶତ ବଢ଼ିବ। ଦରବୃଦ୍ଧିଧୀରେ କମିବ, ମାତ୍ର ଦେଶଭେଦରେ ଭିନ୍ନତା ରହିବ। ବିକଶିତ ଦେଶ ୧.୬ ଓ ବିକାଶୋନ୍ମୁଖୀ ଦେଶ ୪.୨ ପ୍ରତିଶତ ବଢ଼ିବେ। ଭାରତ ସବୁଠାରୁ ଆଗରେ ରହିବ। ଆମେରିକା ୧.୯, ବ୍ରାଜିଲ ୨.୪, କାନାଡ଼ା ୧.୨ ଓ ଜାପାନ ୧.୧ ପ୍ରତିଶତ ବଢ଼ିବ। ସ୍ପେନ ୨.୯ ପ୍ରତିଶତ ସହ ବିକଶିତ ଦେଶମାନଙ୍କରେ ଆଗରେ ରହିବ ବୋଲି ଆକଳନ କରାଯାଇଛି।

# ଜେଜେମା'ଙ୍କ ଦଶାହ କ୍ରିୟା ବେଳେ ନଦୀରେ ବୁଡ଼ି ନାତିଙ୍କ ମୃତ୍ୟୁ

ଧାମନଗର,୨୫।୧୦(ଦେବେନ୍ଦ୍ର ଆଗ୍ନିଆ/ସନ୍ତୋଷ କୁମାର ମହାପାତ୍ର) ଜେଜେମା'ଙ୍କ ଦଶାହ କ୍ରିୟା ବେଳେ ନଦୀରେ ବୁଡ଼ି ଚାଲିଗଲା ନାତିଙ୍କ ଜୀବନ। ଶନିବାର ପୂର୍ବାହ୍ଣରେ ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତର ଇଛଡ଼ା ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଗ୍ରାମର ଅଞ୍ଜନ ପାଣିଙ୍କ ପୁଅ ପ୍ରକାଶ(୨୧)। ସୂଚନା ଅନୁଯାୟୀ, ପ୍ରକାଶ ତାଙ୍କ ଜେଜେମା'ଙ୍କ ଦଶାହ କ୍ରିୟା ପାଇଁ ନିକଟସ୍ଥ ରେବ ନଦୀକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଓ ଅଗ୍ନିଶମ ବାହିନୀ ବହୁ ସମୟ ଖୋଜାଖୋଜି କରି ତାଙ୍କୁ ନଦୀରୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ସରକାରୀ କଳର ଅପବ୍ୟବହାର: ସିଇଓଙ୍କୁ କଂଗ୍ରେସର ଫେରାଦ

ଭୁବନେଶ୍ୱର,୨୫।୧୦(ରବିନାରାୟଣ ଜେନା) ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ନୂଆପଡ଼ା ବିଧାନସଭା ଉପନିର୍ବାଚନ ସମୟରେ ସରକାରୀ କଳର ଅପବ୍ୟବହାର ନେଇ ଶନିବାର ପିସିସି ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ଏହି ଅବସରରେ ପିସିସି ମୁଖପାତ୍ର ସୋନାଲି ସାହୁ ଅଭିଯୋଗ କରିଛନ୍ତି ଯେ, ଉପମୁଖ୍ୟମନ୍ତ୍ରୀ ନୂଆପଡ଼ା ଉପନିର୍ବାଚନ ସମୟରେ ଏକ ରାଜନୈତିକ ଗସ୍ତ କରୁଥିବାବେଳେ ଏହାକୁ ସରକାରୀ ଅଧିକାରୀମାନେ ପ୍ରଚାର କରୁଛନ୍ତି। ଏଥିରେ ହସ୍ତକ୍ଷେପ ଲାଗି ସିଇଓଙ୍କୁ ସୋନାଲି ଦାବି କରିଛନ୍ତି। ପ୍ରତିନିଧି ଦଳରେ ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

## DIRECTOR OF AGRICULTURE AND FOOD PRODUCTION, ODISHA

No.36178/ Dated:18.10.2025

### CORRIGENDUM NOTICE

**with reference to the RFP No 33719, dt.23.09.2025 for "Selection of Agency for Operationalization of identified Static Soil Testing Laboratories" under the Administrative Control of Director of Agriculture and Food Production, Odisha**

No.L-89: The details of information relating to the Corrigendum with reference to the RFP No.33719, dt.23.09.2025 can be downloaded from tendersodisha.gov.in from dt.18.10.2025. Other terms and conditions as mentioned in the RFP document remains unchanged.

Sd./- Director of Agriculture and Food Production, Odisha

OIPR-01034/11/0010/2526

## OFFICE OF THE EXECUTIVE ENGINEER RURAL WORKS DIVISION, PADAMPUR

**1st Corrigendum to Tender Call Notice No.Online 09 of 2025-26**

No.O-1120: A. Due to some unavoidable circumstances the critical dates have been changed as given below.

| Sl. No. | Schedule of dates | As per Tender Call Notice | As per 1st Corrigendum |
|---|---|---|---|
| 1 | 2 | 3 | 4 |
| 1. | Date & Time of availability of bid document in the portal | 27.09.2025 at 10.00 A.M. | **28.10.2025 at 10.00 A.M.** |
| 2. | Last date & Time for receipt of bids in the portal | 06.10.2025 upto 05.00 P.M. | **06.11.2025 upto 05.00 P.M.** |
| 3. | Last date of seeking clarification | 04.10.2025 upto 05.00 P.M. | **04.11.2025 upto 01.00 P.M.** |
| 4. | Date & Time of bid opening | 08.10.2025 at 11.00 A.M. | **07.11.2025 at 11.00 A.M.** |

All other terms and conditions remains unchanged.

Sd./- Executive Engineer, Rural Works Division, Padampur

OIPR-25069/11/0038/2526

## ZILLA SWASTHYA SAMITI, BARGARH

Dept. of Health & Family Welfare, Govt. of Odisha
District Head Quarter Hospital, Bargarh - 768028
Phone/Fax: 06646-231763

Advt. No. 81/CDM&PHO, BARGARH/2025-26 Date: 23.10.2025

### TENDER CALL NOTICE

No. E-462: Sealed bids are invited from NABL Accredited Lab Quality Testing of Linen & Water (Used especially in Dialysis Centres) Samples at Public Health Institutions. Details regarding eligibility criteria, terms & conditions and the formats for submission of bid (Technical & Price Bid) are mentioned in the bid document which may be downloaded from the website: **www.odisha.bargarh.gov.in**. Interested agencies has to submit their tenders in a sealed envelope super scribing on the top fo the sealed envelope as **"Tender for selection of NABL Accredited Lab for Quality Testing of Linen & Water Samples"**. The bids should reach to the office of the undersigned by Dt.17.11.2025 till 5 P.M. through Speed Post/Regd. Post/Courier only and will be opened on Dt.18.11.2025 at 12.00 Noon. The undersigned reserves the right to reject any or all the tenders without assigning any reason thereof. The authority is not responsible for any postal delay.

Sd./- Chief District Medical & Public Health Officer, Bargarh

OIPR-10124/11/0026/2526

## NOTICE INVITING TENDER

### OFFICE OF CHIEF CSO/ CSO-CUM-DISTRICT MANAGER ODISHA STATE CIVIL SUPPLIES CORPORATION LTD. DISTRICT: PURI

No.CAD-2097: Online tenders are invited from eligible bidders for selection and appointment of transport contractors for transporation of (i) Paddy from Paddy Purchase Centers (PPCs) / Mandis to Rice Mill points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centers (RRCs) / Depots (within or outside district).

| | | |
|---|---|---|
| 1 | Availability of tender documents | From Date 24.10.2025 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, Time and Venue for pre-bid confernece | Date-06.11.2025, Time-04.00 P.M., Venue-Office Chamber of Chief C.S.O-cum-D.M.O.S.C.S.C. Ltd., Puri. At-Baligodown, Near Govt. Women's College, Puri |
| 3 | Last date and time for online submission of complete Tender documents with enclosures | Through e-Procurement Portal: www.tendersodisha.gov.in Date-07.12.2025, Upto 06.00 P.M. |
| 4 | Date, time and venue for opening of Technical Bid by the Tender Committee | On dt.09.12.2025 At-11.30 AM, At Collectorate, Puri |
| 5 | Date, Time and venue of submission of original documents in support of scanned Copies uploaded in the portal for verification | On dt.09.12.2025 At-11.30 A.M. Onwards, At Collectorate, Puri |

Sd./- Chief C.S.O-cum-District Manager, O.S.C.S.C. Ltd., Puri

OIPR-07009/11/0003/2526

## ODISHA PUBLIC SERVICE COMMISSION

19, DR. P. K. PARIJA ROAD, CUTTACK-753001

### NOTICE

No. 7412/PSC, Dt. 23.10.2025
(DR-IV)(2PA-01-2025-26)

**Recruitment to the post of Assistant Section Officer in the Office of the Advocate General, Odisha, Cuttack (Advertisement No. 02 of 2025-26)**

**No.D-247** : It is for information of all concerned that, the Written Examination for recruitment to the post of **Assistant Section Officer in the Office of the Advocate General, Odisha, Cuttack,** pursuant to Advertisement No. 02 of 2025-26 will be conducted on **09.11.2025 (Sunday)** as per the programme detailed below.

| Date | Time | Paper / Subject | Subject Code to be filled up in the OMR Answer Sheet |
|---|---|---|---|
| 09.11.2025 (Sunday) | 1st sitting 09.00 A.M. to 10.30 A.M. | Paper-I General Awareness | 01 |
| | 2nd sitting 11.30 A.M. to 01.00 P.M. | Paper-II (a) Test of Reasoning & Mental ability (b) Mathematics | 02 |
| | 3rd sitting 02.30 P.M. to 04.30 P.M. | Paper-III Language (a) English (b) Odia | 03 |

N.B - The PwD candidates will be given 20 minutes extra per hour in each sitting (i.e. 09.00 A.M. to 11.00 A.M. in 1st sitting, 11.30 A.M. to 01.30 P.M. in 2nd sitting & 02.30 P.M. to 05.10 P.M. in 3rd sitting).

The admitted candidates are required to download their **"Admission Certificates" and "Instructions to candidates"** from the Website of the Commission at www.opsc.gov.in from **03.11.2025 onwards.**

OIPR-12002/11/0331/2526 Sd./- Secretary

## GOVERNMENT OF ODISHA DEPARTMENT OF WATER RESOURCES

### OFFICE OF THE SUPERINTENDING ENGINEER, MAHANADI BARRAGE DIVISION, GANDARPUR, CUTTACK - 753003

e-Mail: eembarragedivnctc@gmail.com

File No. MBD Estr./01/129/6329 Dt.23.10.25

### (Extension of Lottery Date)

No. A-772: This is regarding to all the concerned bidders to the 'e' Procurement Notice No. 13/2025-26 and bid Identification No. MBD 55, 56 and 59 to 61/2025-26 (5 Nos.) for the period from 26.09.2025 to 10.10.2025. The lottery date which was to be held on Dt.24.10.2025 is hereby cancelled due to unavoidable circumstances, so now the lottery date will be postponed to the Dt.31.10.2025.

OIPR-32477/11/0030/2526 Sd./- Superintending Engineer, Mahanadi Barrage Division, Cuttack

No.CAD-2096

## NOTICE INVITING TENDER

### Office of District Manager Odisha State Civil Supplies Corporation Ltd. (OSCSC) Gajapati District

**Kasinagar BLOCK**

**TENDER No. 3161 Dated : 23.10.2025**

**Cost of Tender Document :- Rs.1000/-- Inclusive of GST. For each cluster (through online mode). Online Tenders are invited from eligible bidders for selection and appointment of Transport contractor for Transportation of (i) Paddy from Paddy purchase centers (PPCs) / Mandis to Rice Mill points(within or outside district) & (ii) Custom milled rice (CMR) from rice mill points to Rice receiving centers (RRCs) /Depots (within or outside district).**

| | | |
|---|---|---|
| 1 | Availability of tender documents | From Date **25.10.2025**. Downloadable from website: www.oscsc.in, www.foododisha.in & tenderodisha.gov.in |
| 2 | Date, time and venue for pre-bid conference. | On dt **27.10.2025** At Office of District Manager, OSCSC Ltd., Gajapati,Collector Building, Parlakhemundi |
| 3 | Last date and time for online submission of completed Tender Documents with enclosures | Through e-procurement portal: www.tenderodisha.gov.in **Up to 5.00 PM of dt. 04.12.2025.** |
| 4 | Date, time and venue for opening of Technical Bid by the Tender Committee | On dt **05.12.2025 at 11.30 AM** Place: At Office of District Manager, OSCSC Ltd., Gajapati , Collector Building, Parlakhemundi |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt **06.12.2025 at 11.30 AM** Place : At Office of District Manager, OSCSC Ltd., Gajapati, Collector Building , Parlakhemundi |
| 6 | Date and time of financial Bid opening by the tender committee (only of technically qualified Bidders) | **To be announced after technical bid evaluation** |
| 7 | Language of the tender | **The tender should be prepared by the bidder in English language only** |
| 8 | Help desk telephone No. | **District Manager, OSCSC Ltd., Gajapati - 9438200040 Asst. Manager, Accounts :-9437202126** |

1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender committee reserves the right to cancel any / all of the tenders of any time without assigning any reason thereof.
3. Further details can be obtained in the website www. tenderodisha gov.in
4. The bidder must deposit tender document fee and EMD, at the time of submission of tender through online payment gateway service.
5. Any amendment / cancellation / re-tender / corrigendum please refer to the website tenderodisha.gov.in & www .foododisha.in

Sd./- CSO cum Dist. Manager, OSCSC Ltd., Gajapati

## NOTICE INVITING TENDER

### Office of District Manager Odisha State Civil Supplies Corporation Ltd. (OSCSC) Gajapati District

**GOSANI BLOCK**

**TENDER No. 3162 Dated : 23.10.2025**

**Cost of Tender Document :- Rs.1000/-- Inclusive of GST. For each cluster (through online mode). Online Tenders are invited from eligible bidders for selection and appointment of Transport contractor for Transportation of (i) Paddy from Paddy purchase centers PPCs) / Mandis to Rice Mill points(within or outside district) & (ii) Custom milled rice (CMR) from rice mill points to Rice receiving centers (RRCs) /Depots (within or outside district).**

| | | |
|---|---|---|
| 1 | Availability of tender documents | From Date **25.10.2025**. Downloadable from website: www.oscsc.in, www.foododisha.in & tenderodisha.gov.in |
| 2 | Date, time and venue for pre-bid conference. | On dt **27.10.2025** At Office of District Manager, OSCSC Ltd., Gajapati,Collector Building, Parlakhemundi |
| 3 | Last date and time for online submission of completed Tender Documents with enclosures | Through e-procurement portal: www.tenderodisha.gov.in **Up to 5.00 PM of dt. 04.12.2025.** |
| 4 | Date, time and venue for opening of Technical Bid by the Tender Committee | On dt **05.12.2025 at 11.30 AM** Place: At Office of District Manager, OSCSC Ltd., Gajapati , Collector Building, Parlakhemundi |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt **06.12.2025 at 11.30 AM** Place : At Office of District Manager, OSCSC Ltd., Gajapati, Collector Building , Parlakhemundi |
| 6 | Date and time of financial Bid opening by the tender committee (only of technically qualified Bidders) | **To be announced after technical bid evaluation** |
| 7 | Language of the tender | **The tender should be prepared by the bidder in English language only** |
| 8 | Help desk telephone No. | **District Manager, OSCSC Ltd., Gajapati - 9438200040 Asst. Manager, Accounts :- 9437202126** |

1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender committee reserves the right to cancel any / all of the tenders of any time without assigning any reason thereof.
3. Further details can be obtained in the website www. tenderodisha gov.in
4. The bidder must deposit tender document fee and EMD, at the time of submission of tender through online payment gateway service.
5. Any amendment / cancellation / re-tender / corrigendum please refer to the website tenderodisha.gov.in & www .foododisha.in

Sd./- CSO cum Dist. Manager, OSCSC Ltd., Gajapati

## NOTICE INVITING TENDER

### Office Of District Manager Odisha State Civil Supplies Corporation Ltd. (OSCSC) Gajapati District

**Gumma BLOCK**

**TENDER No 3163 Dated : 23.10.2025**

**Cost of Tender Document :- Rs.1000/-- Inclusive of GST. For each cluster (through online mode). Online Tenders are invited from eligible bidders for selection and appointment of Transport contractor for Transportation of (i) Paddy from Paddy purchase centers (PPCs) / Mandis to Rice Mill points(within or outside district) & (ii) Custom milled rice (CMR) from rice mill points to Rice receiving centers (RRCs) /Depots (within or outside district).**

| | | |
|---|---|---|
| 1 | Availability of tender documents | From Date **25.10.2025**. Downloadable from website: www.oscsc.in, www.foododisha.in & tenderodisha.gov.in |
| 2 | Date, time and venue for pre-bid conference. | On dt **27.10.2025** At Office of District Manager, OSCSC Ltd., Gajapati,Collector Building, Parlakhemundi |
| 3 | Last date and time for online submission of completed Tender Documents with enclosures | Through e-procurement portal: www.tenderodisha.gov.in **Up to 5.00 PM of dt. 04.12.2025.** |
| 4 | Date, time and venue for opening of Technical Bid by the Tender Committee | On dt **05.12.2025 at 11.30 AM** Place: At Office of District Manager, OSCSC Ltd., Gajapati , Collector Building, Parlakhemundi |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt **06.12.2025 at 11.30 AM** Place : At Office of District Manager, OSCSC Ltd., Gajapati, Collector Building , Parlakhemundi |
| 6 | Date and time of financial Bid opening by the tender committee (only of technically qualified Bidders) | **To be announced after technical bid evaluation** |
| 7 | Language of the tender | **The tender should be prepared by the bidder in English language only** |
| 8 | Help desk telephone No. | **District Manager, OSCSC Ltd., Gajapati - 9438200040 Asst. Manager, Accounts :- 9437202126** |

1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender committee reserves the right to cancel any / all of the tenders of any time without assigning any reason thereof.
3. Further details can be obtained in the website www. tenderodisha gov.in
4. The bidder must deposit tender document fee and EMD, at the time of submission of tender through online payment gateway service.
5. Any amendment / cancellation / re-tender / corrigendum please refer to the website tenderodisha.gov.in & www .foododisha.in

Sd./- CSO cum Dist. Manager, OSCSC Ltd., Gajapati

## NOTICE INVITING TENDER

### Office of District Manager Odisha State Civil Supplies Corporation Ltd. (OSCSC) Gajapati District

**Rayagada BLOCK**

**TENDER No 3164 Dated : 23.10.2025**

**Cost of Tender Document :- Rs.1000/-- Inclusive of GST. For each cluster (through online mode). Online Tenders are invited from eligible bidders for selection and appointment of Transport contractor for Transportation of (i) Paddy from Paddy purchase centers (PPCs) / Mandis to Rice Mill points(within or outside district) & (ii) Custom milled rice (CMR) from rice mill points to Rice receiving centers (RRCs) /Depots (within or outside district).**

| | | |
|---|---|---|
| 1 | Availability of tender documents | From Date **25.10.2025**. Downloadable from website: www.oscsc.in, www.foododisha.in & tenderodisha.gov.in |
| 2 | Date, time and venue for pre-bid conference. | On dt **27.10.2025** At Office of District Manager, OSCSC Ltd., Gajapati,Collector Building, Parlakhemundi |
| 3 | Last date and time for online submission of completed Tender Documents with enclosures | Through e-procurement portal: www.tenderodisha.gov.in **Up to 5.00 PM of dt. 04.12.2025.** |
| 4 | Date, time and venue for opening of Technical Bid by the Tender Committee | On dt **05.12.2025 at 11.30 AM** Place: At Office of District Manager, OSCSC Ltd., Gajapati , Collector Building, Parlakhemundi |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt **06.12.2025 at 11.30 AM** Place : At Office of District Manager, OSCSC Ltd., Gajapati, Collector Building , Parlakhemundi |
| 6 | Date and time of financial Bid opening by the tender committee (only of technically qualified Bidders) | **To be announced after technical bid evaluation** |
| 7 | Language of the tender | **The tender should be prepared by the bidder in English language only** |
| 8 | Help desk telephone No. | **District Manager, OSCSC Ltd., Gajapati - 9438200040 Asst. Manager, Accounts :- 9437202126** |

1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender committee reserves the right to cancel any / all of the tenders of any time without assigning any reason thereof.
3. Further details can be obtained in the website www. tenderodisha gov.in
4. The bidder must deposit tender document fee and EMD, at the time of submission of tender through online payment gateway service.
5. Any amendment / cancellation / re-tender / corrigendum please refer to the website tenderodisha.gov.in & www .foododisha.in

OIPR-07087/11/0013/2526 Sd./- CSO cum Dist. Manager, OSCSC Ltd., Gajapati

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, BANSPAL

No.O-1117

E-mail : eerwbansapal@gmail.com

Letter No. 994 Date. 23.10.2025

**1st Corrigendum Notice**

**1st Corrigendum to Bid Identification No. Road online NCB No.04 invited this office letter No.913 Dt.17.10.2025.**
The Changes as detailed below are hereby made in the above N.I.T. :-

| Procurement Officer | Bid Identification No. | Availability of Tender Online for bidding: From | | To | | Last Date & Time of seeking Tender Clarification | | Date & Time of Opening of Tender | |
|---|---|---|---|---|---|---|---|---|---|
| 1 | 2 | 3 | | 4 | | 5 | | 6 | |
| | | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| Superintending Engineer, Rural Works Division, Banspal | Road Online NCB No.4 | 22.10.2025 to 11.00 A.M. | 24.10.2025 to 11.00 A.M. | 31.10.2025 to 05.00 P.M. | 04.11.2025 to 05.00 P.M. | 30.10.2025 up to 05.00 P.M. | 03.11.2025 up to 05.00 P.M. | 01.11.2025 at 11.00 A.M. | 06.11.2025 at 11.00 A.M. |

Encl :- Copy of NIT enclosed

OIPR-25198/11/0010/2526 Sd./- Superintending Engineer Rural Works Division, Banspal

## GOVERNMENT OF ODISHA

No.O-1118

### OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA

e-Mail:eerw_kuchinda@yahoo.com

**2nd Corrigendum to Bid Identification No. Tender online 04/RWD/Kuchinda/2025-26**

Due to unavoidable circumstances, the following changes have been made in this office Bid Idenfication No. tender online 04/RWD/Kuchinda/2025-26.
The following changes have been made:

| Procurement Officer | Bid Identification No. | Availability of Tender On-line for bidding: From | To | Last date & time for seeking clarfication | Date & Time of Opening of tender: Technical Bid | Financial Bid |
|---|---|---|---|---|---|---|
| Superintending Engineer, Rural Works Division, Kuchinda | Tender online-04/RWD/KCD | 01.11.2025 at 11 A.M. | 10.11.2025 at 5.00 P.M. | 07.11.2025 at 5.00 P.M. | 11.11.2025 at 11.00 A.M. | To be intimated Later |

**All other terms and conditions remain unchanged.**
*Further details can be seen from the e-procurement portal www.tendersorissa.gov.in

OIPR-25151/11/0038/2526 Sd./- Superintending Engineer, R.W.Division, Kuchinda

## ODISHA PUBLIC SERVICE COMMISSION CUTTACK

### NOTICE

No. 7483 / P.S.C., Dt. 24.10.2025
(DR-IV) (2PM-01-2025-26)

**Recruitment to the post of Assistant Industries Officer, Advt. No. 08 of 2024-25**

**No.D-248** : It is for information of all provisionally qualified candidates that, the Document Verification and Personality Test for recruitment to the post of Assistant Industries Officer, pursuant to Advertisement No. 08 of 2024-25 will be held from 13.11.2025 to 17.11.2025 [except 16.11.2025(Sunday) ] in the office of OPSC, at 19, Dr. P. K. Parija Road, Cuttack-753001 as per the programme detailed below: -

| Date of Document Verification & Personality Test | Session of Document Verification & Personality Test | Roll No. of Candidates |
|---|---|---|
| 13.11.2025 | Forenoon session | 100059, 100096, 100176, 100502, 100519, 100520, 100775, 100827, 100998, 101008, 101060, 101106, 101153, 101173 101344, 101374, 101407, 101431, 101499, 101521, 101527, 101580, 101642, 101646, 101671, 101692, 101698, 101797, 101829, 102113, 102188, 102217, 102224, 102273, 102313, 102336, 102368, 102437, 102524, 102560, 102577, 102716, 102937, 103011 = **44 Candidates** |
| | Afternoon session | 103203, 103240, 103253, 103277, 103467, 103512, 103569, 103605, 103623, 103690, 103727, 103753, 103875, 103895, 104025, 104027, 104030, 104120, 104173, 104278, 104284, 104317, 104364, 104403, 104432, 104452, 104515, 104576 = **28 Candidates** |
| 14.11.2025 | Forenoon session | 104627, 104653, 104848, 105035, 105114, 105184, 105187, 105258, 105298, 105313, 105349, 105375, 105442, 105583, 105625, 105840, 105845, 105977, 106017, 106119, 106154, 106209, 106381, 106382, 106465, 106475, 106703, 106704, 106763, 106864, 106921, 106940, 106945, 106986, 107042, 107220, 107241, 107252, 107274, 107415, 107530, 107531, 107979, 108192 = **44 Candidates** |
| | Afternoon session | 108213, 108231, 108250, 108303, 108349, 108399, 108481, 108562, 108656, 108776, 108805, 108849, 108889, 108996, 109012, 109115, 109134, 109236, 109297, 109301, 109487, 109564, 109633, 109652, 109759, 109794, 109795, 109960 = **28 Candidates** |
| 15.11.2025 | Forenoon session | 110036, 110073, 110085, 110126, 110188, 110210, 110222, 110226, 110259, 110381, 110416, 110509, 110535, 110647, 110721, 110752, 110773, 110878, 111042, 111056, 111143, 111250, 111317, 111392, 111474, 111533, 111710, 111810, 111812, 111826, 111942, 112151, 112395, 112411, 112638, 112749, 112758, 112784, 112914, 113161, 113170, 113210, 113259, 113474 = **44 Candidates** |
| | Afternoon session | 113507, 113537, 113550, 113552, 113695, 113775, 113823, 113900, 114036, 114135, 114138, 114270, 114386, 114392, 114394, 114399, 114464, 114607, 114697, 114848, 114873, 114936, 114977, 115040, 115084, 115094, 115132, 115198 = **28 Candidates** |
| 17.11.2025 | Forenoon session | 115208, 115210, 115269, 115272, 115415, 115482, 115514, 115582, 115586, 115629, 115633, 115669, 115722, 115753, 115967, 116082, 116174, 116198, 116537, 116580, 116656, 116711, 116769, 116776, 116887, 116893, 200111, 200172, 200178, 200208, 200246, 200284, 200290, 200486, 200558, 200631, 200665, 200705, 200851, 200887, 200892, 200916, 200986, 201044, 201098, 201106 **= 46 Candidates** |
| | Afternoon session | 201127, 201194, 201425, 201546, 201552, 201685, 201749, 201791, 201844, 201892, 201957, 202057, 202058, 202090, 202119, 202131, 202377, 202575, 202634, 202644, 202709, 202743, 202829, 202860, 202926, 202937, 203298, 203488 = **28 Candidates** |

**N.B.- The Time of Reporting, Time of Document Verification & Time of Personality Test in respect of Forenoon Session and After Noon Session are mentioned below.**

| Session | Time of Reporting | Time of Document Verification | Time of Personality Test |
|---|---|---|---|
| Forenoon Session | 08.00 A.M. | 08.30 A.M. | 10.30 A.M. |
| Afternoon Session | 12.00 Noon | 12.30 P.M. | 02.30 P.M. |

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original Certificates/Documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPIES OF THE FOLLOWING DOCUMENTS AT THE TIME OF DOCUMENT VERIFICATION: -**

1. **Hard copy of online Application form mentioning Roll No. at the Top Right-Hand Corner**. Application Forms are available in the website of the Commission.
   The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in.
2. **Four (04) passport size photographs tagged** with the Application Form."
3. **H.S.C. or Equivalent Certificate** in support of declaration of age."
4. Intermediate /+2 Examination/ Diploma Certificate issued by the concerned Board/Council;
5. **B.E./ B. Tech Degree Certificate** issued by the recognized University/Institution;
6. **Mark-sheets** in support of all the aforesaid Examination **(H.S.C to B.E./B.Tech Degree)** passed including fail marks, if any, issued by the concerned Board / Council /University/institution.
7. **Conversion Certificate/ Conversion Formula** in case of award of grades/ credits/ - hours in B.E./B.Tech.
8. Required **Odia Test Pass Certificate** issued within 15.02.2025.
9. **Caste Certificate by birth** in Support of claim as SCs/ STs/S.E.B.Cs (Please see and refer Note- 2 of the Advertisement) issued within 15.02.2025.
10. **SEBC Certificate** must be issued within 3 years prior to the last date of submission of online application form, wherever applicable.
11. **Release Certificates** issued **within 15.02.2025** by the Commanding Officer of the Unit last served along with affidavit/undertaking to the effect not being appointed against any civil post after retirement from military service, in case of Ex-Servicemen candidate.
12. **No Objection Certificate** issued by the Competent Authority in-case of Government servants.
13. **Permanent Disability Certificate** indicating percentage of disability (i.e., **40% and more**) issued **within 15.02.2025;** wherever applicable.
14. **Sports Identity Card/Certificate issued withing 15.02.2025** by the Director of Sports Odisha; wherever applicable.
15. **Any proof of photo Identity i.e. Aadhar/EPIC/DL/Passport/PAN Card.**
16. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
17. **Bio-data Form (CIF)** (to be downloaded and pasted affixed duly filled in with passport size photograph).
18. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

OIPR-12002/11/0332/2526 **Sd./- Secretary**

# ଏସିଆନ ୟୁଥ୍ ଗେମ୍ସରେ ୨ ଓଡ଼ିଆ ଝିଅ

ଭୁବନେଶ୍ୱର, ୨୫।୧୦(ଅନାଦି କର): ବାହାରିନଠାରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସର ଭାରୋତ୍ତୋଳନ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବାକୁ ଥିବା ଦଳରେ ଓଡ଼ିଶାର ୨ ଭାରୋତ୍ତୋଳିକା ରହିଛନ୍ତି। ସେମାନେ ହେଲେ ପ୍ରୀତିସ୍ମିତା ଭୋଇ (୪୪ କେଜି) ଓ ଟିଙ୍କି ମୋହିନୀ ମଲିକ (୫୩ କେଜି) । ଢେଙ୍କାନାଳର ପ୍ରୀତିସ୍ମିତା ଉତ୍ତର ପ୍ରଦେଶର ମୋଦି ନଗରର ୱେଟଲିଫ୍ଟିଙ୍ଗ ୱାରିଅରଠାରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ବିଜୟ ଶର୍ମାଙ୍କ ନିକଟରେ ଟ୍ରେନିଂ ନେଉଛନ୍ତି।

# ହକି ଇଣ୍ଡିଆ ଲିଗ୍ ଜାନୁଆରୀ ୩ରୁ

## ତିନୋଟି ସହରରେ ଖେଳାଯିବ, ଭୁବନେଶ୍ୱରରେ ଉଦ୍‌ଯାପନୀ




ନୂଆଦିଲ୍ଲୀ, ୨୫।୧୦ (ପି.ଟି.)

ପୁନର୍ବାର ଆରମ୍ଭ ହୋଇଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଦ୍ୱିତୀୟ ସିଜନ ଆସନ୍ତା ଜାନୁଆରୀ ୩ରୁ ଚେନ୍ନାଇରେ ଆରମ୍ଭ ହେବ। ସେଦିନ ଉଦ୍‌ଘାଟନୀ ମ୍ୟାଚ ତାମିଲନାଡୁ ଡ୍ରାଗନ୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ଖେଳାଯିବ। ଆୟୋଜକଙ୍କ ତରଫରୁ ଏହା ଶନିବାର ଘୋଷଣା କରାଯାଇଛି। ଟୁର୍ନାମେଣ୍ଟ ପୃଥକ୍ ପୃଥକ୍ ସହରରେ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଜାନୁଆରୀ ୨୬ରେ ଭୁବନେଶ୍ୱରରେ ଏହାର ଉଦ୍‌ଯାପନୀ ହେବ। ଅନ୍ୟପକ୍ଷରେ ମହିଳା ଏଚ୍‌ଆଇଏଲ୍ ଚଳିତବର୍ଷ ଡିସେମ୍ବର ୨୮ରୁ ରାଞ୍ଚିରେ ଆରମ୍ଭ ହେବାକୁଥିବା ବେଳେ ଫାଇନାଲ ଆସନ୍ତାବର୍ଷ ଜାନୁଆରୀରେ ଅନୁଷ୍ଠିତ ହେବ। ହକି ଇଣ୍ଡିଆ କହିଛି ପୁରୁଷ ଏଚ୍‌ଆଇଏଲ୍‌ର ଓପନିଂ ଲେଗ୍ ୮ଟି ଦଳକୁ ନେଇ ଜାନୁଆରୀ ୩ରୁ ୯ ପର୍ଯ୍ୟନ୍ତ ଚେନ୍ନାଇସ୍ଥିତ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦ୍ୱିତୀୟ ଲେଗ୍ ରାଞ୍ଚିସ୍ଥିତ ମରଙ୍ଗ ଗୋମ୍‌କେ ଜୟପାଲ୍ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମରେ ଜାନୁଆରୀ ୧୧ରୁ ୧୬ ପର୍ଯ୍ୟନ୍ତ ଖେଳାଯିବ। ପରେ ତୃତୀୟ ତଥା ଫାଇନାଲ ଲେଗ୍ ଜାନୁଆରୀ ୧୭ରୁ ୨୬ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ହେବ, ଯେଉଁ ସ୍ଥାନ କିଛି ବର୍ଷ ହେଲା ହକି ହବ୍‌ରେ ପରିଣତ ହୋଇଛି। ଟୁର୍ନାମେଣ୍ଟର ଫର୍ମାଟ ଅନୁସାରେ ଏକ ସିଙ୍ଗଲ ରାଉଣ୍ଡ ଫର୍ମାଟରେ ପ୍ରତ୍ୟେକ ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବେ। ଶ୍ରେଷ୍ଠ ୪ ଦଳ ପ୍ଲେ-ଅଫ୍‌କୁ ଉନ୍ନୀତ ହେବେ। ନକ୍‌ଆଉଟ ପର୍ଯ୍ୟାୟରେ କ୍ୱାଲିଫାୟର-୧ ଓ ଏଲିମିନେଟର ଜାନୁଆରୀ ୨୩ରେ, ପରେ କ୍ୱାଲିଫାୟର-୨ ଜାନୁଆରୀ ୨୫ରେ ହେବ। ଏହି ସମସ୍ତ ମ୍ୟାଚ ଭୁବନେଶ୍ୱରରେ ଖେଳାଯିବ। ମାସେ ପାଖାପାଖି ଧରି ଅନୁଷ୍ଠିତ ହେବାକୁଥିବା ପୁରୁଷ ଏଚ୍‌ଆଇଏଲ୍‌ରେ ମୋଟ ୩୩ଟି ମ୍ୟାଚ ଖେଳାଯିବ। ଏଥିରେ ଆର୍ଜେଣ୍ଟିନା, ବେଲଜିୟମ, ଜର୍ମାନୀ, ଇଂଲଣ୍ଡ, ସ୍ପେନ ଓ ଅଷ୍ଟ୍ରେଲିଆ ଆଦି ଦେଶ ସମେତ ୧୦ରୁ ଊର୍ଦ୍ଧ୍ୱ ଦେଶର ଅନ୍ତର୍ଜାତୀୟ ଷ୍ଟାର ଖେଳିବେ। ଏଥିରେ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକ ମଧ୍ୟରେ ଜେଏସ୍‌ଡବ୍ଲ୍ୟୁ ସୁର୍ମା ହକି କ୍ଲବ, ଗତଥରର ଚାମ୍ପିୟନ ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ, ବେଦାନ୍ତ କଳିଙ୍ଗ ଲାନ୍ସର୍ସ, ରାଞ୍ଚି ରୟାଲ୍ସ, ଏସ୍‌ଜି ବାଇପର୍ସ ଏବଂ ଏଚ୍‌ଆଇଏଲ୍ ଗଭର୍ନିଂ କାଉନ୍‌ସିଲ। ଜାନୁଆରୀ ୨୬ରେ ଏକ ଗ୍ରାଣ୍ଡ ଫିନାଲେ ସହ ସିଜନ ଶେଷ ହେବ। ଏହା ପୂର୍ବରୁ ସେଦିନ ସନ୍ଧ୍ୟାରେ ୩ୟ/୪ର୍ଥ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ।

ମହିଳା ଏଚ୍‌ଆଇଏଲ୍ ଡିସେମ୍ବର ୨୮ରେ ରାଞ୍ଚି ରୟାଲ୍ସ ଓ ଏସ୍‌ଜି ବାଇପର୍ସ ମ୍ୟାଚ ସହିତ ଆରମ୍ଭ ହେବ। ଏହା ରାଞ୍ଚିସ୍ଥିତ ମରଙ୍ଗ ଗୋମ୍‌କେ ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମରେ ଖେଳାଯିବ। ଏଥିରେ ଭାଗ ନେଉଥିବା ଅନ୍ୟ ଦୁଇଟି ଦଳ ହେଲେ ଜେଏସ୍‌ଡବ୍ଲ୍ୟୁ ସୁର୍ମା ହକି କ୍ଲବ ଓ ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ। ମହିଳା ଏଚ୍‌ଆଇଏଲ୍ ଏକ ଡବଲ ରାଉଣ୍ଡ ରବିନ ଫର୍ମାଟରେ ଖେଳାଯିବ। ଏଥିରେ ପ୍ରତ୍ୟେକ ୪ଟି ଦଳ ପରସ୍ପରକୁ ଦୁଇଥର ଲେଖାଏ ଭେଟିବେ। ଲିଗ୍ ପର୍ଯ୍ୟାୟ ଶେଷ ପରେ ପଏଣ୍ଟ ଟେବୁଲର ଶ୍ରେଷ୍ଠ ଦୁଇ ଦଳ ଜାନୁଆରୀ ୧୦ ଫାଇନାଲକୁ ଉନ୍ନୀତ ହେବେ ବୋଲି ହକି ଇଣ୍ଡିଆ କହିଛି। ମହିଳା ଏଚ୍‌ଆଇଏଲ୍‌ରେ ମୋଟ ୧୩ଟି ମ୍ୟାଚ ଖେଳାଯିବ। ନେଦରଲାଣ୍ଡ୍ସ, ବେଲଜିୟମ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ସ୍ପେନ ଓ ଗ୍ରେଟ୍ ବ୍ରିଟେନ ସମେତ ୧୦ରୁ ଊର୍ଦ୍ଧ୍ୱ ଦେଶର ଖେଳାଳିମାନେ ଏଥିରେ ପ୍ରତିନିଧିତ୍ୱ କରିବେ ବୋଲି ଆଶା କରାଯାଉଛି। ଏଚ୍‌ଆଇଏଲ୍ ଗଭର୍ନିଂ କମିଟି ଚେୟାରପର୍ସନ ଦିଲୀପ ତିର୍କୀ କହିଛନ୍ତି, ହକି ଇଣ୍ଡିଆ ଲିଗ୍‌ର ଗତ ସଂସ୍କରଣ ସଫଳତାର ସହିତ ଶେଷ ହେବା ପରେ ପୁରୁଷ ଲିଗ୍‌କୁ ତିନୋଟି ଅଲଗା ଅଲଗା ସହରକୁ ବିସ୍ତାର କରାଯାଇଛି ; ଯାହାଫଳରେ ସେହି ଅଞ୍ଚଳର ଖେଳପ୍ରେମୀମାନେ ହକିର ମଜା ନେଇପାରିବେ।

### ରଣ୍‌ଜୀ ଟ୍ରଫି

# ଓଡ଼ିଶା ୨୪୩ରେ ଅଲ୍‌ଆଉଟ୍

କାନପୁର,୨୫।୧୦

ଶନିବାରଠାରୁ ଓଡ଼ିଶା ଓ ଉତ୍ତର ପ୍ରଦେଶ ମଧ୍ୟରେ ଚଳିତ ରଣ୍‌ଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ତା'ର ପ୍ରଥମ ଇନିଂସ ୨୪୩ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ଉତ୍ତର ପ୍ରଦେଶ ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ବିନା ଉଇକେଟରେ ୧୭ ରନ କରିଛି। ଦଳକୁ ଇନିଂସ ଅଗ୍ରଣୀ ହାସଲ ପାଇଁ ୨୨୭ ରନ ଦରକାର ଥିବା ବେଳେ ହାତରେ ସମସ୍ତ ୧୦ ଉଇକେଟ ରହିଛି।

ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଖୁବ୍ ଶସ୍ତାରେ ଦୁଇ ଓପନରଙ୍କୁ ହରାଇଥିଲା। ସ୍ୱସ୍ତିକ ସାମଲ ଓ ଆଶୀର୍ବାଦ ସ୍ୱାଇଁ ୪ ଲେଖାଏ ରନ କରି ଶିବମ ମାଭିଙ୍କ ବଲରେ ଆଉଟ୍ ହୋଇଥିଲେ। ଅଧିନାୟକ ଶୁଭ୍ରାଂଶୁ ସେନାପତି (୩) ମଧ୍ୟ ଫେଲ୍ ମାରିଥିଲେ। ଦଳ ୩୬ ରନରେ ୩ ଉଇକେଟ ହରାଇ ସଙ୍କଟରେ ଥିବା ବେଳେ ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଚତୁର୍ଥ ଉଇକେଟରେ ୯୨ ରନ ଯୋଡ଼ିଥିଲେ। ଏହାପରେ ଦଳ ମାତ୍ର ୩ ରନ ମଧ୍ୟରେ ସନ୍ଦୀପ (୫୩ ରନ, ୮ ଚୌକା), ପୋଦ୍ଦାର (୬୪ ରନ୍, ୭ ଚୌକା) ଓ ରାଜେଶ ଧୂପର (୦)ଙ୍କ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ସମ୍ବିତ ଏସ୍ ବରାଳ ଓ ରାଜେଶ ମହାନ୍ତି (୪୮ ରନ୍, ୫ ଚୌକା ଓ ୩ ଛକା) ସପ୍ତମ ଉଇକେଟରେ ୯୪ ରନ ଯୋଡ଼ିଥିଲେ। ଏହି ଯୋଡ଼ି ଭାଙ୍ଗିବା ପରେ ଓଡ଼ିଶା ବଳକା ୩ ଉଇକେଟରେ ମାତ୍ର ୧୮ ରନ ଯୋଡ଼ି ପାରିଥିଲା। ଫଳରେ ଓଡ଼ିଶା ୭୭.୧ ଓଭରରେ ୨୪୩ ରନରେ ଅଲଆଉଟ୍ ହୋଇଯାଇଥିଲା। ସମ୍ବିତ ୫୯ (୭ ଚୌକା ଓ ୩ ଛକା) ରନ କରି ଅପରାଜିତ ରହିଥିଲେ। ଘରୋଇ ଉତ୍ତର ପ୍ରଦେଶ ପାଇଁ ଶିବମ ଶର୍ମା ୩ ଉଇକେଟ ନେଇଥିବା ବେଳେ ଶିବମ ମାଭି, ବିପ୍ରଜ ନିଗମ ଓ ପ୍ରଶାନ୍ତ ବୀର ୨ଟି ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩/ଅଲଆଉଟ୍(ଗୋବିନ୍ଦ ପୋଦ୍ଦାର-୬୪, ସମ୍ବିତ ଏସ୍ ବରାଳ-୫୯*, ସନ୍ଦୀପ ପଟ୍ଟନାୟକ-୫୩, ରାଜେଶ ମହାନ୍ତି-୪୮, ଶିବମ ଶର୍ମା-୩/୬୫, ପ୍ରଶାନ୍ତ ବୀର-୨/୧, ବିପ୍ରଜ ନିଗମ-୨/୩୯)। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୭ ଓଭରରେ ୧୭/୦ (ଅଭିଷେକ ଗୋସ୍ୱାମୀ-୬*, ମାଧମ କୌଶିକ-୯*)।

## ମନେ ପଡ଼ନ୍ତି


**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଶାନ୍ତିଲତା ବେହୁରା**
ଗ୍ରାମ - ଦେଉଳି, ରାଜକନିକା, କେନ୍ଦ୍ରାପଡା
ଆବିର୍ଭାବ : ତା ୨୭.୦୩.୧୯୬୪
ତିରୋଧାନ : ୧୬.୧୦.୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା, ପ୍ରଭୁ ତୁମକୁ ଶରଣ ଦେଇ ବ୍ରହ୍ମଲୋକରେ ସ୍ଥାନ ଦିଅନ୍ତୁ।
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
ଧ-୨୩୮୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
କାର୍ତ୍ତିକ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି



**୰ ଭାରତୀ ନାୟକ**
ମାର୍କେଟ ଛକ, ପୁରୀ
ଧରାବତରଣ - ୦୨.୦୬.୧୯୬୬
ତିରୋଧାନ - ୦୭.୧୧.୨୦୨୪
ଚାହୁଁ ଚାହୁଁ ଏକ ବର୍ଷ ପୂରିଗଲା। ତୁମ ପାର୍ଥିବ ଅନୁପସ୍ଥିତି ଆମ ସମସ୍ତଙ୍କ ପାଇଁ ଅପୂରଣୀୟ କ୍ଷତି ଓ ଶୂନ୍ୟତା ଭରିଦେଇଛି। ତୁମ ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ ଶ୍ରଦ୍ଧା ଓ ଜୀବନାଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ୱାମୀ, ଝିଅ, ଜ୍ୱାଇଁ ଓ ପରିବାର ବର୍ଗ
ଧ-୨୩୮୭

**୧୭ତମ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କୁମାରେଶ ସାମଲ**
୧୩୨- ବାପୁଜୀ ନଗର, ଭୁବନେଶ୍ୱର
ପୂର୍ବତନ ଶାସନ ସଚିବ, ଓଡ଼ିଶା ବିଧାନସଭା
ଆବିର୍ଭାବ :୧୪।୦୭।୧୯୪୭
ତିରୋଧାନ: ୦୩।୧୧।୨୦୦୮
ଆପଣଙ୍କ ଆଶୀର୍ବାଦ ସଦା ସର୍ବଦା ଆମ୍ଭ ଚଲାପଥର ପ୍ରେରଣା ହେଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୩୮୫


# Classified Everyday
0674-2580101, 9692975378



MATRIMONIAL

## BRIDE WANTED

No ମଧ୍ୟସ୍ଥି, ବ୍ରାହ୍ମଣ, ମୀନ ୧୯୮୦, ବ୍ୟବସାୟ, ମକର ୧୯୮୪ ସରକାରୀ ଚାକିରି ପୁଅ ପାଇଁ except SCST, Fresher, Divorcee, Overage, ଝିଅ ଦରକାର। 8249994574, 9938404293 D-2329

ସରକାରୀ ଚାକିରି କରୁଥିବା ପୁଅ (M.Phil., Age:30, Height:6ft) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି:ବଣିଆ। ଯୋଗାଯୋଗ: 9348544047. D-2337

ଝିଅ ଆବଶ୍ୟକ: ଚାକିରି କରି ଏକାକୀ ରହୁଥିବା, 49-ବୟସ, Divorcee ପୁଅପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-2376

ଶୁଣ୍ଢୀ ମହାଜନ, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ୍, କିନ୍ତୁ ଭୁବନେଶ୍ୱରରେ ନିଜସ୍ୱ ଜାଗାବାଡ଼ି, ଦୁଇଟି ଲଜିଂ, ଘରଭଡ଼ା, ବ୍ୟବସାୟ, ଶାନ୍ତିପୂର୍ଣ୍ଣ ପରିବାର, ଯୌତୁକ ବିହୀନ ଶୀଘ୍ର ବାହାଘର, ଅନ୍ୟାନ୍ୟ କଥାବାର୍ତ୍ତାରେ- 9827385242.(whats). D-2338

## GROOM WANTED

ବୟସ 28, College Lecturer ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9827160964. D-2374

42ବର୍ଷ Veterinary Dr. ଭାବରେ କାର୍ଯ୍ୟରତ ମହିଳାଙ୍କ ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ। ଘରଜ୍ୱାଇଁଆ ମଧ୍ୟ ଗ୍ରହଣୀୟ। 8455853154. D-2375



REAL ESTATE

## SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834 D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

Flat 1BHK fully furnished for sale immediately at Kalayani Plaza1, Sundarapada, Bhubaneswar Rs.33Lakhs only Genuine Buyer contact 7894775333. D-2377

Duplex 4BHK fully furnished for sale immediately at Baseli Sahi, Puri Rs.1.33Cr only Genuine Buyer contact 7894775333. D-2378

**Commercial plot for sale 80X40= 2400 sft. touching to NH. 316, 60 lakhs, 10 km from Phulanakhara, GHARABARI, compound wall, 15 km from BBSR 7809525452.** D-204

Duplex 5BHK 4000 sqft Construction fully furnished for sale immediately at Laxmisagar, Bhubaneswar Rs.3.33Cr only Genuine Buyers contact 7894775333. D-2379




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated-25.10.2025, I, Jhulana Swain, wife of Subrat Kumar Swain, permanent resident of At- Baliakani, P.O.- Kanjiakana, P.S.- Erasama, Dist.- Jagatsinghpur, PIN- 754110, currently residing at Plot No.2419/4119, Dwija Vihar, P.S.- Mancheswar, Bhubaneswar, Dist.- Khordha, PIN- 751017 declare that I have changed my name from Jhulanalata Swain to Jhulana Swain. Henceforth, I shall be known as Jhulana Swain for all purposes.
Jhulana Swain D-2337

By virtue of an affidavit sworn before Executive Magistrate, Rasgovindpur, Mayurbhanj, dated-09.10.2025, I, Jayanti Soren, wife of Karam Chand Soren, Address Vill.- Parulia, P.O.- Gobara, P.S.- Rasgovindpur, Dist.- Mayurbhanj, Odisha, 757016 declare that I have changed the name of my son from ABHIGYAN SOREN to ABHIGYAN SATYA PRAKASH NAGESWAR SOREN. Henceforth, he shall be known as ABHIGYAN SATYA PRAKASH NAGESWAR SOREN for all purposes. D-2380

By virtue of an affidavit sworn before the Executive Magistrate, Rairakhol, CF No.770, date- 23.10.2025, I, Gitanjali Pradhan, W/o.- Duleswar Pradhan, R/o. Village- Chudapudug, P.O.- Bharatapur, P.S.- Charmal, Dist.- Sambalpur, Odisha, PIN- 768106, declare that, I have changed my name from Jita Sahu to Gitanjali Pradhan. Henceforth, I shall be known as Gitanjali Pradhan for all purpose.
Gitanjali Pradhan D-2382

By this affidavit sworn before the Executive Magistrate, Hemgir, dated-22.10.2025, I, Haripriya Jaypuria, W/o.- Krushna Jaypuria, R/o. Village/ P.O.- Jharpalam, P.S.- Hemgir, Dist.- Sundargarh (Odisha) declare that I have changed the name of my son from Dulamani Chouhan, S/o.- Kushto Chouhan to Dulamani Jaypuria, S/o.- Krushna Jayapuria. Henceforth, he shall be known as Dulamani Jaypuria, S/o.- Krushna Jayapuria (father) and Haripriya Jayapuria (Mother) for all purpose. D-2383

By virtue of an affidavit before Notary Public, Khordha, on dated 22/10/2025 affidavit No.1948, I, Bharati Jagadev, W/o.- Ashok kumar Sahoo, Village - AKS house, Baseli sahi, P.O./ P.S./Dist.- Khordha, PIN- 752055 declare that as per my aadhar card vide No.- xxxx xxxx 0889 my name has been recorded as Bharati Jagadev, that in the passport of my husband Ashok kumar Sahoo vide passport No.- H2682868 my name has been mentioned as Bharati Sahoo. I do hereby declare that Bharati Jagadev and Bharati Sahoo both the names are related to one and same person. D-2384

I, **Subhra Narayan Mohanty**, aged about 37 years, Son of Subodha Charan Mohanty, Resident of At/P.O.- Madanpur, P.S.- Infovally, Dist.- Khordha, Odisha, PIN- 752054 declare by this affidavit No. 10, dtd.- 14.10.2025 that now onwards my fathers name be known as Subodha Charan Mohanty. Subodha Mohanty & Subodha Charan Mohanty is one and same person who is my father.
Deponent Subhra Narayan Mohanty D-203

In the Court of Notary Public, Bhubaneswar, dated- 13.10.2025, I, Saumendra Kumar Senapati (New Name) formerly called Saumendra Senapati (Old Name), S/o.- Surendra Nath Senapati, Permanent resident of At/P.O.- Garedipanchan, P.S.- Balipatna, Dist.- Khordha, Odisha, PIN- 752102, Currently residing at At/P.O.- Garedipanchan, P.S.- Balipatna, Dist.- Khordha, Odisha, PIN- 752102 declare that I have changed my name from Saumendra Senapati to Saumendra Kumar Senapati. henceforth, I shall be known as Saumendra Kumar Senapati for all purposes. D-2337

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜନ୍ମଦିନ ଶୁଭେଚ୍ଛା ଓ ଶୁଭକାମନା
**ରୁଦ୍ରାଂଶୀ ସାହୁ (ନିସି)**
ପ୍ରଥମ ଜନ୍ମ ସନକ୍ଷତ୍ର
ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଟେଶ୍ୱର ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ ଓ ବୁଦ୍ଧିମତୀ କରନ୍ତୁ ଏତିକି ଆମର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ
ଜେଜେ (ଶ୍ରୀଯୁକ୍ତ ସୁବଳ ସାହୁ), ଜେଜି ମା, ବଡବାପା, ବଡମା, ବାପା, ମା ଓ ପରିବାର ବର୍ଗ
ଧ-2388

ଧରିତ୍ରୀ DHARITRI
**Scan & Pay**
BHIM UPI
classifieddharitri@gmail.com

## LEGAL NOTICE

IN THE COURT OF THE LD. CIVIL JUDGE (SENIOR DIVISION), BHUBANESWAR
EXN.PET NO. 316 of 2024
ABHIMANYU PALO (DEAD) & ORS. ..DECREE HOLDERS
VERSUS
SARANGADHAR DASH (DEAD) & ORS. ..JUDGMENT DEBTORS
NOTICE UNDER ORDER 5 RULE 20 OF THE CODE OF CIVIL PROCEDURE, 1908

To,

1. Samay Das, S/o. Late Sarangadhar Dash, R/o Village- Nuagodipali, P.O.- Janarada, P.S.- Bhanjanagar, Dist.- Ganjam & At-Kalyani Bhawan, Bologa Street, One Way Traffic Road, Berhampur, Dist.- Ganjam. At- Present Residing at Plot No. 299, Saheed Nagar, P.S.-Saheed Nagar, Bhubaneswar-7, Dist-Khurda, Odisha.

2. Soubhagya Das, S/o. Late Sarangadhar Dash, R/o Village- Nuagodipali, P.O.- Janarada, P.S.- Bhanjanagar, Dist.- Ganjam & At- Kalyani Bhawan, Bologa Street, One Way Traffic Road, Berhampur, Dist.-Ganjam. At- Present Residing at Plot No. 299, Saheed Nagar, P.S.- Saheed Nagar, Bhubaneswar-7, Dist-Khurda, Odisha.

Take notice that the above named Decree Holders have instituted an Execution Petition for the execution of the Decree passed in RSA No. 301 of 2002 Dt. 05.04.2024 passed by the Hon'ble High Court of Orissa arising out of T.S. No. 56/1988 of the Court of the Civil Judge (Senior Division), Bhubaneswar against you before this Court. Despite of issuance of notice, you are keeping yourself out of the way from service of notice in the above referred case.


Hence you are hereby directed to appear before this Court on 10.11.2025 at 10:30 A.M. positively to showcase why execution should not be granted.

Given under my hand and the seal of the Court, this 16th day of october, 2025.

S/d.- Civil Judge(Senior Division)
Bhubaneswar
D-2373

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଅଲ୍ ଗର୍ଲ୍ସ ମ୍ୟୁଜିକ୍ ବ୍ୟାଣ୍ଡ



ଆମ ଦେଶରେ ଅନେକ ପ୍ରତିଭାସମ୍ପନ୍ନ କଣ୍ଠଶିଳ୍ପୀ ଏବଂ ଦକ୍ଷ ମ୍ୟୁଜିସିଆନ୍ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକଙ୍କର ମ୍ୟୁଜିକ୍ ବ୍ୟାଣ୍ଡ ମଧ ରହିଛି। ଯେଉଁଥିରେ ମୁଖ୍ୟତଃ ମ୍ୟୁଜିସିଆନ୍ ଯୁବକ ହୋଇଥିବା ବେଳେ ମାତ୍ର ହାତଗଣତି କେତେଜଣ ଯୁବତୀ ଏହି ବ୍ୟାଣ୍ଡରେ କାର୍ଯ୍ୟ କରିଥା'ନ୍ତି। ହେଲେ ସଙ୍ଗୀତ ବାଦ୍ୟଯନ୍ତ୍ର ବଜାଇବା ଏକ ପୁରୁଷପ୍ରଧାନ କାର୍ଯ୍ୟ। ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ଲାଗି ଆମ ଦେଶର କେତେଜଣ ମହିଳା ମ୍ୟୁଜିସିଆନ୍ ଆରମ୍ଭ କରିଛନ୍ତି ଅଲ୍ ଗର୍ଲ୍ସ ମ୍ୟୁଜିକ୍ ବ୍ୟାଣ୍ଡ, ଯାହାକି ଗତ କିଛି ବର୍ଷ ହେବ ଭାରତୀୟ ମନୋରଞ୍ଜନ ଜଗତରେ ସେମାନଙ୍କର ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛି। ତେବେ ୧୯୬୦ରେ ସର୍ବପ୍ରଥମେ ମ୍ୟାଡ୍ ହେଟର୍ସ ନାମକ ଅଲ୍ ଗର୍ଲ୍ସ ବ୍ୟାଣ୍ଡ୍ ଆରମ୍ଭ ହୋଇଥିଲା, ଯାହାକି ଅଧିକ ବର୍ଷ ଚାଲି ନ ଥିଲା। ସେହିପରି ୧୯୭୦ ଦଶକରେ ମୁମ୍ବାଇର ୪ଜଣ ସଙ୍ଗୀତକାର ମିଶି ଆରମ୍ଭ କରିଥିଲେ 'ଲେଡି ବାର୍ଡ୍ସ' ଏବଂ ଏହାପରେ ୨୦୦୨ରେ ୫ଜଣ ମ୍ୟୁଜିସିଆନ୍‌ଙ୍କୁ ନେଇ ଆରମ୍ଭ ହୋଇଥିଲା 'ବିବା'। ସାଧାରଣତଃ ଏହାକୁ ହିଁ ଭାରତର ପ୍ରଥମ ଅଲ୍ ଗର୍ଲ୍ସ ମ୍ୟୁଜିକ୍ ବ୍ୟାଣ୍ଡ ବୋଲି କୁହାଯାଇଥାଏ। ଯାହାକି ନା କେବଳ ସଙ୍ଗୀତପ୍ରେମୀଙ୍କ ମଧ୍ୟରେ ଖୁବ୍ ସଫଳତା ସାଉଁଟିଲା ବରଂ ଭାରତୀୟ ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିପାରିଲା। ଯଦିଓ କେତେକ କାରଣବଶତଃ ଏହି ବ୍ୟାଣ୍ଡ କିଛି ବର୍ଷ ପରେ ବନ୍ଦ ହୋଇଗଲା, କିନ୍ତୁ ଏହାର ସମସ୍ତ ସଦସ୍ୟ ମ୍ୟୁଜିସିଆନ୍ ଭାବେ ବର୍ତ୍ତମାନ ମଧ ସକ୍ରିୟ। ତେବେ ଏହି ବ୍ୟାଣ୍ଡ୍ ପରେ ଆମ ଦେଶରେ ଅନେକ ଅଲ୍ ଗର୍ଲ୍ସ ମ୍ୟୁଜିକ୍ ବ୍ୟାଣ୍ଡ୍ ପ୍ରତିଷ୍ଠା ହୋଇଛି ଏବଂ ବିଭିନ୍ନ ମ୍ୟୁଜିକ୍ କନ୍‌ସର୍ଟ, କର୍ପୋରେଟ୍ ଇଭେଣ୍ଟ୍ସ, ସଙ୍ଗୀତ ସମାରୋହ ଆଦିରେ ଉଚ୍ଚକୋଟୀର ପ୍ରଦର୍ଶନ କରି ବେଶ୍ ଲୋକପ୍ରିୟତା ହାସଲ କରିଛି। ଜାଣିବା ଏଭଳି କେତୋଟି ବ୍ୟାଣ୍ଡ୍ ସମ୍ପର୍କରେ...

**ଆମ ଦେଶ କଳା ସଂସ୍କୃତିର ଦେଶ। ନୃତ୍ୟ, ସଂଗୀତ ପ୍ରତ୍ୟେକ କ୍ଷେତ୍ରରେ ଏଠାରେ ନାରୀ, ପୁରୁଷଙ୍କୁ ଅଗ୍ରାଧିକାର ଦିଆଯାଏ। ତଥାପି, ଏବେ ସୁଦ୍ଧା ସଂଗୀତ ବାଦ୍ୟଯନ୍ତ୍ର ବଜାଇବା ଏକ ପୁରୁଷପ୍ରଧାନ କାର୍ଯ୍ୟ ଭାବେ ଗ୍ରହଣ କରାଯାଉଛି। ଆଉ ଏହି ରୁଢ଼ିବାଦୀ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ଲାଗି ଆମ ଦେଶର କେତେଜଣ ଲେଡି ମ୍ୟୁଜିସିଆନ୍ ଆରମ୍ଭ କରିଛନ୍ତି ଅଲ ଗର୍ଲ୍ସ ମ୍ୟୁଜିକ୍ ବ୍ୟାଣ୍ଡ୍। ଯାହାକି ଗତ କିଛି ବର୍ଷ ହେବ ଭାରତୀୟ ମନୋରଞ୍ଜନ ଜଗତରେ ସେମାନଙ୍କର ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛି। ନିକଟରେ ଏହି ଧାରାରେ ଓଡ଼ିଶାର ନାମ ମଧ ଯୋଡିହୋଇଛି ...**


ଟେଟ୍‌ସିଓ ସିଷ୍ଟର୍ସ

**ଦି ଭିନାଇଲ୍ ରେକର୍ଡ୍ସ:** ଏହା ଅରୁଣାଚଳ ପ୍ରଦେଶର ୪ଜଣ (ଛାତ୍ରୀ) ମ୍ୟୁଜିସିଆନ୍‌ଙ୍କୁ ନେଇ ୨୦୧୦ ମସିହାରେ ଆରମ୍ଭ ହୋଇଥିବା ଏକ ଅଲ୍ ଗର୍ଲ୍ସ ରକ୍ ବ୍ୟାଣ୍ଡ। ଏହାର ସଙ୍ଗୀତ ମୁଖ୍ୟତଃ ଇଣ୍ଡି ରକ୍, ପୋଷ୍ଟ ପଂକ୍, ଗ୍ୟାରାଜ୍ ରକ୍ ମ୍ୟୁଜିକ୍ ଉପରେ ଆଧାରିତ। ସେବେଠୁ ବେଶ୍ ସକ୍ରିୟ ଥିବା ଏହି ବ୍ୟାଣ୍ଡ ବିଭିନ୍ନ ମ୍ୟୁଜିକ୍ ପ୍ରୋଗ୍ରାମ୍‌ରେ ଯୋଗ ଦେଇ ଦର୍ଶକଙ୍କ ମନ ଜିଣିବା ସହ ପୁରସ୍କୃତ ହୋଇପାରିଛି। ଏହା ଅନେକ ମ୍ୟୁଜିକ୍ ଆଲ୍‌ବମ୍ ପ୍ରସ୍ତୁତ କରି ଅନ୍ତର୍ଜାତୀୟ ସ୍ତରରେ ବି ଲୋକପ୍ରିୟତା ହାସଲ କରିପାରିଛି।

**ପାଇସ୍ ଆଣ୍ଡ ଦି ପେଟିକୋଟ୍ସ:** ଏହା ୨୦୧୩ରେ ମୁମ୍ବାଇର ୫ ଜଣ ପ୍ରତିଭାଶାଳୀ ସଙ୍ଗୀତକାରଙ୍କୁ ନେଇ ଗଢ଼ି ଉଠିଥିବା ଏକ ଫୋକ୍- ରକ୍ ମ୍ୟୁଜିକ୍ ବ୍ୟାଣ୍ଡ୍। ମଞ୍ଚ ଉପରେ ଏହି ବ୍ୟାଣ୍ଡର ସଦସ୍ୟମାନଙ୍କ ରକ୍ ଆଣ୍ଡ ରୋଲ୍, ପପ୍, ରେଟ୍ରୋ ସହିତ ଫୋକ୍ ସଙ୍ଗୀତର ଅପୂର୍ବ ମିଶ୍ରଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ଏହି ବ୍ୟାଣ୍ଡର ସଙ୍ଗୀତ ମୁଖ୍ୟତଃ ଜୀବନର ଅନୁଭବ ଉପରେ ଆଧାରିତ। ସେମାନଙ୍କ ନିଆରା ପ୍ରଦର୍ଶନ ପାଇଁ ବର୍ତ୍ତମାନ ଏହି ଗର୍ଲ୍ସ ବ୍ୟାଣ୍ଡ ସାରା ଦେଶରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ଲୋକପ୍ରିୟ ବିକଳ୍ପ ସାଜିପାରିଛି। ଇଣ୍ଡି ମ୍ୟୁଜିକ୍ ଜଗତରେ ହିଟ୍ ସଙ୍ଗୀତ ଦେଉଥିବା ଏହି ବ୍ୟାଣ୍ଡର ଫ୍ୟାନ୍ ଫଲୋଇଂ ବହୁତ।

**ଟେଟ୍‌ସିଓ ସିଷ୍ଟର୍ସ:** ନାଗାଲାଣ୍ଡର ୪ ଜଣ ଭଉଣୀଙ୍କୁ ନେଇ ୧୯୯୪ରେ ଗଠିତ ଏହି ମ୍ୟୁଜିକ୍ ବ୍ୟାଣ୍ଡ ନାଗା ଲୋକ ସଙ୍ଗୀତ ଉପରେ ମୁଖ୍ୟତଃ ଆଧାରିତ। ଏହି ଭଉଣୀମାନେ ଅନ୍ୟ ସଙ୍ଗୀତ ବାଦ୍ୟଯନ୍ତ୍ର ସହ ତାତୀ, ସେକ୍ରେନୟୀ, ବାମହୁମ୍ ଭଳି ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇବାରେ ବି ପାରଙ୍ଗମ। ତେଣୁ ସେମାନଙ୍କ ଦ୍ୱାରା ପରିବେଷିତ ସଙ୍ଗୀତରେ ଏକ ବିଶେଷ ଧ୍ୱନି ଉତ୍ପନ୍ନ ହୋଇଥାଏ, ଯାହାକି ଦର୍ଶକଙ୍କ ମନକୁ ଛୁଇଁଥାଏ। ତେବେ କେବଳ ସଙ୍ଗୀତ ପରିବେଷଣ ପାଇଁ ନୁହେଁ ବରଂ ସେମାନଙ୍କ ପାରମ୍ପରିକ ପରିଧାନ ଲାଗି ମଧ ସେମାନେ ବେଶ୍ ଲୋକପ୍ରିୟତା ହାସଲ କରିପାରିଛନ୍ତି। ସେମାନେ ପୂର୍ବ ଭାରତୀୟ ସଙ୍ଗୀତର ବିବିଧତା ଓ ସମୃଦ୍ଧିର ପ୍ରତିନିଧିତ୍ୱ କରିଥା'ନ୍ତି।

ଏହା ବ୍ୟତୀତ ଆମ ଦେଶରେ ବର୍ତ୍ତମାନ ଇଣ୍ଡିଭା, ଜେନେସିସ୍ ଅଫ୍ ପିଙ୍କ୍, ନୋରାନ୍ ସିଷ୍ଟର୍ସ, କୋଙ୍କନ୍ କନ୍ୟା ବ୍ୟାଣ୍ଡ, ଲେଡିଜ୍ କମ୍ପାର୍ଟମେଣ୍ଟ, ନନ୍ଦି ସିଷ୍ଟର୍ସ, ସ୍ୱାଇସ୍ ଗର୍ଲ୍ସ, ଦି ପୁସିକ୍ୟାଟ୍, ଫିଫ୍ଥ୍ ହାର୍ମୋନୀ ଭଳି ଅନେକ ଅଲ୍ ଗର୍ଲ୍ସ ବ୍ୟାଣ୍ଡ ଭାରତୀୟ ସଙ୍ଗୀତ ଜଗତରେ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି।

– ପୌର୍ଣ୍ଣମାସୀ

## ଓଡ଼ିଶାର ପ୍ରଥମ ଅଲ୍ ଗର୍ଲ୍ସ ମ୍ୟୁଜିକ୍ ବ୍ୟାଣ୍ଡ; ରିଦମ୍ ପ୍ରିନ୍ସେସ୍


'ରିଦମ୍ ପ୍ରିନ୍ସେସ୍' ମ୍ୟୁଜିକ୍ ବ୍ୟାଣ୍ଡର ସଦସ୍ୟାମାନେ

ଓଡ଼ିଆ ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବା ଲକ୍ଷ୍ୟ ନେଇ କିଏ ଗିଟାର ତ ଆଉ କିଏ ଅକ୍ଟାପ୍ୟାଡ୍, ପୁଣି କିଏ ବଜାଉଛନ୍ତି ସାକ୍ସୋଫୋନ୍ ଓ କ୍ୟାସିଓ। ଏଭଳି ଭିନ୍ନ ଭିନ୍ନ ବାଦ୍ୟଯନ୍ତ୍ର ବଜାଇବାରେ ଏହି ଯୁବତୀମାନେ ଜଣେ ଜଣଙ୍କ ଠାରୁ ବଳିକି। ଏହା ହେଉଛି ବ୍ରହ୍ମପୁର ଏବଂ ଗଜପତିର ୫ ଜଣ ଛାତ୍ରୀଙ୍କୁ ନେଇ ଗଠନ ହୋଇଥିବା ରାଜ୍ୟର ପ୍ରଥମ ଅଲ୍ ଗର୍ଲ୍ସ ମ୍ୟୁଜିକ୍ ବ୍ୟାଣ୍ଡ 'ରିଦମ୍ ପ୍ରିନ୍ସେସ୍'। ଏଥିରେ ଦୁଇଜଣ ଅର୍ଥାତ୍ ଶ୍ରୁତି ସଞ୍ଚରିକା ପାଠୀ ଏବଂ ପ୍ରିୟାଂଶି ମହାପାତ୍ର କିବୋର୍ଡ ପ୍ଲେ କରୁଥିବା ବେଳେ ସୌମ୍ୟା ଶିତଲ୍ ପାଠୀ ଅକ୍ଟାପ୍ୟାଡ୍, ଅନନ୍ୟା ପାଢ଼ୀ ଗୀଟାର ଏବଂ କେ. ଇରାକିଶୋର ସାକ୍ସୋଫୋନ୍ ବଜାଉଛନ୍ତି। ଚଳିତ ବର୍ଷ ଯୁକ୍ତ ୨ ପଢ଼ା ସମାପ୍ତ କରିଥିବା ସୌମ୍ୟା କୁହନ୍ତି, 'ମୋ ସାନ ଭଉଣୀ ଶ୍ରୁତି ବ୍ରହ୍ମପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ବର୍ତ୍ତମାନ ୧୦ମ ଶ୍ରେଣୀରେ ପଢୁଛି ଏବଂ ଚଣ୍ଡିଗଡ ୟୁନିଭର୍ସିଟିରୁ ସଙ୍ଗୀତ ଭୂଷଣ ସମାପ୍ତ କରିସାରିଛି। ଆମେ ଦୁହେଁ ଷ୍ଟାଣ୍ଡାର୍ଡ-୧ରେ ପଢ଼ିବା ବେଳଠାରୁ ବ୍ରହ୍ମପୁରରେ ଥିବା ନୂପୁର ଅନୁଷ୍ଠାନରେ ଗୁରୁ ମାଧବ ପାତ୍ରଙ୍କ ଠାରୁ କି' ବୋର୍ଡ ବଜାଇବା ଶିକ୍ଷା ନେଇ ଆସୁଛୁ। ଉଭୟ ମିଶି ସ୍କୁଲ୍‌ଠାରୁ ଆରମ୍ଭ କରି ଅନେକ ସଙ୍ଗୀତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇପାରିଛୁ। ମୋର ଆଗ୍ରହ ଥିବାରୁ କିବୋର୍ଡ ସହିତ ୨୦୧୯ରୁ ଅକ୍ଟାପ୍ୟାଡ୍ ଶିକ୍ଷା ମଧ ନେଉଛି। ହେଲେ ଯେବେ ମୋ ଗୁରୁ ଅକ୍ଟାପ୍ୟାଡ୍ ବଜାଉଥିବା ମୁଁ ପ୍ରଥମ ଓଡିଆ ଝିଅ ବୋଲି କହିଥିଲେ ମୋର ଏ ଦିଗରେ ଆହୁରି ଆଗ୍ରହ ବଢ଼ିଥିଲା ଏବଂ ରିଦମ୍ ପ୍ରିନ୍ସେସ୍ ଟିମ୍‌ର ମେମ୍ବର ହୋଇପାରିଥିବାରୁ ଗର୍ବ ଅନୁଭବ କରୁଛି। ଆମେ ସମସ୍ତେ ମିଶି ଏହି ବ୍ୟାଣ୍ଡକୁ କେବଳ ରାଜ୍ୟରେ ନୁହେଁ ସାରା ଦେଶରେ ପରିଚିତ କରିବାକୁ ଲକ୍ଷ୍ୟ ରଖିଛୁ।' ସେହିପରି ଶ୍ରୁତି କେ. ଇରାକିଶୋର ବ୍ରହ୍ମପୁରରେ ଥିବା ସରକାରୀ ବାଳିକା ବିଦ୍ୟାଳୟରେ ୧୦ମ ଶ୍ରେଣୀ ଛାତ୍ରୀ। ସେ ତିନି ବର୍ଷ ହେବ ନୂପୁର ଅନୁଷ୍ଠାନରେ ସାକ୍ସୋଫୋନ୍ ବଜାଇବା ତାଲିମ ନେଉଛନ୍ତି ଏବଂ ବିଭିନ୍ନ ଅନୁଷ୍ଠାନରେ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି। ପ୍ରିୟାଂଶୀ ପାରଳାଖେମୁଣ୍ଡିରେ ଥିବା ସେଣ୍ଟ ଯୋଶେଫ୍ ସ୍କୁଲ୍‌ରେ ୮ମ ଶ୍ରେଣୀରେ ପଢୁଛନ୍ତି। ସେ ୩ୟ ଶ୍ରେଣୀରୁ କି' ବୋର୍ଡ ବଜାଇବା ଶିଖି ଆସୁଛନ୍ତି। ସେହିପରି ଅନନ୍ୟା ବ୍ରହ୍ମପୁର ଗାନ୍ଧୀ ନଗରରେ ଥିବା ରାମନାରାୟଣ ଡିଗ୍ରୀ କଲେଜରେ ଯୁକ୍ତ ୩, ତୃତୀୟ ବର୍ଷ ଛାତ୍ରୀ ହୋଇଥିବା ବେଳେ ପିଲାବେଳୁ ଗୀତ ଗାଇବା ସହ ନୂପୁର ଅନୁଷ୍ଠାନରେ ଗୁରୁ ବିଚିତ୍ର ସାହୁଙ୍କଠାରୁ ଗୀଟାର ଶିକ୍ଷା ଗ୍ରହଣ କରୁଛନ୍ତି। ଗୁରୁ ମାଧବ କୁହନ୍ତି, ଏହି ୫ଜଣ ପିଲାଙ୍କ ବାଦ୍ୟଯନ୍ତ୍ର ବଜାଇବାର ଦକ୍ଷତା ଏବଂ କିଛି ନୂଆ କରିବାର ଆଗ୍ରହ ଦେଖି ଓଡ଼ିଶାର ପ୍ରଥମ ଅଲ୍ ଗର୍ଲ୍ସ ମ୍ୟୁଜିକ୍ ବ୍ୟାଣ୍ଡ ଆରମ୍ଭ କରିଛୁ। ନିକଟରେ ହୃଷୀକେଶ ପାଣିଗ୍ରାହୀଙ୍କ ମଧୁମୟ ଫାଉଣ୍ଡେଶନ୍ ଦ୍ୱାରା ଆୟୋଜିତ 'କୁଆଁର ପୂନେଇଁ ଜହ୍ନ ଲୋ' କାର୍ଯ୍ୟକ୍ରମରେ ଖୋକାଭାଇଙ୍କ ଲୋକପ୍ରିୟ ଗୀତ ଯାଯାବରକୁ ସେମାନେ ବେଶ୍ ତାଳର ସହ ମ୍ୟୁଜିକ୍ ଉପକରଣ ମାଧ୍ୟମରେ ପରିବେଷଣ କରିଥିଲେ। ଏହାକୁ ଦେଖୁଥିବା ଓ ଶୁଣୁଥିବା ପ୍ରତ୍ୟେକ ଦର୍ଶକ ଓ ଶ୍ରୋତା ଝୁମି ଉଠୁଥିଲେ ଏବଂ ଭୂରି ଭୂରି ପ୍ରଶଂସା କରିଥିଲେ। ଏମିତିକି ସେଠାରେ ଅତିଥି ଭାବେ ଯୋଗ ଦେଇଥିବା ଅକ୍ଷୟ ମହାନ୍ତିଙ୍କ ପୁଅ ଚିତ୍ରଭାନୁ ମହାନ୍ତି ଏଥିରେ ଅତ୍ୟନ୍ତ ଖୁସି ହେବା ସହ ଦର୍ଶକଙ୍କ ଅନୁରୋଧରେ ଏହି ବ୍ୟାଣ୍ଡର ମ୍ୟୁଜିକ୍ ତାଳେ ତାଳେ ସଂଗୀତ ପରିବେଷଣ କରିବା ଆମ ପାଇଁ ବେଶ୍ ଗୌରବର ବିଷୟ ଥିଲା। ଆଗକୁ ଏହି ଗର୍ଲ୍ସ ବ୍ୟାଣ୍ଡ ରାଜ୍ୟର ବିଭିନ୍ନ ମଞ୍ଚ ସହ ରାଜ୍ୟ ବାହାରେ ମଧ ପରିବେଷଣ କରିବାର ଯୋଜନା ରହିଛି।


ପାଇସ୍ ଆଣ୍ଡ ଦି ପେଟିକୋଟ୍ସ


ଦି ଭିନାଇଲ୍ ରେକର୍ଡ୍ସ

## ଜାଣନ୍ତୁ ଦୁନିଆ


# ଜୁନାଗଡ଼; ସିଟି ଅଫ୍ ହିଲ୍ସ

**ଗୁଜରାଟ ଏହାର କଳା, ଭାସ୍କର୍ଯ୍ୟ ଓ ଐତିହ୍ୟ ପାଇଁ ପୃଥିବୀ ପ୍ରସିଦ୍ଧ। ତେବେ ଏହି ରାଜ୍ୟର ଜୁନାଗଡ଼ ଜିଲାରେ ଥିବା ସୁନ୍ଦର ଗିରିନାର ପର୍ବତମାଳାରେ ଖୋଦେଇ ହୋଇଛି ଅନେକ ଆକର୍ଷଣୀୟ ମନ୍ଦିର; ଯେଉଁଥିପାଇଁ ଏହି ସହର ସିଟି ଅଫ୍ ହିଲ୍ସ ନାମରେ ପରିଚିତ। ଜାଣନ୍ତୁ ଏହା ସମ୍ପର୍କରେ...**

➔୩୬୦୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଗିରିନାର ପର୍ବତମାଳା ହେଉଛି ଗୁଜରାଟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ। କାରଣ ଏହି ରାଜ୍ୟର ଜୁନାଗଡ଼ ଜିଲାରେ ଥିବା ଏହି ପର୍ବତମାଳା ମଧ୍ୟରୁ ୫ଟି ଶିଖରରେ ପଥର ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟ ହୋଇଥିବା ୮୬୬ ମନ୍ଦିର ଅଛି। ଏହି ମନ୍ଦିରର ଦେବଦେବୀଙ୍କୁ ହିନ୍ଦୁ ଓ ଜୈନ ଭକ୍ତମାନେ ପୂଜା କରିଥା'ନ୍ତି। ଯେଉଁଥିପାଇଁ ଏହାକୁ ଗିରି ନଗର ବା ସିଟି ଅଫ୍ ହିଲ୍ସ।

➔ପର୍ବତ ଶିଖରରେ ସେଠାକାର ଲୋକପ୍ରିୟ ଗୁରୁ ଦତ୍ତାତ୍ରେୟଙ୍କର ମନ୍ଦିର ରହିଛି। ଦତ୍ତାତ୍ରେୟଙ୍କ ପାଦ ଚିହ୍ନ ଏଠାରେ ଏବେବି ରହିଥିବା କୁହାଯାଏ।

➔ପାହାଡ଼ ପାଦଦେଶରୁ ଶୀର୍ଷରେ ଥିବା ଶେଷ ମନ୍ଦିରଯାଏ ୧୦,୦୦୦ ଶିଢ଼ି ରହିଥିବା କୁହାଯାଏ। ତେବେ ୭୦୦୦ ଶିଢ଼ି ଚଢ଼ିବା ପରେ ପ୍ରଥମ ମନ୍ଦିର ଆସିଥାଏ। ସେହି ସ୍ଥାନରେ ୫ଟି ମନ୍ଦିର ରହିଛି, ଯେଉଁଠାରେ ଜୈନ ଭକ୍ତମାନେ ପୂଜା କରିଥା'ନ୍ତି।



➔ଏଠାରେ ପ୍ରତିବର୍ଷ ପର୍ବତ ପାଦଦେଶରୁ ଆରମ୍ଭ କରାଯାଇ ଶିଖର ପର୍ଯ୍ୟନ୍ତ ଏକ ଦୌଡ଼ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ସ୍ଥାନୀୟ ଲୋକମାନଙ୍କ ମତାନୁଯାୟୀ, ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଲା ଏଠାକୁ ଟ୍ରେକିଂ ପାଇଁ ଆସୁଥିବା ଲୋକଙ୍କୁ ଶୃଙ୍ଗ ପର୍ଯ୍ୟନ୍ତ ପହଞ୍ଚିବାକୁ ୫ରୁ ୮ ଘଣ୍ଟା ଲାଗୁଥିବା ବେଳେ ଦୌଡ଼ ପ୍ରତିଯୋଗିତାରେ ପର୍ବତ ଶିଖରରେ ପହଞ୍ଚିବାକୁ ଏପର୍ଯ୍ୟନ୍ତ ରେକର୍ଡ କରାଯାଇଥିବା ସର୍ବନିମ୍ନ ସମୟ ହେଉଛି ୪୩ ମିନିଟ୍।

## ଏ ସପ୍ତାହର ପ୍ରଶ୍ନ ?

୧– କିରୁ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରୋଜେକ୍ଟ .......... ଠାରେ ଅବସ୍ଥିତ ?
୨– ଆକାଶ ମିଜାଇଲ୍ ସିଷ୍ଟମ ............... ପକ୍ଷରୁ ଡିଜାଇନ୍ ଏବଂ ପ୍ରସ୍ତୁତ କରାଯାଇଛି ?
୩– କାମ୍ପି ଫ୍ଲେଗ୍ରେଇ ଭଲ୍‌କାନୋ ........... ଦେଶରେ ଅବସ୍ଥିତ ?
୪– ଏକ୍ସରସାଇଜ୍ ସମୁଦ୍ର ଶକ୍ତି–୨୦୨୫ ଭାରତ ଏବଂ ............. ଦେଶ ମଧ୍ୟରେ ଆୟୋଜନ କରାଯାଇଛି ?
୫– ପ୍ରେସର କୁକର୍‌ର ଉଦ୍ଭାବକ ............ ?

## ଗତ ଥରର ଉତ୍ତର

୧ ଅକ୍ଟୋବର ୧୦
୨ କୃଷ୍ଣା ନଦୀ
୩ ନାଗାଲାଣ୍ଡ
୪ ତ୍ରିପୁରା
୫ ସାମନ୍ଥା ହାର୍ଭି

## ଉତ୍ତର ଦାତା


ଶେଖ୍ ୟାକୁବ୍
ଗୋପ


ମାନସ ପଟ୍ଟନାୟକ
ଭୁବନେଶ୍ୱର


ନରେଶ ପ୍ରଧାନ
ସୁକିନ୍ଦା


## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ଧନୀ ବ୍ୟକ୍ତି –୨୦୨୫ (ଫୋର୍ବ୍ସ)

୧ . ଏଲନ୍ ମସ୍କ (ଆମେରିକା)................ ୪୯୩.୨ ବିଲିଅନ୍ ଡଲାର
୨. ଲ୍ୟାରୀ ଏଲିସନ୍ (ଆମେରିକା) ........... ୩୩୯.୪ ବିଲିଅନ୍ ଡଲାର
୩. ମାର୍କ ଜୁକରବର୍ଗ (ଆମେରିକା) ............ ୨୫୧.୪ ବିଲିଅନ୍ ଡଲାର
୪. ଜେଫ୍ ବେଜସ୍ (ଆମେରିକା) .............. ୨୩୩.୯ ବିଲିଅନ୍ ଡଲାର
୫. ଲ୍ୟାରୀ ପେଜ୍ (ଆମେରିକା) .............. ୨୧୦.୧ ବିଲିଅନ୍ ଡଲାର
୬. ସର୍ଗୀ ବ୍ରିନ୍ (ଆମେରିକା) ................... ୧୯୪.୯ ବିଲିଅନ୍ ଡଲାର
୭. ବର୍ନାଡ ଆର୍‌ନଲ୍ଟ (ଫ୍ରାନ୍ସ) .................. ୧୮୬ ବିଲିଅନ୍ ଡଲାର
୮. ଜାନ୍‌ସେନ୍ ହୁଆଙ୍ଗ୍ (ଆମେରିକା) ......... ୧୫୮.୨ ବିଲିଅନ୍ ଡଲାର
୯. ଷ୍ଟିଭ୍ ବାଲ୍‌ମର୍ (ଆମେରିକା) .............. ୧୫୬.୬ ବିଲିଅନ୍ ଡଲାର
୧୦. ମାଇକେଲ୍ ଡେଲ୍ (ଆମେରିକା) ........ ୧୪୭.୩ ବିଲିଅନ୍ ଡଲାର

## ୟୁଥ୍ ଆଲର୍ଟ

# ଖାଇବା ପରେ ଚା' ପିଉଥିଲେ



**ଖାଇସାରିବା ପରେ କେତେକ ଯୁବତୀଯୁବକଙ୍କର ଚା' ପିଇବା ଅଭ୍ୟାସ ରହିଛି। ପାଟିକୁ ଭଲ ଲାଗିବା ଅବା ମୁଡ୍‌ଫ୍ରେଶ୍ କରିବା ଆଳରେ ଖାଇବାପରେ ପିଆଯାଉଥିବା ଏହି ଚା' କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ। ଜାଣିରଖନ୍ତୁ ସେ ସମ୍ପର୍କରେ...**

❖ପାଠପଢ଼ାର ଚାପ କିମ୍ବା ଅଫିସ୍‌ରେ ଦୀର୍ଘ ସମୟ କାମ କରିବା ପରେ ଯେତେବେଳେ ଖାଇବା ସମୟ ଆସେ, ଅନେକେ ଖାଇବା ପରେ ରିଲାକ୍ସ ଫିଲ୍ କରିବା ଲାଗି କପେ ଚା' ପିଉଥିବା ଦେଖିବାକୁ ମିଳିଥାଏ। ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ବଦଭ୍ୟାସ ଶରୀର ପାଇଁ କ୍ଷତିକାରକ ହୋଇପାରେ।

❖ଖାଇବା ପରେ ଚା' ପିଇଲେ ଏଥିରେ ଥିବା ଟାନିନ୍ ନାମକ କମ୍ପାଉଣ୍ଡ ଖାଦ୍ୟରେ ଥିବା ସମସ୍ତ ପୋଷକ ତତ୍ତ୍ୱକୁ ସମ୍ପୂର୍ଣ୍ଣ ଭାବେ ଅବଶୋଷିତ ହେବାକୁ ଦେଇ ନ ଥାଏ।

❖ଏମିତିକି ଏହା ଆଇରନ ଅବଶୋଷଣ ପ୍ରକ୍ରିୟାକୁ ମଧ ବାଧାପ୍ରାପ୍ତ କରାଇଥାଏ, ଯଦ୍ୱାରା ଧୀରେ ଧୀରେ ଶରୀରରେ ଆଇରନ ମାତ୍ରା ହ୍ରାସ ପାଇ ଆନେମିଆ ଭଳି ଜଟିଳ ସମସ୍ୟାର ବି ଆଶଙ୍କା ବୃଦ୍ଧି କରିଥାଏ।



❖ଚା'ରେ ଥିବା କାଫିନ୍ ଏବଂ ଟାନିନ୍ ଖାଦ୍ୟ ହଜମ ହେବା ଲାଗି ଆବଶ୍ୟକ ହେଉଥିବା ପାଚନ ରସ ବା ଡାଇଜେଷ୍ଟିଭ୍ ଏନ୍‌ଜାଇମ୍ କ୍ଷରଣରେ ବାଧା ସୃଷ୍ଟି କରିଥାଏ। ଯଦ୍ୱାରା ଖାଦ୍ୟ ଠିକ୍ ଭାବେ ହଜମ ହୋଇପାରେ ନାହିଁ ଏବଂ ବଦହଜମି, ଗ୍ୟାସ୍, ବ୍ଲୋଟିଂ ଭଳି ସମସ୍ୟା ଉପୁଜିଥାଏ।

❖ଚା'ରେ ଥିବା କାଫିନ୍ ଷ୍ଟୋମାକ୍ ଏସିଡ୍ ବୃଦ୍ଧି କରିଥାଏ, ଯାହାକି ପରବର୍ତ୍ତୀ ସମୟରେ ଛାତି ଜଳିବା, ପେଟ ଯନ୍ତ୍ରଣା ହେବା, ଅଣନିଃଶ୍ୱାସି ଲାଗିବା ଭଳି ସମସ୍ୟା ସୃଷ୍ଟି କରିଥାଏ।

❖ରାତ୍ରଭୋଜନ ପରେ ଚା' ପିଇଲେ ରାତିରେ ନିଦ୍ରାହୀନତା ଜନିତ ସମସ୍ୟା ସୃଷ୍ଟି କରିଥାଏ। ପ୍ରତିଦିନ ଏପରି ହେଲେ ଏହା ସମ୍ବନ୍ଧିତ ଅନ୍ୟାନ୍ୟ ମାନସିକ ସମସ୍ୟା ଉପୁଜିଥାଏ।

❖ତେଣୁ ଚା' ପିଇବା ଅଭ୍ୟାସ ଥିଲେ ହଜମକ୍ରିୟା ବାଧାପ୍ରାପ୍ତ ନ ହେବା ଲାଗି ଖାଇବାର ଅତିକମ୍‌ରେ ଏକ ଘଣ୍ଟା ପୂର୍ବରୁ କିମ୍ବା ଏକ ଘଣ୍ଟା ପରେ ଚା' ପିଅନ୍ତୁ। ରାତ୍ରିଭୋଜନ ପରେ ଆଦୌ ଚା' ନ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର।

# ଭାରତକୁ ଜିତାଇଲେ ରୋ-କୋ

**ସିଡନୀ, ୨୫।୧୦**

ରୋ-କୋ ଭାବେ ପରିଚିତ ଭାରତୀୟ ଦଳର ଦୁଇ ସିନିୟର ଷ୍ଟାର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଜବରଦସ୍ତ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ୍ ମ୍ୟାଚ୍‌କୁ ଭାରତ ସହଜରେ ୯ ଉଇକେଟରେ ଜିତି ନେଇଛି। ସିରିଜ୍ ଆରମ୍ଭରୁ ପ୍ରଦର୍ଶନ ଲାଗି ଚାପରେ ଥିବା ରୋହିତ ଅପରାଜିତ ୧୨୧ ଓ କୋହଲି ଅପରାଜିତ ୭୪ ରନର ଇନିଂସ ଖେଳି ସମାଲୋଚକଙ୍କୁ ଚୁପ କରି ଦେଇଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଦତ୍ତ ୨୩୭ ରନର ଟାର୍ଗେଟକୁ ଭାରତ ୩୮.୩ ଓଭରରେ ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ପରାଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତି ନେଇଛି। ରୋହିତଙ୍କୁ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆକୁ ଅଧିନାୟକ ମିଚେଲ ମାର୍ଶ ଓ ଟ୍ରାଭିସ ହେଡ୍ ୬୧ ରନର ଭଲ ଆରମ୍ଭ ଦେଇଥିଲେ। ଭାରତୀୟ ପେସର ମହମ୍ମଦ ସିରାଜ ପ୍ରଥମ ପାୱାରପ୍ଲେର ଅନ୍ତିମ ଓଭରରେ ହେଡ୍ (୨୯ ରନ୍, ୬ ଚୌକା)ଙ୍କୁ ପାଭିଲିଅନ ପଠାଇଥିଲେ। ଏହାପରେ ଅଧିନାୟକ ମାର୍ଶ ୪୧ (୫ ଚୌକା ଓ ୧ ଛକା) ଓ ମାଥ୍ୟୁ ଶର୍ଟ ୩୦ (୨ ଚୌକା) ରନ କରି ଆଉଟ୍ ହୋଇଥିଲେ। ମ୍ୟାଟ ରେନଶ (୫୬ ରନ୍, ୨ ଚୌକା) ଓ ଆଲେକ୍ସ କ୍ୟାରୀ (୨୪ ରନ୍, ୧ ଚୌକା)



ମ୍ୟାଚ୍ ଜିତେଇବା ପରେ ରୋହିତ ଶର୍ମା ଓ ବିରାଟ କୋହଲି।

### ଅଷ୍ଟ୍ରେଲିଆ ୨-୧ରେ ସିରିଜ୍ ଜିତିଲା

ଚତୁର୍ଥ ଉଇକେଟରେ ୫୯ ରନର ଭାଗୀଦାରି କରିଥିଲେ। ଏହିଠାରୁ ଅଷ୍ଟ୍ରେଲିଆର ବ୍ୟାଟିଂ ଲାଇନ୍ ଭୁଶୁଡ଼ି ପଡ଼ିଥିଲା। ଏକଦା ୧୮୩/୩ ସ୍କୋର କରିଥିବା ଘରୋଇ ଅଷ୍ଟ୍ରେଲିଆ ଦଳ ୪୬.୪ ଓଭରରେ ୨୩୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତ ପାଇଁ ହର୍ଷିତ ରାଣା ସର୍ବାଧିକ ୪ ଓ ୱାଶିଂଟନ ସୁନ୍ଦର ୨ ଉଇକେଟ ନେଇଥିଲେ। ଜବାବରେ ଭାରତକୁ ଅଧିନାୟକ ଶୁବମନ ଗିଲ ଓ ରୋହିତ ଦୃଢ଼ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ପ୍ରଥମ ଉଇକେଟରେ ୬୯ ରନ ଯୋଡ଼ିଥିଲେ। ଅଧିନାୟକ ଗିଲ ୨୪ ରନ କରି ଜୋଶ ହାଜେଲଉଡ୍‌ଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ଦୁଇ ପୂର୍ବତନ ଅଧିନାୟକ ରୋହିତ ଓ କୋହଲି ଦାୟିତ୍ୱ ସମ୍ଭାଳିଥିଲେ। କ୍ୟାରିୟରରେ ପ୍ରଥମ ଥର ପାଇଁ ଲଗାତର ଦୁଇ ମ୍ୟାଚ୍‌ରେ ଖାତା ଖୋଲିବାରେ ବିଫଳ ହୋଇଥିବା କୋହଲି ପ୍ରଥମ ବଲରେ ସିଙ୍ଗଲ ନେଇଥିଲେ, ଏହାକୁ ଦର୍ଶକ ତାଳି ମାରି ସ୍ୱାଗତ କରିଥିଲେ। ଦୁହେଁ ଅବିଭାଜିତ ଦ୍ୱିତୀୟ ଉଇକେଟରେ ୧୬୮ ରନ ଯୋଡ଼ି ଦଳକୁ ଜିତାଇ ଥିଲେ। ଫଳରେ ଭାରତ ୩୮.୩ ଓଭରରେ ୧ ଉଇକେଟ ହରାଇ ୨୩୭ ରନ କରି ମ୍ୟାଚ୍ ଜିତିନେଇଥିଲା। ୨୦୨୦ ପରେ ଦୁହିଁଙ୍କ ମଧ୍ୟରେ ଏହା ପ୍ରଥମ ଶତକୀୟ ଭାଗୀଦାରି ଥିଲା। ମୋଟ ଉପରେ ଏହା ଦୁହିଁଙ୍କ ମଧ୍ୟରେ ୧୯ତମ ଶତକୀୟ ଭାଗୀଦାରି। ରୋହିତ ୧୩ ଚୌକା ଓ ୩ ଛକା ସହିତ ଅପରାଜିତ ୧୨୧ ରନ କରିଥିଲେ। ଏହା ତାଙ୍କ କ୍ୟାରିୟରର ୩୩ତମ ଦିନିକିଆ ଶତକ ଥିଲା। କୋହଲି ୭ ଚୌକା ସହିତ ୭୪ ରନ କରି ଅପରାଜିତ ରହିଥିଲେ। ଏହା ତାଙ୍କ କ୍ୟାରିୟରର ୭୫ତମ ଅର୍ଦ୍ଧଶତକ ଥିଲା ଏବଂ ଏଥିସହିତ ସେ ଦିନିକିଆ ଫର୍ମାଟରେ ସର୍ବାଧିକ ରନ କରିଥିବା ବ୍ୟାଟରଙ୍କ ତାଲିକାରେ ଶ୍ରୀଲଙ୍କାର କୁମାର ସାଙ୍ଗାକାରାଙ୍କୁ ପଛରେ ପକାଇ ସଚିନ ତେନ୍ଦୁଲକରଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୪୬.୪ ଓଭରରେ ୨୩୬/ଅଲଆଉଟ୍ (ମ୍ୟାଟ ରେନଶ-୫୬, ମିଚେଲ ମାର୍ଶ-୪୧, ହର୍ଷିତ ରାଣା-୪/୩୯, ୱାଶିଂଟନ ସୁନ୍ଦର-୨/୪୪, ଅକ୍ଷର ପଟେଲ-୧/୧୮, ମହମ୍ମଦ ସିରାଜ-୧/୨୪)। ଭାରତ: ୩୮.୩ ଓଭରରେ ୨୩୭/୧ (ରୋହିତ ଶର୍ମା-୧୨୧*, ବିରାଟ କୋହଲି-୭୪*, ଶୁବମନ ଗିଲ-୨୪, ଜୋଶ ହାଜେଲଉଡ-୧/୨୩)।

# ଆହାନ ରନରଅପ୍

**ଭୁବନେଶ୍ୱର, ୨୫।୧୦(ଅନାଦି କର)**

ଟେନିସ ଖେଳାଳି ଆହାନ ମିଶ୍ର ପୁଣି ଥରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କାମେରୁନର ଡଉଲାଠାରେ ଅନୁଷ୍ଠିତ ଆଇଟିଏଫ୍ ଜେ ୩୦ ଜୁନିୟର ଟେନିସ ଚାମ୍ପିୟନଶିପ୍‌ର ଡବଲ୍ସ ବର୍ଗରେ ସେ ରନରଅପ୍ ହୋଇଛନ୍ତି। ଅଭିଭାଦ୍ୟ ମିଶ୍ରଙ୍କୁ ସାଥୀ କରି ଖେଳୁଥିବା ଆହାନ ଫାଇନାଲରେ ୪-୬, ୨-୬ ସେଟ୍‌ରେ ଗ୍ରେଟ ବ୍ରିଟେନର ହ୍ୟାରୀ କର୍ନହିଲ ଓ ଭାରତର ନିଶିତ ଆର୍ମିଲିଙ୍କଠାରୁ ପରାସ୍ତ ହୋଇଥିଲେ। ଟୁର୍ନାମେଣ୍ଟର ସିଙ୍ଗିଲ୍ସ ବର୍ଗରେ ଆହାନ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ସେ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ବେଲଜିୟମର ଏଲିଅଟ ନୁଟ୍ସଙ୍କଠାରୁ ୪-୬, ୩-୬ ସେଟରେ ପରାଜିତ ହୋଇଥିଲେ। ଆହାନ ୪ ଆଇଟିଏଫ୍ ଟୁର୍ନାମେଣ୍ଟରେ ଭାଗ ନେବା ପାଇଁ ଆଫ୍ରିକା ଟୁର କରିଛନ୍ତି। ଏହା ତାଙ୍କର ପ୍ରଥମ ଟୁର୍ନାମେଣ୍ଟ ଥିଲା।



# ମନିକା ବାତ୍ରା କ୍ୱାର୍ଟରରେ

**ନୂଆଦିଲ୍ଲୀ, ୨୫।୧୦ (ପି.ଟି.)**

ସେ ବିଶ୍ୱର ୧୨ତମ ନମ୍ବର ଖେଳାଳି ଚାଇନାର ଶି' ଜୁନ୍‌ୟାଓଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ଭାରତର ଷ୍ଟାର ଟେବୁଲ ଟେନିସ (ଟିଟି)ଖେଳାଳି ମନିକା ବାତ୍ରା ଲଣ୍ଡନରେ ଖେଳାଯାଉଥିବା ୩୦୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଡବ୍ଲ୍ୟୁଟିଟି ଷ୍ଟାର କଣ୍ଟେଣ୍ଡର ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। କୋପର ବକ୍ସ ଆରେନାରେ ଶନିବାର ଖେଳାଯାଇଥିବା ଏକ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ବିଶ୍ୱର ଏହି ୪୩ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ୫ମ ସିଡ୍ ଚାଇନିଜ ଖେଳାଳିଙ୍କୁ ୧୧-୬, ୧୧-୪, ୮-୧୧, ୧୧-୯ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୩୭ ମିନିଟରେ ଶେଷ ହୋଇଥିଲା।




# ଅଷ୍ଟ୍ରେଲିଆ-ଭାରତ ସେମିଫାଇନାଲ

**ଇନ୍ଦୋର, ୨୫।୧୦**

**ମହିଳା କ୍ରିକେଟ୍ ବିଶ୍ୱକପ୍**

ଲେଗ୍ ସ୍ପିନର ଆଲାନା କିଙ୍ଗଙ୍କ ରେକର୍ଡ ୭ ଉଇକେଟ ସଫଳତା ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା କ୍ରିକେଟ୍ ବିଶ୍ୱକପ୍ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଅତି ସହଜରେ ୩୩.୧ ଓଭର ପୂର୍ବରୁ ୭ ଉଇକେଟରେ ଜିତି ନେଇଛି। ମହିଳା ଦିନିକିଆ ବିଶ୍ୱକପ୍ ଇତିହାସରେ ଏହା ଅଷ୍ଟ୍ରେଲିଆ ଲାଗି କ୍ରମାଗତ ୧୫ତମ ବିଜୟ। ଏଥିପୂର୍ବରୁ ୧୯୯୭ ଓ ୨୦୦୦ ବିଶ୍ୱକପ୍ ସଂସ୍କରଣରେ ଅଷ୍ଟ୍ରେଲିଆ ମହିଳା ଦଳ ଲଗାତର ୧୫ ମ୍ୟାଚ୍ ଜିତିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ମାତ୍ର ୯୮ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୧୬.୫ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ଯୋଗୁ ଅଷ୍ଟ୍ରେଲିଆ ଚଳିତ ବିଶ୍ୱକପ୍‌ରେ ଅପରାଜେୟ ଭାବେ ଲିଗ୍ ପର୍ଯ୍ୟାୟ ଶେଷ କରିବା ସହ ଶୀର୍ଷରେ ରହିଛି। ଏଥିଯୋଗୁ ଦଳ ତା'ର ସେମିଫାଇନାଲ ମ୍ୟାଚ୍‌ରେ ଚତୁର୍ଥ ସ୍ଥାନରେ ଥିବା ଭାରତକୁ ଭେଟିବ। ଏହି ମ୍ୟାଚ୍ ୩୦ ତାରିଖରେ ଖେଳାଯିବ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଆଲାନାଙ୍କ ସ୍ପିନ ଜାଲରେ ଛନ୍ଦି ହୋଇ ୨୪ ଓଭରରେ ୯୭ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅଧିନାୟିକା ଲୌରା ୱୋଲଭାର୍ଟ (୩୧), ସିନାଲୋ ଜାଫ୍ତା (୨୯) ଓ ନାଦିନେ ଡି କ୍ଲର୍କ (୧୪)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଅଷ୍ଟ୍ରେଲିଆ ପାଇଁ ଆଲାନା ୭ ଓଭରରେ ୧୮ ରନ ଦେଇ ସର୍ବାଧିକ ୭ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୬.୫ ଓଭରରେ ୩ ଉଇକେଟ ହରାଇ ୯୮ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ବେଥ ମୁନି ୪୨ ଓ ଜର୍ଜିଆ ଭଲ ୩୮ ରନ କରି ଅପରାଜିତ ରହିଥିଲେ।

# ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ, ବିଷୋଇଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୫।୧୦ (ବିଜୟ ରଣା)**

ଅଷ୍ଟ୍ରେଲିଆନ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ୨୦୨୫ରେ ଭାରତ ଆଧିପତ୍ୟ ବିସ୍ତାର କରି ପଦକ ତାଲିକାରେ ଶୀର୍ଷ ସ୍ଥାନ ସହ ଏହାର ଅଭିଯାନ ଶେଷ କରିଛି। ଏଥିରେ ପାରାଲିମ୍ପିକ ଚାମ୍ପିୟନ ପ୍ରମୋଦ ଭଗତ ଦୁଇ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସୁକାନ୍ତ କଦମ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ଜିତିଥିଲେ। ଭଗତ ଫାଇନାଲରେ ନିଜ ଦେଶର ମନୋଜ ସରକାରଙ୍କୁ ୨୧-୧୫, ୨୧-୧୭ରେ ପରାସ୍ତ କରି ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍୩ ଟାଇଟଲ ଜିତିଥିଲେ। ସେ କଦମଙ୍କୁ ସାଥୀ କରି ଭାରତୀୟ ଯୋଡ଼ି ଉମେଶ ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କୁ ୨୧-୧୧, ୧୯-୨୧, ୨୧-୧୮ରେ ହରାଇ ପୁରୁଷ ଡବଲ୍ସ ଏସ୍‌ଏଲ୍୩-ଏସ୍‌ଏଲ୍୪ ଚାମ୍ପିୟନ ହୋଇଥିଲେ। କଦମ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୪ କାଟେଗୋରୀରେ ରୌପ୍ୟ ଜିତିଥିଲେ। ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ସେ ସୂର୍ଯ୍ୟକାନ୍ତଙ୍କଠାରୁ ୨୧-୨୩, ୨୧-୧୪, ୧୯-୨୧ରେ ହାରିଯାଇଥିଲେ।

ଓଡ଼ିଶାର ଦୀପ ରଞ୍ଜନ ବିଷୋଇ ପୁରୁଷ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ଡବଲ୍ସ ଏସ୍‌ଏଲ୍୩-ଏସ୍‌ଏଲ୍୪ ବର୍ଗରେ ଭାରତର ମନୋଜ ସରକାରଙ୍କ ସହ ଖେଳୁଥିବା ରଞ୍ଜନ ବିଷୋଇ ସେମିଫାଇନାଲରେ ୧୯-୨୧, ୧୬-୨୧ ଗେମ୍‌ରେ ପ୍ରମୋଦ ଓ ସୁକାନ୍ତ କଦମଙ୍କଠାରୁ ପରାଜିତ ହୋଇଥିଲେ।





# ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ୧୪ରୁ

**ଭୁବନେଶ୍ୱର, ୨୫।୧୦ (ବିଜୟ ରଣା)**

ବହୁପ୍ରତିକ୍ଷୀତ ରାଜ୍ୟର ସବୁଠାରୁ ବଡ଼ ଚେସ୍ ଇଭେଣ୍ଟ ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍) ୨୦୨୫ ସ୍ଥାନୀୟ ଖାରବେଳ ନଗରସ୍ଥିତ ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲରେ ନଭେମ୍ବର ୧୪ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ ଆଇକନିକ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏଫ୍)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିୟନଶିପରେ୍ ଅଞ୍ଚଳର ଚେସ୍ ପ୍ରତିଭାଙ୍କ ଖେଳ ଦେଖିବାକୁ ମିଳିବ। ଏହା ଆଇପିଏଲ୍ ଫ୍ରାଞ୍ଚାଇଜ୍ ଫର୍ମାଟ ଷ୍ଟାଇଲରେ ଖେଳାଯିବ। ଇଭେଣ୍ଟରେ ମୋଟ ୧୨ ଫ୍ରାଞ୍ଚାଇଜ୍ ଦଳ ଭାଗ ନେବେ। ପ୍ରତ୍ୟେକ ଦଳରେ ୮ଜଣ ଖେଳାଳି ରହିବେ। ସେମାନଙ୍କ ମଧ୍ୟରୁ ୬ଜଣ ଖେଳିବେ। ସେମାନଙ୍କ ମଧ୍ୟରୁ ୪ଜଣ ଓଡ଼ିଶାର ହେବା ଦରକାର। ପ୍ରତ୍ୟେକ ଦଳରେ ଜଣେ ମହିଳା ଖେଳାଳି ବାଧ୍ୟତାମୂଳକ। କମ୍ପାନୀ, ବିଲ୍ଡର ଅବା ବିଜନେସ ଗ୍ରୁପ୍ ଫ୍ରାଞ୍ଚାଇଜର ମାଲିକ ହୋଇପାରିବେ। ଟିମ୍ ଫ୍ରାଞ୍ଚାଇ ନିଲାମ ନଭେମ୍ବର୬ରେ ଭୁବନେଶ୍ୱରସ୍ଥିତ ଲେମନ ଟ୍ରି'ରେ ହେବ। ଫ୍ରାଞ୍ଚାଇଜ୍ ସାଇନ୍ ଅପ୍ ଏବଂ ନିଲାମରେ ଅଂଶଗ୍ରହଣ ଶେଷ ତାରିଖ ନଭେମ୍ବର ୭ ତାରିଖ ରଖାଯାଇଛି। ପ୍ରତି ଦଳ ପାଇଁ ନିଲାମ କ୍ରୟ ସୀମା ୨ଲକ୍ଷ ଟଙ୍କା ଏବଂ ପ୍ରବେଶ ଶୁଳ୍କ ୧ଲକ୍ଷ ଟଙ୍କା ଫେରସ୍ତ ଯୋଗ୍ୟ ନୁହେଁ। ଖେଳାଳି ପଞ୍ଜୀକରଣ ଶେଷ ତାରିଖ ଅକ୍ଟୋବର ୧୮ ତାରିଖ ରଖାଯାଇଛି। ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ୨୦୨୫ ପାଇଁ ମୋଟ ପୁରସ୍କାର ରାଶି ୧୦ ଲକ୍ଷ ଟଙ୍କା ରଖାଯାଇଛି। ପ୍ରଥମ ପୁରସ୍କାର ୫ ଲକ୍ଷ, ଦ୍ୱିତୀୟ ପୁରସ୍କାର ୩ ଲକ୍ଷ ଏବଂ ତୃତୀୟ ପୁରସ୍କାର ୨ ଲକ୍ଷ ଟଙ୍କା ରଖାଯାଇଛି। ଇତିମଧ୍ୟରେ ୧୯୦ ଖେଳାଳି ସେମାନଙ୍କ ନାମ ପଞ୍ଜୀକୃତ କରିସାରିଛନ୍ତି। ଟୁର୍ନାମେଣ୍ଟର ସୁପରିଚାଳନା ନିମିତ ଏକ ସମନ୍ୱୟ ବୈଠକ ଇତିମଧ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ